‘ବ୍ୟଙ୍ଗ ପ୍ରମାଦ’



ବିଜେପି ସରକାରକୁ ଦୁଇ ବର୍ଷ ପୁରିଲା
ରାଜ୍ୟର କ’ଣ ହୋଇଛି ବିକାଶ ?
ନବୀନ ଗଲେ ମୋହନ ଆସିଲେ
ଲୋକଙ୍କ ତୁଟି ଯାଉଅଛି ବିଶ୍ୱାସ
ନୀଳ ରଙ୍ଗ ପରେ ଗେରୁଆ ବୋଲିଲେ
ବିଜେପି ନେତା-ମନ୍ତ୍ରୀଙ୍କ ମୁହଁରେ ହସ
ଜନତା ଏବେ ବିକଳ୍ପ ଖୋଜନ୍ତି
କେବେ ହେବ ଏହି ଶାସନ କାଳର ଶେଷ ?


# ଜନବାର୍ତ୍ତା
## ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

PRGI NO-ORORI/26/A0341 ପ୍ରତିଷ୍ଠାତା - ବିଜୟ କୁମାର ପଟ୍ଟନାୟକ Weekly (ସାପ୍ତାହିକ) www.janabartta.com

VOL-1 | ISSUE-16 | BHUBANESWAR | 07 Jun to 13 Jun, 2026 | Rs-8/- | ବର୍ଷ-୧ | ସଂଖ୍ୟା-୧୬ | ଭୁବନେଶ୍ୱର | ୦୭ଜୁନ୍ ରୁ ୧୩ ଜୁନ୍, ୨୦୨୬ | ପୃଷ୍ଠା-୮ | ମୂଲ୍ୟ-୮ଟଙ୍କା



**ADVERTISEMENT TARIFF**

| | |
|---|---|
| FULL PAGE FRONT | RS. 1,00,000.00 |
| FULL PAGE BACK | RS. 80,000.00 |
| FULL PAGE COVER | RS. 80,000.00 |
| FULL PAGE INNER | RS. 80,000.00 |
| HALF PAGE FR/BK | RS. 50,000.00 |
| QUARTER PAGE | RS. 25,000.00 |
| EAR PANEL FRONT | RS. 5,000.00 |
| EAR PANEL BACK | RS. 5,000.00 |


# ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର

ଓଡ଼ିଶାର ଯୁବକ ଯୁବତୀମାନଙ୍କୁ ଅସରପା ହେବାରୁ ରକ୍ଷା କରିବାକୁ ହେଲେ ସେମାନଙ୍କୁ ବହୁଳ ପରିମାଣରେ ନିଯୁକ୍ତି ଦେବାକୁ ହେବ । ନିର୍ବାଚନ ସମୟରେ ବିଭିନ୍ନ ଦଳ କୋଟି କୋଟି ବ୍ୟକ୍ତିଙ୍କୁ ନିଯୁକ୍ତି ଦେବାର ପ୍ରତିଶୃତି ଦେଇଥାନ୍ତି । କିନ୍ତୁ ନିର୍ବାଚନ ସରିଲେ ଯୁବକ ଯୁବତୀଙ୍କ କଥା ସମସ୍ତେ ଭୁଲିଯାଆନ୍ତି । ଆସନ୍ତୁ ଦେଖିବା ପ୍ରତିଶୃତି ପୂରଣ କରିବା ପାଇଁ ସରକାରମାନେ କେଉଁ କେଉଁ ପନ୍ଥା ଅବଲମ୍ବନ କରିଛନ୍ତି ଓ ତାହା କେତେ ଦୂର ସଫଳ ହୋଇଛି ।

ଗୋଟିଏ ପନ୍ଥା ହେଉଛି, ‘ମେକ ଇନ ଇଣ୍ଡିଆ’ ଓ ‘ମେକ ଇନ ଓଡ଼ିଶା’। ୨୦୧୭ ମସିହାରୁ ‘ମେକ ଇନ ଓଡ଼ିଶା’ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ବିଭିନ୍ନ ସଂସ୍କରଣରେ ଲକ୍ଷ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବ ଆସିଛି ବୋଲି ଘୋଷଣା କରାଯାଇଛି । କିନ୍ତୁ ଆଜି ସୁଦ୍ଧା କେତେ ଜଣ ନିଯୁକ୍ତି ପାଇଛନ୍ତି ? ସୂଚନା ଅଧିକାର ଆଇନ ଦ୍ୱାରା ଏଇ ପ୍ରଶ୍ନ ପଚରା ଯାଇଥିଲା । ଉତ୍ତର ମିଳିଲା ଯେ, ସେ ତଥ୍ୟ ସରକାରଙ୍କ ପାଖରେ ନାହିଁ । ଏପରିକି ବୁଝାମଣା ପତ୍ର ସ୍ୱାକ୍ଷର କରିଥିବା ପ୍ରକଳ୍ପ ଗୁଡ଼ିକ ମଧ୍ୟରୁ କେତୋଟି କାର୍ଯ୍ୟକ୍ଷମ ହେଲା ତାହାର ମଧ୍ୟ ସଠିକ ତଥ୍ୟ ନାହିଁ । ଏହାର ଅର୍ଥ ହେଲା ‘ମେକ ଇନ ଓଡ଼ିଶା’ କେବଳ ଏକ ଆଡ଼ମ୍ବରପୂର୍ଣ୍ଣ ସମାରୋହ ଯେଉଁଥିରେ ସରକାର କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି କିନ୍ତୁ ବେରୋଜଗାରି ଦୂର କରିବା ପାଇଁ ଏହା ଏକ ଉପଯୁକ୍ତ ଅସ୍ତ୍ର ନୁହେଁ ।



ବିଜୟ କୁମାର ପଟ୍ଟନାୟକ

ଏହା ବ୍ୟତୀତ ଯେଉଁ ଲକ୍ଷ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ କଥା କୁହାଯାଉଛି ତାହାର ସିଂହ ଭାଗ ଯାଉଛି ବୃହତକାୟ ମେଶିନ ଉଦ୍ଦେଶ୍ୟରେ, ଯାହା ତିଆରି ହୁଏ ସୁଦୂର ଚାଇନା ବା ଜର୍ମାନୀରେ । ନିଯୁକ୍ତି ମିଳେ ମାତ୍ର କେତେ ହଜାର ଲୋକଙ୍କୁ । ସେଥିରୁ ଓଡ଼ିଆଙ୍କ ସଂଖ୍ୟା କେତେ ? ପୁଣି ସେମାନେ କମ୍ପାନୀର ନିଜସ୍ୱ କର୍ମଚାରୀ ନା କୌଣସି ଠିକାଦାର ଦ୍ୱାରା ନିଯୁକ୍ତ ? କମ୍ପାନୀର ନିଜସ୍ୱ କର୍ମଚାରୀମାନଙ୍କ ଦରମା ତୁଳନାରେ ସେମାନଙ୍କର ଦରମା କେତେ ? ସେହି କାରଣରୁ ବଡ଼ ବଡ଼ ପ୍ରକଳ୍ପ ପାଇଁ ଜମି ଦେବା ପାଇଁ ଲୋକମାନେ ବିମୁଖ । ଯଦି ତଥାକଥିତ ଲକ୍ଷ୍ୟ ଲକ୍ଷ୍ୟ କୋଟିର ନିବେଶ ଫଳରେ ଲକ୍ଷ ଲକ୍ଷ ଲୋକଙ୍କୁ ନିଯୁକ୍ତି ମିଳୁଥାନ୍ତା ତେବେ ହୁଏତ ଲୋକେ ସେଗୁଡ଼ିକୁ ସ୍ୱାଗତ କରିଥାନ୍ତେ ଓ ସ୍ୱତଃସ୍ଫୁର୍ତ୍ତ ଭାବରେ କମ୍ପାନୀ ଗୁଡ଼ିକୁ ଜମି ପ୍ରଦାନ କରନ୍ତେ ।

ତାହା ପରେ ଆମେ ଆସିବା ଅତ୍ୟାଧୁନିକ ଶିଳ୍ପକୁ । ସେମି କଣ୍ଡକ୍ଟର, କ୍ୱାଣ୍ଟମ ଟେକ୍ନୋଲୋଜି, ଏରୋସ୍ପେଶ ଓ ପ୍ରତିରକ୍ଷା କ୍ଷେତ୍ର – ଏଗୁଡିକ ନିଶ୍ଚିତ ଭାବରେ ଆମର ଇଞ୍ଜିନିୟର ଓ ବୈଜ୍ଞାନିକ ମାନଙ୍କୁ ଉତ୍ସାହିତ କରିବ । କିନ୍ତୁ ଗୋଟିଏ ସମୟରେ ଆଇଟି କ୍ଷେତ୍ର ଯେଉଁଭଳି ଭାବରେ ପ୍ରାୟ ସବୁ ମଧ୍ୟବିତ୍ତ ପରିବାରରୁ ଜଣେ ଜଣେ ଯୁବକ ଯୁବତୀଙ୍କୁ ନିଯୁକ୍ତି ଦେଇଥିଲା, ତାହାର ପୁନରାବୃତ୍ତି ହେବା ପରି ମନେ ହୁଏ ନାହିଁ, ବିଶେଷ କରି କୃତ୍ରିମ ବୁଦ୍ଧିମତ୍ତା ଯୁଗରେ । ଏହା ବ୍ୟତୀତ ଏହି ଅତ୍ୟାଧୁନିକ ଶିଳ୍ପଗୁଡ଼ିକ ପାଇଁ ଯେଉଁ ପ୍ରକାରର ଶିକ୍ଷା ଓ କୌଶଳ ଆବଶ୍ୟକ ତାହା ଆମର କଲେଜ ବା ୟୁନିଭର୍ସିଟି ଗୁଡ଼ିକରେ ଉପଲବ୍ଧ ହେଉ ନାହିଁ । ତାହା ପାଇଁ ଶିକ୍ଷକ ମିଳିବା ମଧ୍ୟ ଏକ ଦୁରୂହ ବ୍ୟାପାର । ପାଠ୍ୟକ୍ରମ ଗୁଡ଼ିକରେ ତତ୍କାଳ ପରିବର୍ତ୍ତନ ସହଜସାଧ୍ୟ ନୁହେଁ । ଘଟଣା ପ୍ରବାହ ଏତେ କ୍ଷିପ୍ର ଯେ ତାହା ସହ ତାଳ ମିଳାଇ ଅଗ୍ରସର ହେବା ଏକ କଷ୍ଟସାଧ୍ୟ କାର୍ଯ୍ୟ । ଏ ସବୁ ପରିପ୍ରେକ୍ଷୀରେ ଆମର ଶିକ୍ଷିତ ଯୁବ ସମାଜ କେତେଦୂର ଲାଭାନ୍ୱିତ ହେବେ ତାହା ସମୟ ହିଁ କହିବ । ମୁଁ ଏଠାରେ କହି ରଖେ ଯେ, ଅତ୍ୟାଧୁନିକ ଶିଳ୍ପାୟନର ମୁଁ ଆଦୌ ବିରୋଧ କରୁ ନାହିଁ । ଯଦି ଆମେ ଆଜି ତାହାକୁ ଅଣ ଦେଖା କରିଦେଉ, ତେବେ ଆମେ ନିଶ୍ଚିତ ଭାବରେ ଭବିଷ୍ୟତରେ ପଶ୍ଚାତାପ କରିବା । କିନ୍ତୁ ଏହା ସ୍ୱୀକାର କରିବାକୁ ହେବ ଯେ, ଆମର ଅସଂଖ୍ୟ ଅଣବ୍ୟବହୃତ ଯୁବକ ଯୁବତୀମାନଙ୍କର ସମସ୍ୟାକୁ ଏହି ପନ୍ଥାରେ ସମାଧାନ କରି ହେବ ନାହିଁ ।

ନିଯୁକ୍ତି ପାଇଁ ଆଉ ଏକ ପନ୍ଥା ହେଲା ‘ଷ୍ଟାର୍ଟ ଅପ୍ ଇଣ୍ଡିଆ’ ବା ‘ଷ୍ଟାର୍ଟ ଅପ୍ ଓଡ଼ିଶା’ । ଯୁବକ ଯୁବତୀମାନେ ପ୍ରଯୁକ୍ତି ବିଦ୍ୟାକୁ ପ୍ରୟୋଗ କରି କିଛି ନୂଆ ଜିନିଷ କଲେ ତାକୁ ‘ଷ୍ଟାର୍ଟ ଅପ୍’ର ମାନ୍ୟତା ଦିଆଯାଏ । ବିଭିନ୍ନ ଇନ୍‌କ୍ୟୁବେଶନ ସେଣ୍ଟର ମାନଙ୍କରେ ଅବା ନିଜ ଘରୁ ଯୁବକ ଯୁବତୀମାନେ ତାଙ୍କର ପ୍ରତିଭା ପ୍ରଦର୍ଶନ କରନ୍ତି । ଓଡ଼ିଶା ସରକାର ଦାବୀ କରନ୍ତି ଯେ, ସମଗ୍ର ଭାରତ ବର୍ଷରେ ଓଡ଼ିଶା ଏ କ୍ଷେତ୍ରରେ ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରିଛି । କିନ୍ତୁ ଏହା ହେଉଛି ସଂଖ୍ୟା ଆକାରରେ । ଯଦି ଜଣେ ସାଧାରଣ ବ୍ୟକ୍ତିକୁ ଦେଶର ବିଭିନ୍ନ ରାଜ୍ୟର ‘ଷ୍ଟାର୍ଟ ଅପ୍’ ସଫଳତା ବିଷୟରେ ପ୍ରଶ୍ନ କରାଯାଏ ତେବେ ସେ ବେଙ୍ଗାଲୁରୁକୁ ହିଁ କହିବ । ଏଠାରେ କହି ରଖିବା ଉଚିତ ଯେ, ଏ କ୍ଷେତ୍ରରେ ସଫଳତା ଯେତିକି ତାହା ଠାରୁ ଯଥେଷ୍ଟ ଅଧିକ ହେଉଛି ବିଫଳତା । ତେବେ ଓଡ଼ିଶାର ଯୁବଶକ୍ତିର ସୃଜନଶୀଳତାକୁ ନିଶ୍ଚିତ ଭାବରେ ଉତ୍ସାହିତ କରିବା ଉଚିତ । କିଏ ଜାଣେ ସେମାନଙ୍କ ମଧ୍ୟରୁ କିଏ ବା କୋଟିପତି ହୋଇ ନ ବାହାରିବ ? କିନ୍ତୁ ଏହା କ’ଣ ଓଡ଼ିଶାର ବେରୋଜଗାରି ସମସ୍ୟାର ସମାଧାନ କରି ପାରିବ ?

ଏ ପରିପ୍ରେକ୍ଷୀରେ ଜାନକୀ ବାବୁଙ୍କ ଦ୍ୱାରା ପ୍ରଣୀତ ‘ହଜାରେ ଦିନରେ ହଜାରେ ଶିଳ୍ପ’ ବିଷୟରେ ମନେ ପଡ଼େ । ୧୯୮୦ ଦଶକରେ ଯେତେବେଳେ ଓଡ଼ିଶାରେ ରାଉରକେଲା ଠାରେ ମାତ୍ର ଗୋଟିଏ ଇସ୍ପାତ କାରଖାନା ଥିଲା ସେହି ସମୟରେ ଜାନକୀ ବାବୁ ପରିକଳ୍ପନା କରିଥିଲେ କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠା ପାଇଁ । ଓଡ଼ିଶାର ହଜାର ହଜାର ଯୁବକ ଯୁବତୀ ଯେଉଁ ମାନଙ୍କର କୌଣସି ଶିଳ୍ପ ଅଭିଜ୍ଞତା ନ ଥିଲା ସେମାନଙ୍କୁ ନେଇ ସେ ଆରମ୍ଭ କରିଥିଲେ ଏହି ଅଭିଯାନ । ସେମାନଙ୍କୁ ଶିଳ୍ପ ଜନିତ ପରାମର୍ଶ ଦେବା ପାଇଁ, ସେମାନଙ୍କ ପାଇଁ ବ୍ୟାଙ୍କ ଗୁଡ଼ିକ ସହ ଯୋଗାଯୋଗ ରକ୍ଷା କରିବା ପାଇଁ, ସେମାନଙ୍କର ଉତ୍ପାଦିତ ଦ୍ରବ୍ୟର ବିକ୍ରୀବଟାରେ ସାହାଯ୍ୟ କରିବା ପାଇଁ ସେ ଜିଲ୍ଲା ଶିଳ୍ପ କେନ୍ଦ୍ର ଗୁଡ଼ିକ ସକ୍ରିୟ କରିଥିଲେ । ସହଜରେ ଋଣ ପାଇବା ପାଇଁ ଓଡ଼ିଶା ଅର୍ଥ ନିଗମକୁ ଦୃଢ଼ିଭୂତ କରିଥିଲେ । ଓଡ଼ିଶା ଶିଳ୍ପ ଭିତ୍ତିଭୂମି ନିଗମ ବା ଇଡକୋ ମାଧ୍ୟମରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଜମି ଓ ଶେଡ୍ ବ୍ୟବସ୍ଥା କରିଥିଲେ । ଏହାର ଫଳସ୍ୱରୂପ ରାଉରକେଲା, ଭୁବନେଶ୍ୱର, ଜଗତପୁର, ବାଲେଶ୍ୱର ଇତ୍ୟାଦି ଅଞ୍ଚଳରେ ଅନେକ ଗୁଡ଼ିଏ କ୍ଷୁଦ୍ରଶିଳ୍ପ ଗଢ଼ି ଉଠିଲା । ଓଡ଼ିଶାର ଯୁବକମାନେ ପ୍ରଥମ କରି ଟ୍ରଲର ବ୍ୟବସାୟରେ ମଗ୍ନ ହେଲେ । କାଳକ୍ରମେ ସେଗୁଡ଼ିକ ମଧ୍ୟରୁ ଅନେକ ବିଲୀନ ହୋଇଗଲା । କିନ୍ତୁ ଓଡ଼ିଆମାନଙ୍କ ମନରେ ଏକ ଆତ୍ମ ବିଶ୍ୱାସ ସୃଷ୍ଟି ହେଲା ଯେ, ସେମାନେ ମଧ୍ୟ ଉଦ୍ୟୋଗୀ ହୋଇପାରିବେ, କେବଳ ଚାକିରି ପଛରେ ନ ଗୋଡ଼ାଇ ନିଜେ ଚାକିରି ସୃଷ୍ଟି କରି ପାରିବେ । ଆଜି ମଧ୍ୟ କିଛି ବ୍ୟକ୍ତି ସମଗ୍ର ବିଶ୍ୱ ଦରବାରରେ କୋଟିପତି ଆସନ ଅଳଙ୍କୃତ କରିଛନ୍ତି, ପର୍ଯ୍ୟଟନ କ୍ଷେତ୍ରରେ ଅନେକ ସଫଳତା ପାଇଛନ୍ତି ।

‘ହଜାରେ ଦିନରେ ହଜାରେ ଶିଳ୍ପ’ର ଏଇ ଖଟାମିଠା କାହାଣୀରୁ ଆଗାମୀ ଦିନମାନଙ୍କ ପାଇଁ ଅନେକ ଶିକ୍ଷା ମିଳେ । ଯେଉଁମାନେ ତାଙ୍କର ପ୍ରୟାସରେ ବିଫଳ ହେଲେ ତାହାର କାରଣ ଯଦି ଅନୁସନ୍ଧାନ କରାଯାଏ ତେବେ କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦୃଷ୍ଟିକୁ ଆସେ । ରାଉରକେଲା-କାଳୁଙ୍ଗା ଶିଳ୍ପାଞ୍ଚଳର ଉଦ୍ୟୋଗୀ ମାନେ ଅତ୍ୟଧିକ ପରିମାଣରେ ଇସ୍ପାତ କାରଖାନା ଉପରେ ନିର୍ଭରଶୀଳ ଥିଲେ । ଯଦି ସେଠାରୁ ଆଶୀର୍ବାଦ ମିଳିଲା ନାହିଁ, ତେବେ ଶିଳ୍ପଟି ଦୁର୍ବଳ ହେବା ସ୍ୱାଭାବିକ । ଭୁବନେଶ୍ୱର-କଟକ ଶିଳ୍ପାଞ୍ଚଳରେ ଥିବା କ୍ଷୁଦ୍ରଶିଳ୍ପ ଗୁଡ଼ିକ ଗ୍ରିଲ, ଗେଟ ଭଳି ଘରେ ଆବଶ୍ୟକ ହେଉଥିବା ନିର୍ଦ୍ଦିଷ୍ଟ ସାମଗ୍ରୀ ଉପରେ ନିର୍ଭରଶୀଳ ଥିଲେ । ଯେହେତୁ ଭୁବନେଶ୍ୱର-କଟକର ବଜାର ସୀମିତ ଓ ପ୍ରତିଯୋଗିତା ତୀବ୍ର, ତେଣୁ ଅନେକ ଉଦ୍ୟୋଗୀ ସେଥିରୁ ଓହରି ଯାଇ ନିଜ ନିଜ ଶେଡ୍‌କୁ ଭଡ଼ାରେ ଲଗାଇଦେଲେ । ଭଡ଼ାରୁ ମିଳୁଥିବା ଅର୍ଥ ଶିଳ୍ପରୁ ମିଳୁଥିବା ଲାଭ ଠାରୁ ବେଳେ ବେଳେ ଅଧିକ ହେଉଥିଲା ।

ଆଜି ଓଡ଼ିଶାର ଅବସ୍ଥାରେ ଅନେକ ପରିବର୍ତ୍ତନ ଆସିଛି । ରାଉରକେଲା ବ୍ୟତୀତ ଝାରସୁଗୁଡ଼ା, ଅନୁଗୁଳ, କଳିଙ୍ଗନଗର ଆଦି ଅଞ୍ଚଳରେ ଲକ୍ଷ ଲକ୍ଷ ଟନ ଇସ୍ପାତ ତିଆରି ହେଉଛି । କିନ୍ତୁ ଓଡ଼ିଶାରେ ଗୋଟିଏ ପ୍ରସିଦ୍ଧ କଣ୍ଟା ତିଆରି କାରଖାନା ମଧ୍ୟ ନାହିଁ । କିନ୍ତୁ ଏଇ ଶିଳ୍ପାୟନ ଯୋଗୁଁ କ୍ଷୁଦ୍ର ଶିଳ୍ପ ଗୁଡ଼ିକ ପାଇଁ ଅନେକ ସମ୍ଭାବନା ସୃଷ୍ଟି ହୋଇଛି । ଏହି ସମ୍ଭାବନା ଗୁଡ଼ିକୁ ଦୁଇ ଭାଗରେ ବିଭକ୍ତ କରାଯାଇ ପାରେ । ଗୋଟିଏ ହେଲା ବୃହତ ଶିଳ୍ପ ଗୁଡ଼ିକ ଦ୍ୱାରା ଆବଶ୍ୟକ ହେଉଥିବା ସାମଗ୍ରୀ ଯୋଗାଣ, ଏବଂ ଆଉ ଗୋଟିଏ ହେଲା ବୃହତ ଶିଳ୍ପ ଦ୍ୱାରା ପ୍ରସ୍ତୁତ ସାମଗ୍ରୀକୁ ବ୍ୟବହାର କରି ବିଭିନ୍ନ ଦ୍ରବ୍ୟର ପ୍ରସ୍ତୁତି । ପ୍ରଥମଟିର ଉଦାହରଣ ହେଲା ବୃହତ ଶିଳ୍ପ ଗୁଡ଼ିକ ତାଙ୍କର ଯନ୍ତ୍ରପାତିର ଦୈନନ୍ଦିନ ରକ୍ଷଣାବେକ୍ଷଣ ପାଇଁ ଅନେକ କାମ କଣ୍ଟ୍ରାକ୍ଟର ମାନଙ୍କୁ ଦେଇ ଦିଅନ୍ତି, ଯାହାକି ସ୍ଥାନୀୟ ଉଦ୍ୟୋଗୀମାନେ ସହଜରେ କରିପାରିବେ । ଦ୍ୱିତୀୟଟିର ଉଦାହରଣ ହେଲା ଇସ୍ପାତରୁ ପ୍ରସ୍ତୁତ କବଜା, କଣ୍ଟା, ପେଚ, ତାର ଆଦି ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଉତ୍ପାଦନ । ପ୍ରଥମଟି ପାଇଁ ସରକାରୀ ତତ୍ପରତା ଆବଶ୍ୟକ କାରଣ ସରକାରଙ୍କର ଚାପ ନ ରହିଲେ କମ୍ପାନୀର କର୍ମକର୍ତ୍ତା ମାନେ ନିଜ ନିଜର ବନ୍ଧୁ ବାନ୍ଧବଙ୍କୁ ଠିକା କାମ ଦେଇଦିଅନ୍ତି, ଓଡିଆ ଉଦ୍ୟୋଗୀଙ୍କୁ କାମ ମିଳେ ନାହିଁ ।

ବୃହତ ଶିଳ୍ପ ଦ୍ୱାରା ପ୍ରସ୍ତୁତ ସାମଗ୍ରୀକୁ ବ୍ୟବହାର କରି ବିଭିନ୍ନ ଦ୍ରବ୍ୟର ପ୍ରସ୍ତୁତି କରିବାରେ ସରକାରଙ୍କର ଭିନ୍ନ ଏକ ଭୂମିକା ରହିଛି । କବଜା, କଣ୍ଟା, ପେଚ, ତାର ଆଦି ତିଆରି କରିବା ପାଇଁ ଯଦି ଗୋଟିଏ ଅଧେ ଶିଳ୍ପ ପ୍ରତିଷ୍ଠା ହୁଏ ତେବେ ତାହା ତିଷ୍ଠିବା ସହଜ ନୁହେଁ । ସେଥିପାଇଁ ଆବଶ୍ୟକ ଶିଳ୍ପ ପୁଞ୍ଜି । ଉଦାହରଣସ୍ୱରୂପ, ରାଉରକେଲା ଉପକଣ୍ଠରେ କାଁ ଭାଁ କେତୋଟି ଶିଳ୍ପ ପ୍ରତିଷ୍ଠା ବଦଳରେ ଯଦି କଣ୍ଟା, ତାର, ଘରତିଆରି ଉପକରଣ ଆଦିର ଏକ ଶିଳ୍ପପୁଞ୍ଜି ପ୍ରତିଷ୍ଠିତ ହୁଏ, ତେବେ ଗ୍ରାହକ ମାନେ ସେଠାକୁ ଯିବାକୁ ପସନ୍ଦ କରିବେ, କଞ୍ଚାମାଲ ଯୋଗାଣ ସହଜ ହେବ, ଭଲ କାରିଗର ମିଳିବେ । ଜାମସେଦପୁର ଉପକଣ୍ଠରେ ଥିବା ଆଦିତ୍ୟପୁର ଶିଳ୍ପାଞ୍ଚଳ, ତାମିଲ ନାଡୁରେ ଥିବା ତିରୁପୁର ଶିଳ୍ପାଞ୍ଚଳ, ସୁରତରେ ଗଢ଼ିଉଠିଥିବା ହୀରାପୁଞ୍ଜି ଏ ସବୁର ଗୋଟିଏ ଗୋଟିଏ ଉଦାହରଣ । ଓଡ଼ିଶା କ୍ଷେତ୍ରରେ ରାଉରକେଲା ଓ କଳିଙ୍ଗନଗର ଉପକଣ୍ଠରେ ଇସ୍ପାତ ଭିତ୍ତିକ କ୍ଷୁଦ୍ର ଶିଳ୍ପପୁଞ୍ଜି, ଝାରସୁଗୁଡ଼ା ଉପକଣ୍ଠରେ ଆଲୁମିନିଅମ ଭିତ୍ତିକ ଶିଳ୍ପପୁଞ୍ଜି, ପାରାଦୀପ ଉପକଣ୍ଠରେ ପ୍ଲାଷ୍ଟିକ ଭିତ୍ତିକ ଶିଳ୍ପପୁଞ୍ଜି ଇତ୍ୟାଦିର ପରିକଳ୍ପନା କରାଯାଇପାରେ । ଏ ସବୁ କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠା ପାଇଁ ସରକାର ଓଡ଼ିଶାର ଯୁବକ ଯୁବତୀଙ୍କ ପାଇଁ ସମସ୍ତ ପ୍ରୋତ୍ସାହନ ଯୋଗାଇଦେବା ଉଚିତ । ଦେଶ ବିଦେଶରେ ‘ମେକ ଇନ ଓଡ଼ିଶା’ ଭଳି ବ୍ୟୟବହୁଳ ସମାରୋହ ବଦଳରେ ସରକାର ଯଦି ଓଡ଼ିଶାର ଯୁବକ ଯୁବତୀଙ୍କୁ କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରୋତ୍ସାହନ ଯୋଗାନ୍ତି ତାହା ଅଧିକ ଫଳପ୍ରଦ ହେବ ।


**ପୂର୍ବତନ ମୁଖ୍ୟ ଶାସନ ସଚିବ**
**ଓଡ଼ିଶା ସରକାର, ଭୁବନେଶ୍ୱର**


# ଜନ୍ତରମନ୍ତରରେ କକ୍ରୋଚ୍‌ର ବିକ୍ଷୋଭ

ଭୁବନେଶ୍ୱର, ୦୬/୦୬ (ଜେଏନ୍‌ଏସ୍) : ଦିଲ୍ଲୀର ଜନ୍ତରମନ୍ତରଠାରେ କକ୍ରୋଚ୍ ଜନତା ପାର୍ଟି ପକ୍ଷରୁ ଏକ ବିରାଟ ଶାନ୍ତିପୂର୍ଣ୍ଣ ପ୍ରତିବାଦ ପ୍ରଦର୍ଶନ କରାଯାଉଛି। ଦେଶର ଶିକ୍ଷା ବ୍ୟବସ୍ଥାରେ ଅନିୟମିତତା ଏବଂ ନିଟ-ଯୁଜି ପେପର ଲିକ୍ ଦୁର୍ନୀତି ବିରୋଧରେ ଏହି ଆନ୍ଦୋଳନ ସଂଗଠିତ ହୋଇଛି। ପରୀକ୍ଷା ପରିଚାଳନାରେ ବିଫଳତା ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ଏହି ପ୍ରଦର୍ଶନ କରାଯାଉଛି ।ସିଜେପିର ପ୍ରତିଷ୍ଠାତା ଅଭିଜିତ ଦୀପକେ ଆଜି ସକାଳେ ଆମେରିକାରୁ ଦିଲ୍ଲୀରେ ପହଞ୍ଚିଛନ୍ତି। ସେ ଏୟାରପୋର୍ଟରୁ ସିଧାସଳଖ ଜନ୍ତରମନ୍ତର ଯାଇ ଆନ୍ଦୋଳନରେ ସାମିଲ ହୋଇଛନ୍ତି ।ଦିଲ୍ଲୀ ପୋଲିସ ଏହି ବିକ୍ଷୋଭ ପାଇଁ ଅନୁମତି ପ୍ରଦାନ କରିଥିବା ବେଳେ ସୁରକ୍ଷା ଦୃଷ୍ଟିରୁ ପ୍ରାୟ ୨,୦୦୦ ପୋଲିସ କର୍ମଚାରୀ ମୁତୟନ କରାଯାଇଛି ।ସୋସିଆଲ ମିଡିଆରୁ ଆରମ୍ଭ ହୋଇଥିବା ଏହି ବ୍ୟଙ୍ଗାତ୍ମକ ଆନ୍ଦୋଳନରେ ଦେଶର ବିଭିନ୍ନ ପ୍ରାନ୍ତରୁ ଲକ୍ଷ ଲକ୍ଷ ଯୁବପିଢ଼ି ଓ ଛାତ୍ରଛାତ୍ରୀ ସାମିଲ ହେଉଛନ୍ତି। ପରିବେଶବିତ୍ ସୋନମ ୱାଙ୍ଗଚୁକ ମଧ୍ୟ ଏହି ଆନ୍ଦୋଳନକୁ ସମର୍ଥନ ଜଣାଇଛନ୍ତି। ଆଜିର ଘଟଣାବଳୀରେ କକ୍ରୋଚ ଜନତା ପାର୍ଟି କୁ ନେଇ କିଛି ସମାଲୋଚନା ଓ ବିବାଦୀୟ ଖବର ମଧ୍ୟ ସାମ୍ନାକୁ ଆସିଛି, ଯାହା ଏହି ଆନ୍ଦୋଳନର ଅନ୍ୟ ଏକ ଦିଗକୁ ଦର୍ଶାଉଛି। କିଛି ସମାଲୋଚକ ଏବଂ ବିଜେପି ନେତାଙ୍କ ଅନୁଯାୟୀ, ଏହି ଆନ୍ଦୋଳନ ସମ୍ପୂର୍ଣ୍ଣ ରୂପେ ‘ଅର୍ଗାନିକ୍’ ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...




କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଇସ୍ତଫା ଦାବି

## କନେଷ୍ଟବଳଙ୍କ ଆତ୍ମହତ୍ୟା ଉଦ୍ୟମ!

ବ୍ରହ୍ମପୁର, ୦୬/୦୬ (ଜେଏନ୍‌ଏସ୍) : ବ୍ରହ୍ମପୁର ବିଜିପୁରସ୍ଥିତ ପୋଲିସ କ୍ୱାର୍ଟର୍ସରେ ଘଟିଥିବା ଏହି ଘଟଣାଟି ପ୍ରାଥମିକ ସୂଚନା ଅନୁଯାୟୀ ଏକ ଆତ୍ମହତ୍ୟା ଉଦ୍ୟମ ବୋଲି ଜଣାପଡ଼ିଛି। ଓଏମ୍‌ଭିଡିରେ କାର୍ଯ୍ୟରତ କନେଷ୍ଟବଳ ଆଶୁତୋଷ ମୃଦଙ୍ଗିଆ (ବା ଆଶୁତୋଷ ମଲ୍ଲ) ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଆତ୍ମହତ୍ୟା କରିବାକୁ ଚେଷ୍ଟା କରିଥିଲେ। ପୋଲିସର ପ୍ରାଥମିକ ସୂଚନା ଅନୁଯାୟୀ, ପାରିବାରିକ କଳହ ଯୋଗୁଁ ସେ ଏହି ଚରମ ନିଷ୍ପତ୍ତି ନେଇଥାଇପାରନ୍ତି। ସୂଚନାଯୋଗ୍ୟ ଯେ, ଗତ ମେ’ ୧ ତାରିଖରେ ତାଙ୍କ ପୋଲିସ କନେଷ୍ଟବଳ ପତ୍ନୀଙ୍କୁ ମାଡ଼ ମାରିବା ଅଭିଯୋଗରେ ସେ ଗିରଫ ହୋଇଥିଲେ ଏବଂ ନିକଟରେ ଜାମିନରେ ଆସିଥିଲେ ।ତାଙ୍କ ଶରୀରର ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...

## ଭିଜିଲାନ୍ସ ଜାଲରେ କୋଟିପତି ଆଇଟିଡିଏ ଯନ୍ତ୍ରୀ

ଭୁବନେଶ୍ୱର, ୦୬/୦୬ (ଜେଏନ୍‌ଏସ୍) : ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଆଇଟିଡିଏର ସହକାରୀ ନିର୍ବାହୀ ଯନ୍ତ୍ରୀ ବୈକୁଣ୍ଠ ନାଥ ବେହେରାଙ୍କ ବାସଭବନ ଓ କାର୍ଯ୍ୟାଳୟ ସମେତ ଏକକାଳୀନ ୯ଟି ସ୍ଥାନରେ ଭିଜିଲାନ୍ସ ବିଭାଗ ପକ୍ଷରୁ ବଡ଼ଧରଣର ଚଢ଼ାଉ ଜାରି ରହିଛି। ସକାଳୁ ସକାଳୁ ଆରମ୍ଭ ହୋଇଥିବା ଏହି ରେଡ୍‌ରେ କୋଟି କୋଟି ଟଙ୍କାର ସମ୍ପତ୍ତି ଓ ବିପୁଳ ପରିମାଣର ସୁନା ଗହଣା ମିଳିଥିବା ସୂଚନା ମିଳିଛି। ଭୁବନେଶ୍ୱରର ସ୍ପେଶାଲ ଭିଜିଲାନ୍ସ କୋର୍ଟଙ୍କ ସର୍ଚ୍ଚ ୱାରେଣ୍ଟ ଆଧାରରେ ଯନ୍ତ୍ରୀ ବୈକୁଣ୍ଠ ନାଥ ବେହେରାଙ୍କ ସହ ଜଡ଼ିତ ମୋଟ ୯ଟି ସ୍ଥାନରେ ଏକାକାଳୀନ ଯାଞ୍ଚ ଚାଲିଛି। ଭୁବନେଶ୍ୱରର ନୀଳାଦ୍ରି ବିହାର, ଶୈଳଶ୍ରୀ ବିହାର, କାନନ ବିହାର ଏବଂ ଚନ୍ଦ୍ରଶେଖରପୁର ଅଞ୍ଚଳରେ ଥିବା କୋଠାବାଡ଼ି, ଯାଜପୁର ଧର୍ମଶାଳା ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...



## ଜୁନ୍ ୩୦ ସୁଦ୍ଧା ବଦଳିବ ନିଗମ ଚେହେରା

ଭୁବନେଶ୍ୱର, ୦୬/୦୬ (ଜେଏନ୍‌ଏସ୍) : ଓଡ଼ିଶାର ବିଭିନ୍ନ ବୋର୍ଡ ଏବଂ ନିଗମଗୁଡ଼ିକରେ ରାଜନୈତିକ ନିଯୁକ୍ତି ତଥା ଥଇଥାନ ପ୍ରକ୍ରିୟା ପାଇଁ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରିଛନ୍ତି । ଏହି ନିଯୁକ୍ତି ଏବଂ ସରକାରୀ ସ୍ତରରେ ଚାଲିଥିବା ସମୀକ୍ଷାକୁ ନେଇ ପିଏସୟୁ ଏବଂ ନିଗମଗୁଡ଼ିକରୁ ତଥ୍ୟ ମଗାଗଲା ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଓଡ଼ିଶାର ସମସ୍ତ ୪୪ଟି ସରକାରୀ ଉଦ୍ୟୋଗ ବା ନିଗମକୁ ଏକ ନିର୍ଦ୍ଦିଷ୍ଟ ଫର୍ମାଟ୍‌ରେ ତଥ୍ୟ ପ୍ରଦାନ କରିବାକୁ ଚିଠି ଲେଖାଯାଇଛି । ଏହି ଚିଠି ଅନୁଯାୟୀ, ୨୦୨୪ ଜୁନ୍ ୧୨ ରୁ ୨୦୨୬ ଏପ୍ରିଲ ୩୦ ମଧ୍ୟରେ କେଉଁ ନିଗମରେ କେତେ ଜଣଙ୍କୁ ନିଯୁକ୍ତି ଦିଆଯାଇଛି ଏବଂ ଆଗାମୀ ଜୁନ୍ ୩୦ ତାରିଖ ସୁଦ୍ଧା କେଉଁ ସବୁ ପଦବୀ ପୂରଣ କରାଯିବ, ସେନେଇ ସମ୍ପୂର୍ଣ୍ଣ ରିପୋର୍ଟ ମଗାଯାଇଛି. । ଶୀଘ୍ର ବିଭିନ୍ନ ବୋର୍ଡ ଓ ନିଗମଗୁଡ଼ିକର ପୁନର୍ଗଠନ କରାଯିବ। ଏଥିରେ ଖାଲି ପଡ଼ିଥିବା ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ପଦବୀରେ ଦଳୀୟ ଆଶାୟୀ ନେତାମାନଙ୍କୁ ନିଯୁକ୍ତି ଦେବା ପାଇଁ ସରକାରୀ ସ୍ତରରେ କସରତ ଆରମ୍ଭ ହୋଇଛି। ସରକାର ପ୍ରାଥମିକ ପର୍ଯ୍ୟାୟରେ ବିଭିନ୍ନ ଜିଲ୍ଲାରେ ଏସଡ଼ିସିର ଅଧ୍ୟକ୍ଷ, ସରକାରୀ ଓକିଲ ଏବଂ ଶିଶୁ କଲ୍ୟାଣ ସମିତିର ସଦସ୍ୟ ପଦବୀ ଗୁଡ଼ିକରେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିସାରିଛନ୍ତ । ଜୁନ୍ ସୁଦ୍ଧା ରାଜ୍ୟରେ ମୋଟ ୬୫,୦୦୦ ସରକାରୀ ନିଯୁକ୍ତି ଲକ୍ଷ୍ୟନିଗମ ଓ ବୋର୍ଡ ବ୍ୟତୀତ, ରାଜ୍ୟ ସରକାର ଚଳିତ ଜୁନ୍ ୨୦୨୬ ସୁଦ୍ଧା ବିଭିନ୍ନ ସରକାରୀ ବିଭାଗରେ ପ୍ରାୟ ୬୫,୦୦୦ ଖାଲି ପଦବୀ ପୂରଣ କରିବାକୁ ଲକ୍ଷ୍ୟ ରଖିଛନ୍ତି। ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ହୋଇଥିବା ସଚିବସ୍ତରୀୟ ବୈଠକରେ ଓଡ଼ିଶା ଲୋକସେବା ଆୟୋଗ, ଓଡ଼ିଶା କର୍ମଚାରୀ ଚୟନ ଆୟୋଗ ଏବଂ ଓଏସ୍‌ଏସ୍‌ଏସ୍‌ସି ମାଧ୍ୟମରେ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ପାଟଣାରେ ଗୁଳିକାଣ୍ଡ : ଖାନ ସାର୍‌ଙ୍କ ବିରୋଧରେ ମାମଲା

ଭୁବନେଶ୍ୱର, ୦୬/୦୬ (ଜେଏନ୍‌ଏସ୍) : ପାଟନାର ସୁପରିଚିତ ଶିକ୍ଷାବିତ୍ ତଥା ୟୁଟ୍ୟୁବର୍ ଫୈଜଲ୍ ଖାନ ଓରଫ ଖାନ ସାର୍‌ଙ୍କ ନାମରେ ପାଟନା ପୋଲିସ ଏଫଆଇଆର ରୁଜୁ କରିଛି ଏବଂ ତାଙ୍କ ଉପରେ ଗିରଫଦାରୀର ସଙ୍କଟ ଦେଖାଦେଇଛି। ତାଙ୍କ କୋଚିଂ ଇନଷ୍ଟିଚ୍ୟୁଟ୍ ବାହାରେ ହୋଇଥିବା ଗୁଳିକାଣ୍ଡ ଓ ବିବାଦ ମାମଲାରେ ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଜୁନ୍ ୨ ତାରିଖ ବିଳମ୍ବିତ ରାତିରେ ପାଟନାର କଦମକୁଆଁ ଅଞ୍ଚଳରେ ଥିବା ଖାନ ସାର୍‌ଙ୍କ କୋଚିଂ ସେଣ୍ଟର ‘ଖାନ ଗ୍ଲୋବାଲ ଷ୍ଟଡିଜ୍’(କେଜିଏସ୍) ଉପରେ କିଛି ଦୁର୍ବୃତ୍ତ ଆକ୍ରମଣ ଓ ପଥରମାଡ଼ କରିଥିଲେ। ଏହା ପରେ ଖାନ ସାର୍‌ଙ୍କ ନିର୍ଦ୍ଦେଶରେ ତାଙ୍କର ଦୁଇ ଜଣ ବଡ଼ିଗାର୍ଡ (ସୁରକ୍ଷାକର୍ମୀ) ଫାୟାରିଂ ବା ଗୁଳି ଚାଳନା କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାର ଭିଡିଓ ଭାଇରାଲ ହେବା ପରେ ପୋଲିସ ହତ୍ୟା ଉଦ୍ୟମ ଏବଂ ଆର୍ମ୍ସ ଆକ୍ଟ ଅଧୀନରେ ଖାନ ସାର୍‌ଙ୍କ ବିରୋଧରେ କେସ୍ ଦାୟର କରିଛି। ବଡ଼ିଗାର୍ଡ ଗିରଫ ଓ ଖାନ ସାର୍‌ଙ୍କୁ ଜେରାପାଟନା ପୋଲିସ ଖାନ ସାର୍‌ଙ୍କ ଦୁଇ ଜଣ ବଡିଗାର୍ଡଙ୍କୁ ଗିରଫ କରି ଜେଲ୍ ପଠାଇ ଦେଇଛି ଏବଂ ସେମାନଙ୍କ ବନ୍ଧୁକ ମଧ୍ୟ ଜବତ କରିଛି ।ପୋଲିସ ପଚରାଉଚୁରା ବେଳେ ବଡ଼ି ଗାର୍ଡମାନେ ବୟାନ ଦେଇଛନ୍ତି ଯେ, ଖାନ ସାର୍‌ଙ୍କ କହିବା ପରେ ହିଁ ସେମାନେ ଗୁଳି ଚଳାଇଥିଲେ। ଏହି ଆଧାରରେ ପୋଲିସ ଖାନ ସାର୍‌ଙ୍କୁ ମଧ୍ୟ ଜେରା କରିଛି ଏବଂ ମାମଲାର ଅଧିକ ତଦନ୍ତ ଜାରି ରଖିଛି। କୋଚିଂ ସେଣ୍ଟରଗୁଡ଼ିକ ମଧ୍ୟରେ ଶତ୍ରୁତା ଖାନ ସାର୍‌ଙ୍କ ଅଭିଯୋଗ ଅନୁଯାୟୀ, ପ୍ରତିଦ୍ୱନ୍ଦ୍ୱୀ କୋଚିଂ ସେଣ୍ଟରଗୁଡ଼ିକ ମଧ୍ୟରେ ଚାଲିଥିବା ବ୍ୟବସାୟିକ ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...




## ବିଜୟ ନାୟକଙ୍କୁ ବିରୋଧ ବିଜେଡି ଛାଡ଼ିଲେ ୩ ବ୍ଲକ ଅଧ୍ୟକ୍ଷ

ଭୁବନେଶ୍ୱର, ୦୬/୦୬ (ଜେଏନ୍‌ଏସ୍) : ବାଲିଗୁଡ଼ା ବିଜେଡିରେ ଏକ ବଡ଼ ବିଦ୍ରୋହ ଦେଖାଦେଇଛି, ଯେଉଁଠି ବାଲିଗୁଡ଼ା ଏନ୍‌ଏସି ଅଧ୍ୟକ୍ଷ, ଉପାଧ୍ୟକ୍ଷ ଏବଂ ୧୧ ଜଣ କାଉନସିଲରଙ୍କ ସମେତ ୩ଟି ବ୍ଲକର ଅଧ୍ୟକ୍ଷ ଓ ଶତାଧିକ ନେତା ସାମୂହିକ ଭାବେ ଦଳରୁ ଇସ୍ତଫା ଦେଇଛନ୍ତି। ଏହି ଘଟଣା ସ୍ଥାନୀୟ ରାଜନୀତିରେ ଏକ ବଡ଼ ହଲଚଲ ସୃଷ୍ଟି କରିଛି। ନିକଟରେ ବିଜେଡି ସୁପ୍ରିମୋ ଦଳ ବିରୋଧୀ କାର୍ଯ୍ୟକଳାପ ଅଭିଯୋଗରେ ବାଲିଗୁଡ଼ାର ଦୁଇ ପ୍ରମୁଖ ବିଜେଡି ନେତା ଟୁନା ଦାସ ଓ ପ୍ରମୋଦ ସାହୁଙ୍କୁ ଦଳରୁ ନିଲମ୍ବିତ କରିଥିଲେ। ଏହା ପୂର୍ବରୁ ସ୍ଥାନୀୟ ବିଧାୟକ ଚକ୍ରମଣି କଂହର ମଧ୍ୟ ନିଲମ୍ବିତ ହୋଇଥିଲେ। ନିଜ ଅଞ୍ଚଳର ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...




# କେନ୍ଦୁଝରରେ ଜୈସୱାଲଙ୍କ ଜମାନା

# ବିହାରୀ ହାତେଇଲେ ୫୦ ଭାଗ ମଦ ଦୋକାନ

ଭୁବନେଶ୍ୱର, ୦୬/୦୬ (ଜେଏନ୍‌ଏସ୍) : ପୂର୍ବରୁ ମଦ ଦୋକାନ ଆବେଦନ ପାଇଁ ଲଟେରୀ ଆବେଦନକାରୀଙ୍କୁ ୧ ଲକ୍ଷ ଟଙ୍କା ଏବଂ ଓଡ଼ିଶାରେ ଜମି ଘର ଥିବା ନିହାତି ଆବଶ୍ୟକ ରହିଥିଲା। କିନ୍ତୁ ଚଳିତ ବର୍ଷ ମହା ଲଟେରୀ ଉଠାଣରେ ଘର ଜମି ବାଧ୍ୟତାମୂଳକ ନଥିବାରୁ ରାଜ୍ୟ ବାହାରର ମାଫିଆମାନେ ମନଇଚ୍ଛା ଆବେଦନ କରିଥିଲେ। ବିହାରର ଲୋକମାନେ ଏହି ଲଟେରୀରେ ଭାଗ ନେଇଥିଲେ। ଲଟେରୀ ହୋଇଥିବା ଦୋକାନ ମଧ୍ୟରୁ ୫୦% ଦୋକାନ ବିହାରୀ ବ୍ୟବସାୟୀ ପାଇବାରେ ସଫଳ ହୋଇଛନ୍ତି। ଏହାକୁ ନେଇ ରାଜ୍ୟର ମଦ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଭୁବନେଶ୍ୱରରେ ୫୦ଟି ଦୋକାନ ମଧ୍ୟରୁ ୨୨ଟି ବିହାରର ବ୍ୟବସାୟୀଙ୍କ ହାତକୁ ଯାଇଛି। କଟକରେ ୨୮, ପୁରୀରେ ୭, ଝାରସୁଗୁଡାରେ ୧୦, ମୟୂରଭଞ୍ଜରେ ୧୮, ଯାଜପୁରରେ ୧୫, ନୟାଗଡ଼ ୯ଟି ଦୋକାନୀ ବିହାରୀଙ୍କ ହାତକୁ ଯାଇଛି। କେବେଳ ଏତିକି ନୁହେଁ ପଶ୍ଚିମ ଓଡ଼ିଶାରେ ନେବା ପୂର୍ବରୁ ୧୦ ଲକ୍ଷ ଟଙ୍କାର ଏକ ଗ୍ୟାରେଣ୍ଟି ବଣ୍ଡ୍ ଦେବାକୁ ପଡ଼ିବ। ବିଭିନ୍ନ କାରଣ ପାଇଁ ପ୍ରାୟ ୧୯୪ଟି ବିଦେଶୀ ମଦ ଦୋକାନ ପାଇଁ ଲଟେରୀ କରାଯାଇନାହିଁ। କିଛି ଦୋକାନ ପାଇଁ ଆବେଦନ ଆସିନଥିବା ବେଳେ ଆଉ କିଛି ଦୋକାନ କୋର୍ଟରେ ମାମଲା ବିଚାରାଧିନ ରହିଛି । ଅନ୍ୟପଟେ ପ୍ରାୟ ୨୧୦ଟି ଦେଶୀ ମଦ ଦୋକାନ ପାଇଁ ମଧ୍ୟ ଏବର୍ଷ ଲଟେରୀ ମାଧ୍ୟମରେ ଲାଇସେନ୍ସ ଆବଣ୍ଟନ କରାଯାଇଛି। ଜୈସୱାଲ ସିଣ୍ଡିକେଟ୍ ବା ବ୍ୟବସାୟୀମାନେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଏକାଧିକ ମଦ ଦୋକାନର ଲାଇସେନ୍ସ ହାତେଇବାରେ ସଫଳ ହୋଇଛନ୍ତି। କେନ୍ଦୁଝର ଏବଂ ଏହାର ଆଖପାଖ ଖଣି ଅଞ୍ଚଳରେ ବ୍ୟବସାୟିକ ସୁଯୋଗ ଅଧିକ ଥିବାରୁ ଏହି ବାହାର ରାଜ୍ୟର (ବିଶେଷ କରି ବିହାର ଓ ଝାଡ଼ଖଣ୍ଡ ସୀମାନ୍ତ) ବଡ଼ ମଦ ବ୍ୟବସାୟୀ ଗ୍ରୁପ୍ ପ୍ଲାନିଂ କରି ମହା ଲଟେରୀ ପ୍ରକ୍ରିୟାରେ ଭାଗ ନେଇଥିଲେ। କେନ୍ଦୁଝର, ସୁନ୍ଦରଗଡ଼ (ରାଉରକେଲା) ଏବଂ ଝାରସୁଗୁଡ଼ା ଭଳି ହାଇ-ପ୍ରୋଫାଇଲ୍ ଅଞ୍ଚଳର ଗୋଟିଏ ଗୋଟିଏ ଦୋକାନ ପାଇଁ ଜୈସୱାଲ୍ ସିଣ୍ଡିକେଟ୍ ନିଜର ବିଭିନ୍ନ ସହଯୋଗୀ, କର୍ମଚାରୀ ଓ ପରିବାର ସଦସ୍ୟଙ୍କ ନାମରେ ୩୦ରୁ ୪୦ଟି ଲେଖାଏଁ ଆବେଦନ କରିଥିଲେ। ପ୍ରତି ବିଦେଶୀ ମଦ ଦୋକାନ ପାଇଁ ୩ ଲକ୍ଷ ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...




- ୧୧୦୯ରୁ ୯୬୦ଟି ବିଦେଶୀ ମଦ ଦୋକାନକୁ ଲାଇସେନ୍ସ
- ୨୬,୬୦୦ ଜଣଙ୍କ ଠାରୁ ୭୯୮୦ କୋଟି ଆଦାୟ

ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

# ଆସନ୍ତା ୧୭ରେ କେନ୍ଦ୍ର ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ସମ୍ଭାବନା
# ବଦଳିବ ମୋଦି ସରକାରଙ୍କ ରୂପରେଖ



ଭୁବନେଶ୍ୱର, ୦୬/୦୬ (ଜେଏନ୍ଏସ୍) : ଆସନ୍ତା ୧୭ରେ କେନ୍ଦ୍ର ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ସମ୍ଭାବନା । ବଦଳିବ ମୋଦି ସରକାରଙ୍କ ରୂପରେଖ । ମନ୍ତ୍ରୀମଣ୍ଡଳରୁ ପ୍ରାୟ ଏକ ଡଜନରୁ ଅଧିକ ମନ୍ତ୍ରୀ ବାଦ୍ ପଡ଼ି ପାରନ୍ତି । ପ୍ରାୟ ୧୫ ଜଣ ମନ୍ତ୍ରୀଙ୍କ ବିଭାଗରେ ପରିବର୍ତ୍ତନ ହୋଇପାରେ। ସାଧାରତଃ ତିଥି ଦେଖି ନିଷ୍ପତ୍ତି ନେଉଥିବା ବିଜେପି ସରକାର, ୧୭ ତାରିଖରେ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ କରି ପାରନ୍ତି । ଜୁନ ୧୫ରେ ମଳମାସ ଶେଷ ହେବ ଓ ୧୬ ତାରିଖରେ ପ୍ରତିପଦ। ତେଣୁ ୧୭ କିମ୍ବା ୧୮ ତାରିଖରେ ମନ୍ତ୍ରୀମଣ୍ଡଳରେ ପରିବର୍ତ୍ତନ କରି ପାରନ୍ତି କେନ୍ଦ୍ର ସରକାର। ପରିବର୍ତ୍ତନରେ ସହଯୋଗୀ ଦଳଙ୍କୁ ୪-୫ଟି ମନ୍ତ୍ରୀ ପଦ ମିଳିପାରେ । ଟିଡିପି, ଜେଡିୟୁ ଓ ଶିବସେନା (ସିନ୍ଦେ) ଦଳଙ୍କୁ ମନ୍ତ୍ରୀ ପଦ ମିଳିବା ସମ୍ଭାବନା ରହିଛି। ଏହାସହ ଆଗାମୀ ଦିନରେ ଯେଉଁ ରାଜ୍ୟଗୁଡିକରେ ବିଧାନସଭା ନିର୍ବାଚନ ରହିଛି, ସେହି ରାଜ୍ୟକୁ ଗୁରୁତ୍ୱ ମିଳିପାରେ। ତେଣୁ ଉତ୍ତରପ୍ରଦେଶ , ଉତ୍ତରାଖଣ୍ଡ, ଗୋଆ, ମଣିପୁର, ପଞ୍ଜାବ, ହିମାଚଳ ପ୍ରଦେଶ, ଗୁଜୁରାଟକୁ ମିଳିପାରେ ଗୁରୁତ୍ୱ । ପଞ୍ଜାବରେ ବିଜେପି ଏକାକୀ ନିର୍ବାଚନ ଲଢିବାକୁ ଯୋଜନା କରୁଛି। ସେହି ଦୃଷ୍ଟିରୁ ଆପ୍ ଛାଡି ବିଜେପିରେ ମିଶିଥିବା ରାଘବ ଚଢା ଓ ତାଙ୍କ ସହଯୋଗୀଙ୍କୁ ମନ୍ତ୍ରୀପରିଷଦରେ ସାମିଲ କରାଯିବାର ସମ୍ଭାବନା ରହିଛି। ଏହାସହ ୧୫ରୁ ଅଧିକ ମନ୍ତ୍ରୀଙ୍କ ବିଭାଗ ପରିବର୍ତ୍ତନ ସମ୍ଭାବନା ରହିଛି। କୃଷି, ଆଇନ, ପରିବେଶ, ଜଳଶକ୍ତି , ରେଳ, ଅର୍ଥ, କର୍ପୋରେଟ୍ ବ୍ୟାପାର, କୋଇଲା, ବୟନଶିଳ୍ପ, ସୂଚନା ଓ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ, ଗ୍ରାମ୍ୟ ବିକାଶ ଓ ସାର ମନ୍ତ୍ରୀଙ୍କ ବିଭାଗ ପରିବର୍ତ୍ତନ ହୋଇପାରେ । କିଛି ବରିଷ୍ଠ ମନ୍ତ୍ରୀଙ୍କୁ ସରକାରରୁ ହଟାଇ ଦଳୀୟ ସଂଗଠନ ଦାୟିତ୍ୱ ଦିଆଯିବା ସମ୍ଭାବନା। ୨୦୨୯ ସାଧାରଣ ନିର୍ବାଚନ ଏବଂ ଉତ୍ତରପ୍ରଦେଶ ଓ ପଞ୍ଜାବ ସମେତ ୫ଟି ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ସରକାର ମନ୍ତ୍ରିମଣ୍ଡଳରେ ପରିବର୍ତ୍ତନ କରିବାକୁ ଯାଉଛନ୍ତି । ଯୁବ ଚେହେରା, ଆଞ୍ଚଳିକ ସନ୍ତୁଳନ ଏବଂ ସାମାଜିକ ପ୍ରତିନିଧିତ୍ୱକୁ ଗୁରୁତ୍ୱ ଦେଇ ସମ୍ପ୍ରସାରଣ କରି ପାରନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ମନ୍ତ୍ରୀମଣ୍ଡଳ ପୁନର୍ଗଠନ ପୂର୍ବରୁ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଗ୍ରାମୀଣ ବିକାଶ, ରସାୟନ ଓ ପେଟ୍ରୋକେମିକାଲ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ନୂଆ ସଚିବ ନିଯୁକ୍ତ ହୋଇସାରିଛନ୍ତି । ନୂଆ ମନ୍ତ୍ରୀମାନେ ଦାୟିତ୍ୱ ନେବା ପୂର୍ବରୁ ପ୍ରଶାସନିକ ବ୍ୟବସ୍ଥାକୁ ମଜବୁତ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଚର୍ଚ୍ଚା ହେଉଛି ।

## ଶ୍ରୀଜଗନ୍ନାଥ ମନ୍ଦିରରେ ହେବ ଇ-ହୁଣ୍ଡି



ଭୁବନେଶ୍ୱର, ୦୬/୦୬ (ଜେଏନ୍ଏସ୍) : ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ପୁରୀ ଆସୁଥିବା ଭକ୍ତ ଶ୍ରୀମନ୍ଦିର ହୁଣ୍ଡିରେ ଅର୍ଥ ଦାନ କରିବାର ପରମ୍ପରା କାହିଁ କେଉଁ କାଳରୁ ରହିଆସିଛି। ତେବେ ମନ୍ଦିରକୁ ଆସିପାରୁ ନ ଥିବା ଶ୍ରଦ୍ଧାଳୁ ଭକ୍ତ ଏଥିରୁ ବଞ୍ଚିତ ହେଉଥିଲେ। ଏହି ସମସ୍ୟାର ସମାଧାନ ପାଇଁ ରାଜ୍ୟ ବାହାରେ ତଥା ବିଦେଶରେ ରହୁଥିବା ଶ୍ରଦ୍ଧାଳୁଙ୍କ ଲାଗି ଅନଲାଇନ ମାଧ୍ୟମରେ ହୁଣ୍ଡିରେ ଦାନ ଦେବା ବ୍ୟବସ୍ଥା ଆସିବ। ଏହି ବ୍ୟବସ୍ଥା ପାଇଁ ଅନେକ ଭକ୍ତ ଇଚ୍ଛା କରି ଆସୁଛନ୍ତି। ଏହିକ୍ରମରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଇ-ହୁଣ୍ଡି ବ୍ୟବସ୍ଥା କାର୍ଯ୍ୟକାରୀ ନିମନ୍ତେ ଲୋକସେବା ଭବନରେ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଇ- ହୁଣ୍ଡି ବ୍ୟବସ୍ଥା କାର୍ଯ୍ୟକାରୀ ନିମନ୍ତେ ଆଲୋଚନା ହୋଇଛି। ଭକ୍ତ ତଥା ଶ୍ରଦ୍ଧାଳୁ ନିଜ ଜନ୍ମଦିନ, ବିବାହ ବାର୍ଷିକୀ ତଥା ନିଜର ମନସ୍କାମନା ପୂରଣ ଖୁସିରେ କିଭଳି ଭାବେ ଅନଲାଇନ ମାଧ୍ୟମରେ ଶ୍ରୀମନ୍ଦିର ହୁଣ୍ଡିରେ ଅର୍ଥରାଶି ଦାନ କରିପାରିବେ, ସେ ବିଷୟରେ ଆଲୋଚନା କରାଯାଇଥିଲା। ଦାନ ଅର୍ଥରାଶି ପାଇଁ ଆୟକର ଛାଡ଼ ବ୍ୟବସ୍ଥା ରହିବାକୁ ଥିବା ବେଳେ ଭକ୍ତଙ୍କଠାରୁ ଦାନ ସୂତ୍ରରେ ଆସିବାକୁ ଥିବା ଅର୍ଥ କେବଳ ଶ୍ରୀମନ୍ଦିର ବିକାଶ ଦିଗରେ ଖର୍ଚ୍ଚ ହେବ। ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ରାଜ୍ୟ ତଥା ଦେଶ ବାହାରେ ରହୁଥିବା ଜଗନ୍ନାଥ ଭକ୍ତ ଶ୍ରୀମନ୍ଦିର ହୁଣ୍ଡିକୁ ସହଜରେ ଅର୍ଥରାଶି ପଠାଇ ପାରିବେ। ଏହି ବ୍ୟବସ୍ଥାରୁ ସାଇବର ଅପରାଧୀ ଯେପରି ଫାଇଦା ଉଠାଇ ନ ପାରିବେ ସେଥିଲାଗି ବିହିତ ପଦକ୍ଷେପ ନେବାକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପରାମର୍ଶ ଦେଇଛନ୍ତି। ବୈଠକରେ ଓଡ଼ିଶା ରାଜ୍ୟ ବିଧି ଆୟୋଗ ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଆଇନ ବିଭାଗ ପ୍ରମୁଖ ସଚିବ ଡ. ପବିତ୍ର ମୋହନ ସାମଲ, ସ୍ୱତନ୍ତ୍ର ସଚିବ ପ୍ରଣବ ପାତ୍ର ଏବଂ ଅତିରିକ୍ତ ସଚିବ ଶିବ ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## କମିଲା ସୁନା ଓ ରୁପା ଦର୍

ଭୁବନେଶ୍ୱର, ୦୬/୦୬ (ଜେଏନ୍ଏସ୍) : ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୫,୭୩୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୨,୭୫୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୫,୭୩୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୪୨,୭୫୦୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୫,୭୩୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୨,୭୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୫,୮୮୦ ଟଙ୍କା ଓ ୨୨ କ୍ୟାରଟେ ୧,୪୨,୯୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୫୭,୯୬୦ ଟଙ୍କା ଥିବାବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୪,୩୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୫,୭୩୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୨,୭୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୮୦,୦୦୦ ଟଙ୍କା ହୋଇଛି ।

## ଦାୟିତ୍ୱ ନେଉ ନେଉ ଶିବ କୁମାରଙ୍କୁ ଶକ୍ତ ଧକ୍କା

ବେଙ୍ଗାଲୁରୁ, ୦୬/୦୬ କର୍ଣ୍ଣାଟକ କ୍ୟାବିନେଟରେ ବିଭାଗ ବଣ୍ଟନ ପରେ କଂଗ୍ରେସ ସରକାର ଭିତରେ ଅସନ୍ତୋଷ ଖୋଲାଖୋଲି ଭାବରେ ଦେଖାଦେଇଛି। ବରିଷ୍ଠ ନେତା ରାମଲିଙ୍ଗା ରେଡ୍ଡୀ ଶୁକ୍ରବାର ମନ୍ତ୍ରୀ ପଦରୁ ଇସ୍ତଫା ଦେବା ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ତାଙ୍କୁ ପ୍ରତିଶ୍ରୁତି ଦିଆଯାଇଥିବା ବିଭାଗ ମିଳିନଥିବାରୁ ସେ ଏହି ନିଷ୍ପତ୍ତି ନେଇଛନ୍ତି। ତଥାପି, ରାମଲିଙ୍ଗା ରେଡ୍ଡୀ ସ୍ପଷ୍ଟ କରିଛନ୍ତି ଯେ ତାଙ୍କର ପଦକ୍ଷେପ ଦଳ ବିରୋଧୀ ନୁହେଁ। ସେ କଂଗ୍ରେସ ସହିତ ରହିବେ ଏବଂ ବିଧାନସଭାରେ ବିଧାୟକ ଭାବରେ ତାଙ୍କର ଦାୟିତ୍ୱ ନିର୍ବାହ କରିବେ ବୋଲି ଦୃଢ଼ୋକ୍ତି କରିଛନ୍ତି। ବିଭାଗ ବଣ୍ଟନର ଗୋଟିଏ ଦିନ ପରେ ଆୟୋଜିତ ଏକ ସାମ୍ବାଦିକ



ସମ୍ମିଳନୀରେ ରାମଲିଙ୍ଗା ରେଡ୍ଡୀ କହିଛନ୍ତି ଯେ ତାଙ୍କର କୌଣସି ବ୍ୟକ୍ତିଙ୍କ ପ୍ରତି କୌଣସି କ୍ଷୋଭ ନାହିଁ କିନ୍ତୁ ତାଙ୍କର ଆତ୍ମସମ୍ମାନ ପାଇଁ ଏହି ନିଷ୍ପତ୍ତି ନେବାକୁ ପଡିଲା। ସେ ଉଲ୍ଲେଖ କରିଛନ୍ତି ଯେ ସେ ଜଣେ ସହଯୋଗୀଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାରଙ୍କ ପ୍ରମୁଖ ସଚିବଙ୍କ ନିକଟକୁ ତାଙ୍କର ଇସ୍ତଫାପତ୍ର ପଠାଇଛନ୍ତି। ରାମଲିଙ୍ଗା ରେଡ୍ଡୀ ଦାବି କରିଛନ୍ତି ଯେ ସିଦ୍ଧାରାମାୟା ମୁଖ୍ୟମନ୍ତ୍ରୀ ହେବା ପରେ ତାଙ୍କୁ ବେଙ୍ଗାଲୁରୁ ନଗର ଉନ୍ନୟନ ବିଭାଗ ନିଶ୍ଚିତ କରାଯାଇଥିଲା। ସେ କହିଥିଲେ, 'ସେତେବେଳେ ମୁଁ ସ୍ପଷ୍ଟ ଭାବରେ କହିଥିଲି ଯେ ମୁଁ ମନ୍ତ୍ରୀ ପଦ ଚାହୁଁନାହିଁ। କିନ୍ତୁ ପରେ, ଡି.କେ. ଶିବକୁମାର ମୋ ଘରକୁ ଆସିଥିଲେ ଏବଂ କହିଥିଲେ ଯେ ଯେତେବେଳେ ତାଙ୍କୁ ମୁଖ୍ୟମନ୍ତ୍ରୀ ହେବାର ସୁଯୋଗ ମିଳିବ, ସେତେବେଳେ ମୋତେ ବେଙ୍ଗାଲୁରୁ ବିକାଶ ବିଭାଗ ଦିଆଯିବ।' ୭୨ ବର୍ଷୀୟ ରାମଲିଙ୍ଗା ରେଡ୍ଡିଙ୍କୁ ଗୁରୁବାର ଜଳସମ୍ପଦ ମନ୍ତ୍ରୀ ଭାବରେ ନିଯୁକ୍ତ କରାଯାଇଥିଲା। ଏହି ସମୟରେ, ବେଙ୍ଗାଲୁରୁ ନଗର ଉନ୍ନୟନ ବିଭାଗ – ଯାହା ସେ ଚାହୁଁଥିଲେ, କୃଷ୍ଣା ବାଇର ଗୌଡାଙ୍କୁ ଦିଆଯାଇଥିଲା। ରାଜନୈତିକ ପର୍ଯ୍ୟବେକ୍ଷକମାନେ ବିଶ୍ୱାସ କରନ୍ତି ଯେ ପୋର୍ଟଫୋଲିଓ ଆବଣ୍ଟନକୁ ନେଇ କଂଗ୍ରେସ ସରକାର ଭିତରେ ଅସନ୍ତୋଷ ଆହୁରି ବୃଦ୍ଧି ପାଇପାରେ। ରାମଲିଙ୍ଗା ରେଡ୍ଡିଙ୍କୁ କର୍ନାଟକ ରାଜନୀତିରେ ଜଣେ ପ୍ରମୁଖ ବ୍ୟକ୍ତି ଭାବରେ ବିବେଚନା କରାଯାଏ। ସେ ଆଠ ଥର ବିଧାୟକ ଭାବରେ ନିର୍ବାଚିତ ହୋଇଛନ୍ତି ଏବଂ ପୂର୍ବରୁ ସିଦ୍ଧାରାମାୟା ସରକାରରେ ଗୃହମନ୍ତ୍ରୀ, ପରିବହନ ମନ୍ତ୍ରୀ ଏବଂ ହିନ୍ଦୁ ଧାର୍ମିକ ଏବଂ ଦାନଶୀଳ ଦାନ ମନ୍ତ୍ରୀ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ଗ୍ରହଣ କରିଛନ୍ତି। ସେ ବର୍ତ୍ତମାନ ବେଙ୍ଗାଲୁରୁର ବିଟିଏମ ଲେଆଉଟ ବିଧାନସଭା ନିର୍ବାଚନମଣ୍ଡଳୀର ପ୍ରତିନିଧିତ୍ୱ କରୁଛନ୍ତି। ୨୦୨୩ କର୍ନାଟକ ବିଧାନସଭା ନିର୍ବାଚନରେ ରାମଲିଙ୍ଗା ରେଡ୍ଡି ବିଟିଏମ ଲେଆଉଟ ଆସନରେ ବିଜୟୀ ହୋଇଥିଲେ। ସେ ୬୮,୫୫୭ ଭୋଟ ପାଇଥିଲେ, ଯାହା ମୋଟ ଭୋଟର ୫୦.୭୦ ପ୍ରତିଶତ ଥିଲା। ସେ ଭାଜପା ପ୍ରାର୍ଥୀ କେ.ଆର. ଶ୍ରୀଧରଙ୍କୁ ପରାସ୍ତ କରିଥିଲେ, ଯିଏ ୫୯,୩୩୫ ଭୋଟ କିମ୍ବା ଭୋଟ ଶେୟାରର ୪୩.୮୮ ପ୍ରତିଶତ ପାଇଥିଲେ। ଇସ୍ତଫା ଦେବା ସତ୍ତ୍ୱେ, ରାମଲିଙ୍ଗ ରେଡ୍ଡୀ ସ୍ପଷ୍ଟ କରିଛନ୍ତି ଯେ ତାଙ୍କର କଂଗ୍ରେସ ଦଳ ଛାଡିବାର କୌଣସି ଇଚ୍ଛା ନାହିଁ। ସେ କହିଛନ୍ତି ଯେ ସେ ଦଳ ସହିତ ଜଡିତ ରହିବେ ଏବଂ ବିଧାୟକ ଭାବରେ ଜନସାଧାରଣଙ୍କ ସେବା ଜାରି ରଖିବେ। ଏହି ପଦକ୍ଷେପକୁ କର୍ନାଟକ କଂଗ୍ରେସ ଭିତରେ ବଢୁଥିବା ଅସନ୍ତୋଷର ଏକ ସଙ୍କେତ ଭାବରେ ଦେଖାଯାଉଛି।

## ଟ୍ରମ୍ପଙ୍କୁ ପୁଟିନଙ୍କ କଡ଼ା ଚେତାବନୀ



ନୂଆଦିଲ୍ଲୀ, ୦୬/୦୬ ବଡ ଚେତାବନୀ ଦେଲେ ପୁଟିନ୍। ଭାରତକୁ ବିଶ୍ୱସ୍ତ ବନ୍ଧୁ ଏବଂ ସହଯୋଗୀ ବୋଲି କହିଲେ। ରୁଷ ଖୋଲାଖୋଲି ଭାବରେ ଭାରତକୁ ସମର୍ଥନ କରିଛି। ଭାରତର ବୈଦେଶିକ ନୀତି ଏବଂ ଭାରତର ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ପ୍ରଶଂସା କରିବା ସହିତ, ଏହା ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କୁ କଡ଼ା ଚେତାବନୀ ଦେଇଛି। ରୁଷ ରାଷ୍ଟ୍ରପତି ପୁଟିନ ଭାରତକୁ ଏକ ସାର୍ବଭୌମ ଦେଶ, ଏହାର ସବୁଠାରୁ ବୁଝାମଣା ବନ୍ଧୁ ଏବଂ ଏକ ବିଶ୍ୱସ୍ତ ସହଯୋଗୀ ଭାବରେ ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି ଯେ ଭାରତ ବିଶ୍ୱର ପ୍ରମୁଖ ଅର୍ଥନୈତିକ ଶକ୍ତି ମଧ୍ୟରୁ ଗୋଟିଏ। ଭାରତର ଅର୍ଥନୀତି ବିଶ୍ୱର ପ୍ରମୁଖ ଅର୍ଥନୀତି ମଧ୍ୟରେ ଅନ୍ତର୍ଭୁକ୍ତ, ଏବଂ ରୁଷ ସହିତ ଏହାର ସମ୍ପର୍କ ଅତ୍ୟନ୍ତ ମଜବୁତ।

ପଶ୍ଚିମ ଦେଶଗୁଡ଼ିକ, ବିଶେଷକରି ଆମେରିକା, ରୁଷ ଏବଂ ଭାରତର ସହଯୋଗ ଉପରେ ଚାପ ପକାଇବାକୁ ଚେଷ୍ଟା କରୁଛନ୍ତି, କିନ୍ତୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଉପରେ ଚାପ ପକାଇବା ନିରର୍ଥକ। ଭାରତ ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଉପରେ ଚାପ ପକାଇବା ପାଇଁ ଆମେରିକାର ଯେକୌଣସି ପ୍ରୟାସ କ୍ଷତିକାରକ ପ୍ରମାଣିତ ହେବ। ଭାରତ-ରୁଷ ସମ୍ପର୍କ ଅତ୍ୟନ୍ତ ମଜବୁତ ଏବଂ ବିଶ୍ୱାସର ଭିତ୍ତିଭୂମି ଉପରେ ନିର୍ମିତ। କୌଣସି ବାହ୍ୟ ଚାପ ଭାରତ-ରୁଷ ଦ୍ୱିପାକ୍ଷିକ ସମ୍ପର୍କକୁ ପ୍ରଭାବିତ କରିପାରିବ ନାହିଁ। ତେଣୁ, ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ସେମାନଙ୍କୁ କ୍ଷତି ପହଞ୍ଚାଇ ପାରିବେ ନାହିଁ।

ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଗୁରୁବାର ସେଣ୍ଟ ପିଟର୍ସବର୍ଗରେ ବିଶ୍ୱର ପ୍ରମୁଖ ଗଣମାଧ୍ୟମ ସଂସ୍ଥାଗୁଡ଼ିକର ମୁଖ୍ୟଙ୍କ ସହିତ ଏକ ବିଶେଷ ବୈଠକ କରିଥିଲେ। ବୈଠକ ସମୟରେ, ସେ ଭାରତ, ଆମେରିକା ଏବଂ ପାକିସ୍ତାନ ଉପରେ ତାଙ୍କର ମତ ପ୍ରକାଶ କରିଥିଲେ। ସେ କହିଥିଲେ ଯେ ଅନ୍ୟ ଦେଶ ସହିତ ଭାରତର ସହଯୋଗ ବୃଦ୍ଧି କରିବା ଦ୍ୱାରା ରୁଷ ସହିତ ଏହାର ଦ୍ୱିପାକ୍ଷିକ ସମ୍ପର୍କ ପ୍ରତି କୌଣସି ବିପଦ ସୃଷ୍ଟି ହୁଏ ନାହିଁ। ଆମେରିକା ଅଶୋଧିତ ତୈଳ ସମ୍ପର୍କରେ ଭାରତ ଉପରେ ଚାପ ପକାଉଛି, କିନ୍ତୁ ଏହା ରୁଷ ସହିତ ଭାରତର ସମ୍ପର୍କକୁ ପ୍ରଭାବିତ କରିବ ନାହିଁ।

ପୁଟିନ କହିଛନ୍ତି ଯେ ଭାରତ ଉପରେ ଚାପ ପକାଇବା, ନରେନ୍ଦ୍ର ମୋଦୀଙ୍କ ଉପରେ ଚାପ ପକାଇବା, ଆମେରିକାର ଆନ୍ତର୍ଜାତୀୟ ସମ୍ପର୍କ ଏବଂ ଦ୍ୱିପାକ୍ଷିକ ସମ୍ପର୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇପାରେ। ରୁଷ ଏବଂ ଭାରତ ମଧ୍ୟରେ ସମ୍ପର୍କ ବିକଶିତ ହେଉଛି। ଏହି ସମ୍ପର୍କ ଭବିଷ୍ୟତରେ ଜାରି ରହିବ, ମଜବୁତ ହେବ ଏବଂ ବୃଦ୍ଧି ପାଇବ। ଭାରତ ଏବଂ ରୁଷର ସମ୍ପର୍କ କେବଳ ଅଶୋଧିତ ତୈଳ କିଣିବା ପର୍ଯ୍ୟନ୍ତ ସୀମିତ ନୁହେଁ। ଆଗାମୀ କିଛି ବର୍ଷ ମଧ୍ୟରେ, ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ $୧୦୦ ବିଲିୟନରେ ପହଞ୍ଚିପାରେ। ଭାରତ ଜାତୀୟ ସ୍ୱାର୍ଥକୁ ଧ୍ୟାନରେ ରଖି କାର୍ଯ୍ୟ କରେ।

## ବହିଷ୍କୃତ ଟିଏମସି ବିଧାୟକ ହେଲେ ବିରୋଧୀ ଦଳ ନେତା, ମମତା ଗୋଷ୍ଠୀଙ୍କୁ ଶକ୍ତ ଝଟକା

କଲିକତା, ୦୬/୦୬ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପରେ ଟିଏମସିରେ ଦେଖା ଯାଇଥିବା କନ୍ଦଳ ଶେଷରେ ବିସ୍ଫୋରକ ରୂପ ନେଇଛି। ଦଳ ବିରୋଧୀ କାର୍ଯ୍ୟ ପାଇଁ ବହିଷ୍କୃତ ଟିଏମସି ବିଧାୟକ ରିତବ୍ରତ ବାନାର୍ଜୀ ହୋଇଛନ୍ତି ବେଙ୍ଗଲ ବିଧାନସଭାର ବିରୋଧୀ ଦଳ ନେତା। ବାଚସ୍ପତି ଆଜି ରିତବ୍ରତ ବାନାର୍ଜୀଙ୍କୁ ବିରୋଧୀ ଦଳ ନେତା ମାନ୍ୟତା ଦେଇଛନ୍ତି। ତାଙ୍କୁ ବିଧାନସଭା ପକ୍ଷରୁ ବିରୋଧୀ ଦଳ ନେତାଙ୍କ ପାଇଁ ଉପଲବ୍ଧ ଚ୍ୟାମ୍ବରର ଚାବି ମଧ୍ୟ ହସ୍ତାନ୍ତର କରାଯାଇଛି। ଏହା ଟିଏମସି ସୁପ୍ରିମୋ ମମତା ବାନାର୍ଜୀଙ୍କୁ ଶକ୍ତ ଝଟକା। କାରଣ ମମତା ଓ ତାଙ୍କ ପୁତୁରା ଅଭିଷେକ ବାନାର୍ଜୀ ମିଳିତ ଭାବେ ବରିଷ୍ଠ ନେତା ଶୋଭନଦେବ ଚଟ୍ଟୋପାଧ୍ୟ ବିରୋଧୀ ଦଳ ନେତା ଭାବେ ନିଯୁକ୍ତ କରିଥିଲେ। ଏନେଇ ବିଧାୟକଙ୍କ ଦସ୍ତଖତ ଥିବା ଗୋଟିଏ ଦାବିପତ୍ର ବିଧାନସଭା ସଚିବଙ୍କ ପାଖରେ ଦାଖଲ କରାଯାଇଥିଲା। କିନ୍ତୁ ବିଧାୟକଙ୍କ ଦସ୍ତଖତରେ ଜାଲିଆତି ଅଭିଯୋଗ ହୋଇଛି। ଏଥିପାଇଁ ଟିଏମସି ପକ୍ଷରୁ ରିତବ୍ରତ ବାନାର୍ଜୀ ଓ ସନ୍ଦିପନ ସାହାଙ୍କୁ ଟିଏମସି ବହିଷ୍କାର କରାଯାଇଥିଲା।

ବାସ୍ ଏହାପରେ ରିତବ୍ରତଙ୍କ ନେତୃତ୍ୱରେ ଏକାଠି ହୋଇଥିଲେ ପ୍ରାୟ ୫୮ ଜଣ ବିଧାୟକ। ଆଜି ସେମାନେ ପ୍ରଥମେ ବାଚସ୍ପତିଙ୍କୁ ଭେଟି ଗୋଟିଏ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ଶୋଭଦେବ ଚଟ୍ଟୋପାଧ୍ୟାୟଙ୍କ ବଦଳରେ ସେମାନେ ରିତାବ୍ରତ ବାନାର୍ଜୀଙ୍କୁ ବିରୋଧୀ ଦଳ ନେତା ଭାବେ ସମର୍ଥନ କରିଥିଲେ। ରିତବ୍ରତ କହିଥିଲେ ଯେ "ଆମେ ଗୋଟିଏ ଟିମ ଭାବେ ଲଢ଼ିଥିଲୁ। ଆମେ ଏବେ ୫୮ ଜଣ ବିଧାୟକ ରହିଛୁ। ଆମେ ପ୍ରମୁଖ ବିରୋଧୀ। ଆଉ ୨ ଜଣ ଆମ ପାଖକୁ ଆସିବେ। କିନ୍ତୁ ସେମାନେ ରାଜ୍ୟ ବାହାରେ ରହିଛି। ବାଚସ୍ପତି ଏହାକୁ ବିଚାରକୁ ନିଅନ୍ତୁ। ଆମ ସହ ଆଉ ଦୁଇ ଜଣ ବିଧାୟକ ସାମିଲ ହେଲେ ସଂଖ୍ୟା ୬୦ ଛୁଇଁବ।" ଏହି ଦାବି ପରେ ରିତବ୍ରତଙ୍କ ପାଖରେ ଦୁଇ ତୃତୀୟାଂଶ ବିଧାୟକଙ୍କ ସମର୍ଥନ ରହିଥିବା ଜଣାପଡ଼ିଥିଲା। ଏଥିପାଇଁ ରିତବ୍ରତଙ୍କୁ ଟିଏମସିର ବିଦ୍ରୋହୀ ନେତାଙ୍କ କଥାରେ ବାଚସ୍ପତି ବିରୋଧୀ ଦଳ ନେତା ଭାବେ ମାନ୍ୟତା ଦେଇଛନ୍ତି। ଟିଏମସି ବେଙ୍ଗଲ ବିଧାନସଭାରେ ୮୦ଟି ଆସନ ଜିତିଥିବାରୁ ଏହାର ଦୁଇ ତୃତୀୟାଂଶ ହେଉଛି ୫୪। ଏପରି ସ୍ଥିତିରେ ବିଦ୍ରୋହୀ ଗୋଷ୍ଠୀ ବେଶ ସହଜରେ ନିଜର ଦାବି ହାସଲ କରିପାରିଛନ୍ତି। ବିରୋଧୀ ଦଳ ନେତା ମାନ୍ୟତା ପାଇବା ପରେ ରିତବ୍ରତ କୌଣସି ନୂଆ ଗୋଷ୍ଠୀ ସପକ୍ଷରେ ନଥିବା ସ୍ପଷ୍ଟ କରିଛନ୍ତି। ସେ ଏବେ ବି ମମତା ବାନାର୍ଜୀଙ୍କୁ ନିଜର ସୁପ୍ରିମୋ ଭାବେ ବିବେଚନା କରୁଥିବା କହିଛନ୍ତି। ରିତବ୍ରତ କହିଛନ୍ତି, "ଆମ ନେତା ହେଉଛନ୍ତି ମମତା ବାନାର୍ଜୀ ଓ ଆମେ ଟିଏମସିର ସଦସ୍ୟ। ଟିଏମସି ବିରୋଧୀ ଦଳ ନେତା ବାଛି ନ ପାରିବା ଅତ୍ୟନ୍ତ ପରିତାପର ବିଷୟ। ଆମେ ଆଗକୁ ଆସି ଦଳକୁ ରକ୍ଷା କରିଛୁ। ଆମେ ଆମ ନେତା ମମତା ବାନାର୍ଜୀଙ୍କୁ ଏହି ପ୍ରସଙ୍ଗରେ ସହମତି ଦେବାକୁ ଅନୁରୋଧ କରୁଛୁ। ଆମେ ତାଙ୍କୁ ମାର୍ଗଦର୍ଶକ ଭାବେ ବିବେଚନା କରୁଛୁ।" ରିତବ୍ରତ ଘୋଷଣା କରିଛନ୍ତି ଯେ ବିଧାନସଭାରେ ଟିଏମସିର ମୁଖ୍ୟ ସଚେତକ ଭାବେ ରଘୁନାଥଗଞ୍ଜ ବିଧାୟକ ଅଖ୍ରୁରଜମାଣ କାର୍ଯ୍ୟ କରିବେ। ସେହିପରି ଟିଏମସି ବିଧାୟକ ଦଳ ଉପ ନେତା ଭାବେ ଜାଭେଦ ଖାନ, ସନ୍ଦିପନ ସାହା, ସାବିନା ୟାସିମ ଓ ଶିଉଳି ସାହାଙ୍କୁ ଦାୟିତ୍ୱ ମିଳିଛି। ରିତବ୍ରତ ବାନାର୍ଜୀଙ୍କ କହିବା କଥା ଯେ ଟିଏମସି ବେଙ୍ଗଲ ସରକାରଙ୍କ ଜନ ବିରୋଧୀ ନୀତିକୁ ବିରୋଧ କରିବ। କିନ୍ତୁ କେବଳ ବିରୋଧୀ ଭାବେ ସବୁ ପ୍ରସଙ୍ଗକୁ ବିରୋଧ କରିବ ନାହିଁ। ଦଳର ନେତୃବୃନ୍ଦ ବିରୋଧୀ ଦଳ ନେତା ଚୟନ ବେଳେ ପ୍ରଦତ୍ତ ନିୟମକୁ ମାନି ନଥିଲେ।

## ପୁଣି ଅଗ୍ନିକାଣ୍ଡରୁ ବର୍ତ୍ତିଲା ଏସ୍‌ସିବି

କଟକ, ୦୬/୦୬ (ଜେଏନ୍ଏସ୍) : ଏସ୍‌ସିବି ଡାକ୍ତରଖାନାରେ ପୁଣି ଏକ ଅଗ୍ନିକାଣ୍ଡ ଟଳି ଯାଇଛି। ସର୍ଜରି ବିଭାଗର ତଳ ମହଲାରେ ଗୁରୁବାର ଦିନ ପ୍ରାୟ ୧୨ଟା ୫୦ରେ ଇଲେକ୍ଟ୍ରି ବୋର୍ଡରେ ସ୍ପାର୍କିଂ ହୋଇଥିଲା। ଖବରପାଇ ଏସ୍ ?ସିବି ଅଗ୍ନିଶମ ଟିମ୍ ସେଠାରେ ପହଞ୍ଚି ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲା। ସର୍ଜରି ବିଭାଗର ଯେଉଁଠି ଅଗ୍ନିକାଣ୍ଡ ଘଟିଛି ସେଠି ଏସ୍‌ସିବି ଟ୍ରମା ଆଇସିୟୁର ଅସ୍ଥାୟୀ ଆଇସିୟୁ କାର୍ଯ୍ୟକାରୀ ହେଉଛି। ନିକଟରେ ଏସ୍ ?ସିବି ଟ୍ରମା ଆଇସିୟୁ କୋଠାରେ ଅଗ୍ନିକାଣ୍ଡ ଘଟି ରୋଗୀ ମୃତ୍ୟୁ ଘଟଣା ଆଲୋଡ଼ନ ସୃଷ୍ଟି କରିଥିବା ବେଳେ ଏବେ ଅସ୍ଥାୟୀ ଟ୍ରମା ଆଇସିୟୁରେ ସ୍ପାର୍କିଂ ହେବା ଘଟଣା କର୍ତ୍ତୃପକ୍ଷଙ୍କ ଚିନ୍ତା ବଢ଼ାଇ ଦେଇଛି। ଉଲ୍ଲେଖଯୋଗ୍ୟ ଯେ ମାର୍ଚ୍ଚ ୧୫ ତାରିଖ ରାତି ପ୍ରାୟ ୨ଟା ୩୦ରେ ଏସ୍‌ସିବି ଟ୍ରମା ଆଇସିୟୁ କୋଠାରେ ଭୟାବହ ଅଗ୍ନିକାଣ୍ଡ ଘଟି ୧୨ ଜଣ ରୋଗୀ ଜିଅନ୍ତା ଜଳିଯାଇଥିଲେ। ସର୍ଟ ସର୍କିଟ୍ ଯୋଗୁ ଏଭଳି ଅଘଟଣ ଘଟିଥିବା ବେଳେ ୧୮ ତାରିଖରେ ପୁଣି ଅଣଟ୍ରମା କାଜୁଆଲିଟିରେ ଥିବା ଏକ ସୁଇଚ୍ ?ବୋର୍ଡରେ ସ୍ପାର୍କିଂ ହୋଇ ଅଗ୍ନିକାଣ୍ଡ ହୋଇଥିଲା। ଫଳରେ ମେ ୨୦ ତାରିଖରେ ସର୍ଜରି ବିଭାଗର ତଳ ମହଲାରେ ଅସ୍ଥାୟୀ ଭାବେ ୧୭ଟି ଟ୍ରମା ଆଇସିୟୁ ବେଡ କାର୍ଯ୍ୟକ୍ଷମ ହୋଇଥିଲା। କିନ୍ତୁ ଏବେ ସେଠି ବି ସ୍ପାର୍କିଂ ହେବାରୁ ରୋଗୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି।

# ବିଜେପି ରାଜ୍ୟସଭା ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କଲେ ଦେବାଶିଷ



ଭୁବନେଶ୍ୱର, ୦୬/୦୬ (ଜେଏନ୍ଏସ୍) : ରାଜ୍ୟସଭା ଉପନିର୍ବାଚନ ପାଇଁ ନାମାଙ୍କନ ଦାଖଲ କରିଛନ୍ତି ବିଜେପି ପ୍ରାର୍ଥୀ ଦେବାଶିଷ ସାମନ୍ତରାୟ। ଆଜି ସେ ୩ ସେଟର ନାମାଙ୍କନ ଦାଖଲ କରିଛନ୍ତି। ଏହି ସମୟରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିହଦେଓ, ମନ୍ତ୍ରୀ ସୁରେଶ ପୂଜାରୀ, ଡକ୍ଟର ମୁକେଶ ମହାଲିଙ୍ଗ, କୃଷ୍ଣଚନ୍ଦ୍ର ପାତ୍ର, ସୂର୍ଯ୍ୟବଂଶୀ ସୂରଜ, ବିଧାୟକ ଆକାଶ ଦାସନାୟକ,ଲକ୍ଷ୍ମଣ ବାଗ, ଡକ୍ଟର ଦୁର୍ଗାପ୍ରସନ୍ନ ସାହୁ, ଆଶ୍ରିତ ପଟ୍ଟନାୟକ ଓ ସରୋଜ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେଛ ଏହାପୂର୍ବରୁ ଦେବାଶିଷ ସାମନ୍ତରାୟ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ନେତାମାନଙ୍କୁ ଭେଟିଥିଲେ। ଏହି ଅବସରରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ଦେବାଶିଷ ମିଶିବା ପରେ ବିଜେପିର ଶକ୍ତ ବଢ଼ିଛି। ଅନ୍ୟ କେତେକ ନେତା ବି ଦଳରେ ମିଶିବେ।

ଦେବାଶିଷ ସାମନ୍ତରାୟଙ୍କ ନାମରେ ବିଜେପି ମୋହର ମାରିଥିଲା । ଉଲ୍ଲେଖଯୋଗ୍ୟ, ରାଜ୍ୟସଭା ନିର୍ବାଚନ ପାଇଁ ଭାରତୀୟ ଜନତା ପାର୍ଟି ନିଜର ପ୍ରାର୍ଥୀଙ୍କ ନାମ ଗୁରୁବାର ଘୋଷଣା କରିଛି। ଦେବାଶିଷ ସାମନ୍ତରାୟଙ୍କ ନାମରେ ବିଜେପି ମୋହର ମାରିଥିଲା। ଫଳରେ ଦେବଶିଷ ବିଜେପିର ପ୍ରାର୍ଥୀ ହୋଇଛନ୍ତି। ବିଜେପିରୁ ଟିକଟ ମିଳିବା ପରେ ଦେବାଶିଷ ସାମନ୍ତରାୟ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି, ବିଜେପି ମୋ ଉପରେ ଭରସା ରଖିଛି। ରାଜ୍ୟର ବିକାଶ ପାଇଁ ଯାହା ଦରକାର ତାହା କରିବି।

ସୂଚନାଯୋଗ୍ୟ, ଭାରତୀୟ ନିର୍ବାଚନ ଆୟୋଗ (ଇସିଆଇ) ୨୭ଟି ରାଜ୍ୟସଭା ଆସନ ଓ ୩ଟି ରାଜ୍ୟରେ ବିଧାନ ପରିଷଦ ନିର୍ବାଚନ ପାଇଁ କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି। ସୋମବାର ଘୋଷଣା ହୋଇଥିବା କାର୍ଯ୍ୟସୂଚୀ ଅନୁଯାୟୀ ଜୁନ୍? ୧୮ରେ ମତଦାନ ଅନୁଷ୍ଠିତ ହେବ। ନିର୍ବାଚନ କମିସନ ଅନୁଯାୟୀ, ସମସ୍ତ ନିର୍ବାଚନ ପାଇଁ ମତଦାନ ଜୁନ୍ ୧୮ ତାରିଖ ସକାଳ ୮ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଭୋଟ ଗଣତି ସେହି ଦିନ ସନ୍ଧ୍ୟା ୫ଟାରୁ କରାଯିବ। ରାଜ୍ୟସଭା ପାଇଁ ନାମାଙ୍କନ ଦାଖଲ ଜୁନ୍ ୧ ତାରିଖ ସକାଳ ୧୧ ଟାରୁ ଆରମ୍ଭ ହୋଇଯାଇଛି। ନାମାଙ୍କନ ଦାଖଲର ଶେଷ ତାରିଖ ଜୁନ୍ ୮ ତାରିଖ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ରହିଛି। ନାମାଙ୍କନ ଯାଞ୍ଚ ଜୁନ୍ ୯ ତାରିଖ ଓ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ଜୁନ୍ ୧୧ ତାରିଖ ରହିଛି। ଭୋଟ୍ ଗ୍ରହଣ ଜୁନ୍ ୧୮ ତାରିଖ ସକାଳ ୮ ଟାରୁ ଅପରାହ୍ଣ ୪ ଟା ପର୍ଯ୍ୟନ୍ତ ଓ ଭୋଟ୍ ଗଣତି ସେହି ଦିନ ସନ୍ଧ୍ୟା ୫ ଟାରୁ ଆରମ୍ଭ ହେବ। ଇସିଆଇ ଆହୁରି କହିଛନ୍ତି ଯେ, ରାଜ୍ୟସଭାର ୧୦ଟି ରାଜ୍ୟର ୨୪ଟି ଆସନରେ ଦ୍ୱିବାର୍ଷିକ ନିର୍ବାଚନ ଅନୁଷ୍ଠିତ ହେବ। ମହାରାଷ୍ଟ୍ର, ତାମିଲନାଡୁ ଓ ଓଡ଼ିଶାରେ ୩ଟି ରାଜ୍ୟସଭା ଆସନ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେବ। ଏହି ସମୟରେ ବିହାରର ନଅଟି ଆସନ ପାଇଁ ରାଜ୍ୟ ବିଧାନସଭା ପରିଷଦ ପାଇଁ ଦ୍ୱିବାର୍ଷିକ ନିର୍ବାଚନ ଅନୁଷ୍ଠିତ ହେବ ଓ ଗୋଟିଏ ଆସନ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେବ। କର୍ଣ୍ଣାଟକରେ ବିଧାନସଭା ପରିଷଦର ସାତଟି ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ।

# ଟିଏମସି ସାଂସଦ କଲ୍ୟାଣ ବାନାର୍ଜୀଙ୍କ ଉପରେ ଆକ୍ରମଣ, ବିଜେପି କହିଲା ଡ୍ରାମା

କଲକାତା, ୦୬।୦୬: ପଶ୍ଚିମବଙ୍ଗରେ ଟିଏମସି ସାଂସଦଙ୍କୁ ଆକ୍ରମଣ ଘଟଣାରେ ଜୋରଦାର ହୋଇଛି ରାଜନୀତି। ପଶ୍ଚିମବଙ୍ଗରେ ପୁଣି ଜଣେ ଟିଏମସି ସାଂସଦଙ୍କ ଉପରେ ଆକ୍ରମଣ ଘଟଣା ସାମ୍ନାକୁ ଆସିଛି। ଏହି ଘଟଣା ହୁଗୁଲି ସ୍ଥିତ ଚଣ୍ଡିତଲା ପୋଲିସ ଷ୍ଟେସନ ସାମ୍ନାରେ ଟିଏମସି ସାଂସଦ କଲ୍ୟାଣ ବାନାର୍ଜୀଙ୍କ ଉପରେ ଆକ୍ରମଣ ହେଇଥିବା ନେଇ ସେ ଅଭିଯୋଗ କରିଛନ୍ତି। ଟିଏମସି ସାଂସଦ କହିଛନ୍ତି, ବିଜେପି କର୍ମୀ ତାଙ୍କ ଉପରେ ଆକ୍ରମଣ କରିଛନ୍ତି । ତାଙ୍କ ମୁଣ୍ଡକୁ ପଥର କିମ୍ବା ବଲ୍ ଭଳି ଜିନିଷ ମରାଯାଇଛି । ଆକ୍ରମଣ ଘଟଣାକୁ ନେଇ ବିଜେପି କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛି, ବିଜେପି କହିଛି ଯେ, ସେ ଆହତ ହୋଇନାହାନ୍ତି, କେବଳ ଡ୍ରାମା କରୁଛନ୍ତି। ସୂଚନାଯୋଗ୍ୟ ଯେ, ଟିଏମସି ସାଂସଦ କଲ୍ୟାଣ ବାନାର୍ଜୀ ଟିଏମସି ନେତା ଗିରଫ, କାର୍ଯ୍ୟକର୍ତ୍ତାଙ୍କୁ ଛାଡିବାକୁ ନେଇ ଚଣ୍ଡିତଲା ଥାନା ପହଞ୍ଚିଥିଲେ । ଏହି ସମୟରେ ଟିଏମସି ଏବଂ ବିଜେପି କର୍ମୀଙ୍କ ମଧ୍ୟରେ ନାରାବାଜୀ ହୋଇଥିଲା। ବିଜେପି କର୍ମୀ ଟିଏମସି ସମର୍ଥକଙ୍କୁ ଦେଖି ଚୋର ଚୋର ବୋଲି ନାରା ଲଗାଇଥିଲେ। ଏହାପରେ ମାହୋଲ ଗରମ ହୋଇଥିଲା।ତେଣୁ ସ୍ଥିତିକୁ ନିୟନ୍ତ୍ରଣରେ ରଖିବା ପାଇଁ ପୋଲିସ ବଳ ଏବଂ କେନ୍ଦ୍ରୀୟ ସୁରକ୍ଷା ବଳ ନିୟୋଜିତ ହୋଇଥିଲେ। ଏହି ସମୟରେ ପଥର ମାଡ଼ ହୋଇଥିଲା।ଫଳରେ କଲ୍ୟାଣ ବାନାର୍ଜୀ ଆହତ ହୋଇଥିଲେ । ସେପଟେ ବିଜେପି କହିଛି କି, କଲ୍ୟାଣ ବାନାର୍ଜୀ କେବଳ ଡ୍ରାମା କରୁଛନ୍ତି । ତାଙ୍କୁ କୌଣସି ଆଘାତ ଲାଗିଛି । କେବଳ ଅଭିଷେକ ବାନାର୍ଜୀଙ୍କ ମାମଲାରୁ ଧ୍ୟାନ ହଟାଇବାକୁ ଚେଷ୍ଟା କରୁଛନ୍ତି ।ଗତକାଲି ଟିଏମସି ସାଂସଦ ଅଭିଷେକ ବାନାର୍ଜୀଙ୍କୁ ଉପରେ ଆକ୍ରମଣ ହୋଇଥିଲା । ନିର୍ବାଚନ ପରବର୍ତ୍ତୀ ହିଂସାରେ ପୀଡିତ ପରିବାରକୁ ଭେଟିବାକୁ ଯାଇଥିଲେ । ଲୋକମାନେ ତାଙ୍କୁ ଆକ୍ରମଣ କରିବା ସହିତ ଅଣ୍ଡାମାଡ଼ କରିଥିଲେ। ଏହାସହିତ ଚୋର ଚୋର ବୋଲି ନାରା ଲଗାଇଥିଲେ । ଏହି ଘଟଣାରେ ପୋଲିସ ୫ ଜଣଙ୍କୁ ଗିରଫ କରିଛି ।

# ଦିଲ୍ଲୀ ହୋଟେଲ ଅଗ୍ନିକାଣ୍ଡ ଘଟଣାରେ ଗିରଫ ହେଲେ ମାଲିକ

ନୂଆଦିଲ୍ଲୀ, ୦୬।୦୬: ଦିଲ୍ଲୀ ମାଲବ୍ୟ ନଗର ହୋଟେଲ ଅଗ୍ନିକାଣ୍ଡ ସାରା ଦେଶକୁ ସ୍ତବ୍ଧ କରିଦେଇଛି। ଏହି ମର୍ମନ୍ତୁଦ ଅଗ୍ନିକାଣ୍ଡରେ ୨୧ ଜଣ ପ୍ରାଣ ହରାଇଥିବା ବେଳେ ଅନ୍ୟ କିଛି ଲୋକେ ଆହତ ହୋଇଛନ୍ତି। ଘଟଣା ପରେ ପୋଲିସ ଓ ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ କରିଛନ୍ତି। ଏହି କ୍ରମରେ ହୋଟେଲ ମାଲିକ ଲଭକେସ ବଜାଜଙ୍କୁ ପୋଲିସ ଅଟକ କରିଛି। ଏହା ପୂର୍ବରୁ ପୋଲିସ ବଜାଜ ଓ ତାଙ୍କ ପତ୍ନୀଙ୍କ ଲାଗି ଲୁକଆଉଟ୍ ସର୍କୁଲାର ଜାରି କରିଥିଲା, ଯେପରି ସେମାନେ ଦେଶ ଛାଡି ଫେରାର ନ ହୋଇ ପାରନ୍ତି। ସୂଚନା ଅନୁସାରେ ମାଲବ୍ୟ ନଗର ହୌଜରାନୀ କ୍ଷେତ୍ରରେ ଥିବା 'ଲେମନ ଗ୍ରୀନ' ହୋଟେଲ ଆଣ୍ଡ ରେଷ୍ଟୁରାଣ୍ଟରେ ବୁଧବାର ସକାଳେ ଅଚାନକ ନିଆଁ ଲାଗିଯାଇଥିଲା। ନିଆଁ ଏପରି ଭାବେ ଲାଗିଥିଲା ଯେ ଭିତରେ ଥିବା ଲୋକେ ବାହାରକୁ ବାହାରି ପାରିନଥିଲେ। ଆଖି ପିଛୁଳାକେ ପୁରା ପରିସରକୁ ନିଆଁ ଘେରିଯାଇଥିଲା। ଘଟଣାର ସୂଚନା ମିଳିବାମାତ୍ରେ ଦମକଳ ବିଭାଗ, ଦିଲ୍ଲୀପୋଲିସ, ଆମ୍ବୁଲାନ୍ସ ଓ ଅନ୍ୟ ସହାୟତାକାରୀ ସଂସ୍ଥା ଘଟଣାସ୍ଥଳକୁ ପହଞ୍ଚିଥିଲେ। ଉଦ୍ଧାରକାରୀ ଦଳ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର ଅଭିଯାନ ଚଳାଇ ଭିତରେ ଫସିଥିବା ଲୋକଙ୍କୁ ବାହାର କରିଥିଲେ। ଏହି ଦୁର୍ଘଟଣାକୁ ନେଇ ରାଜନୈତିକ ପ୍ରତିକ୍ରିୟା ମଧ୍ୟ ଆସିବାରେ ଲାଗିଛି। ଆମ ଆଦମୀ ପାର୍ଟି ସୁରକ୍ଷା ବ୍ୟବସ୍ଥା ଓ ଅଗ୍ନିସୁରକ୍ଷା ମାନଦଣ୍ଡକୁ ନେଇ ପ୍ରଶ୍ନ କରିଥିବା ବେଳେ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ ନିମନ୍ତେ ଦାବି କରିଛି। ଅନ୍ୟପଟେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଘଟଣାକୁ ନେଇ ଦୁଃଖ ବ୍ୟକ୍ତ କରିଥିବା ବେଳେ କହିଛନ୍ତି ଯେ ଉଦ୍ଧାର ଅଭିଯାନ ତୁରନ୍ତ ଆରମ୍ଭ କରାଯାଇଥିଲା। ଏବେ ପୋଲିସ ହୋଟେଲରେ ନିଆଁ ଲାଗିବାର କାରଣ ଯାଞ୍ଚ କରୁଛି। ଏହା ସହିତ ହୋଟେଲରେ ସୁରକ୍ଷା ନିୟମର ପାଳନ ହେଉଥିଲା କି ନା ତାହାର ମଧ୍ୟ ଯାଞ୍ଚ ହେଉଛି। ହୋଟେଲ ମାଲିକଙ୍କୁ ଅଟକ କରାଯିବା ପରେ ମାମଲାର ଯାଞ୍ଚ ତ୍ୱରାନ୍ୱିତ ହୋଇଛି। ଏହି ଘଟଣା ପୁଣି ଥରେ ସାର୍ବଜନିକ ସ୍ଥଳରେ ଅଗ୍ନି ସୁରକ୍ଷାକୁ ନେଇ ଗୁରୁତର ପ୍ରଶ୍ନବାଚୀ ଲଗାଇଛି।

# ତାମିଲନାଡୁ : ୨୨୦ ବିଧାୟକଙ୍କୁ ମିଳିଛି ୫୦%ରୁ କମ୍ ଭୋଟ

ନୂଆଦିଲ୍ଲୀ, ୦୬।୦୬: ନିକଟରେ ଶେଷ ହୋଇଥିବା ତାମିଲନାଡୁ ବିଧାନସଭା ନିର୍ବାଚନରେ ନିର୍ବାଚିତ ହୋଇଥିବା ବିଧାୟକଙ୍କ ମଧ୍ୟରୁ ୨୨୦ ଜଣ ୫୦%ରୁ କମ୍ ଭୋଟ ପାଇଥିବା ଜଣାଯାଇଛି। ମଙ୍ଗଳବାର ପ୍ରକାଶିତ ଆସୋସିଏସନ୍ ଫର ଡେମୋକ୍ରାଟିକ ରିଫର୍ମସ୍ (ଏଡିଆର)ର ରିପୋର୍ଟ ଅନୁଯାୟୀ ନିର୍ବାଚନରେ ବିଜୟୀ ହୋଇଥିବା ୨୩୪ ବିଧାୟକ ମୋଟ ୩୮.୯୯ ପ୍ରତିଶତ ଭୋଟ ପାଇଛନ୍ତି। ୨୦୨୧ ନିର୍ବାଚନ ସମୟରେ ବିଜୟୀ ବିଧାୟକମାନେ ମୋଟ ୪୮.୩୭% ଭୋଟ ପାଇଥିଲେ। ଗତ ଏପ୍ରିଲ ୨୩ରେ ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ଭୋଟ ଗ୍ରହଣ ହୋଇଥିଲା। ଏହି ନିର୍ବାଚନରେ ୮୫.୯୧% ଭୋଟ ଗ୍ରହଣ ହୋଇଥଲା। ମେ ୪ରେ ନିର୍ବାଚନ ଫଳ ପ୍ରକାଶ ପାଇଥିଲା। ୨୦୨୧ ବିଧାନସଭା ନିର୍ବାଚନରେ ୭୩.୪୫% ଭୋଟ ଗ୍ରହଣ ହୋଇଥିଲା। ୨୦୨୧ ନିର୍ବାଚନରେ ଡିଏମ୍‌କେ ଓ ଏଆଇଏଡିଏମ୍‌କେ ନେତୃତ୍ୱାଧୀନ ଦୁଇ ମେଣ୍ଟ ମଧ୍ୟରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ମାତ୍ର ୨୦୨୬ ନିର୍ବାଚନରେ ଏହି ଦୁଇ ମେଣ୍ଟ ସହିତ ଅଭିନେତା ଯୋଶେଫ ବିଜୟଙ୍କ ନେତୃତ୍ୱାଧୀନ ତାମିଲାଗା ଭେଟ୍ରି କାଝାଗମ୍ (ଟିଭିକେ) ତୃତୀୟ ଦଳ ଭାବେ ଉଭା ହୋଇଥିଲା। ଆଉ ନିର୍ବାଚନରେ ଟିଭିକେ ପୁରୁଣା ଦୁଇ ମେଣ୍ଟକୁ ପରାସ୍ତ କରି ସରକାର ଗଠନରେ ସଫଳ ହୋଇଥିଲା। ନିର୍ବାଚନରେ ଦ୍ୱିମୁଖୀ ବଦଳରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବାରୁ ଭୋଟ ବିଭାଜନ ହୋଇଥିଲା। ତେଣୁ ପ୍ରାର୍ଥୀମାନେ କମ୍ ଭୋଟ ପାଇ ବିଜୟୀ ହୋଇଥିଲେ। ରିପୋର୍ଟ ଅନୁଯାୟୀ ବିଧାନସଭାର ୯୪% ବିଧାୟକ ୫୦%ରୁ କମ୍ ଭୋଟ ପାଇଥିବାବେଳେ ମାତ୍ର ୧୪ ଜଣ ଅର୍ଥାତ୍ ୬% ବିଧାୟକ ୫୦%ରୁ ଅଧିକ ଭୋଟ ପାଇଛନ୍ତି।

# ଭାଜପାକୁ ବାଏ ବାଏ କହିଲେ କେ. ଆନ୍ନାମଲାଇ

ଚେନ୍ନାଇ, ୦୬।୦୬: ତାମିଲନାଡୁରେ ଭାଜପାକୁ ଏକ ବଡ଼ ଝଟକା ଲାଗିଛି। ତାମିଲନାଡୁର ପୂର୍ବତନ ଭାଜପା ସଭାପତି କେ. ଆନ୍ନାମଲାଇ ଦଳରୁ ଇସ୍ତଫା ଦେଇଛନ୍ତି। ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ଆନ୍ନାମଲାଇଙ୍କ ଇସ୍ତଫା ଗ୍ରହଣ



କରିଛନ୍ତି। ରାଜ୍ୟ ବିଧାନସଭା ନିର୍ବାଚନ ସମୟରେ ଅଣଦେଖା କରାଯାଇଥିବାରୁ ଅସନ୍ତୁଷ୍ଟ ହୋଇ ଆନ୍ନାମଲାଇ ଦଳରୁ ଇସ୍ତଫା ଦେଇଛନ୍ତି। ଖୁବ ଶୀଘ୍ର ସେ ଏକ ବଡ଼ ଘୋଷଣା କରିବାକୁ ଯାଉଛନ୍ତି। ସେ ଏକ ନୂତନ ଦଳ ଗଠନ କରିବାକୁ ପ୍ରସ୍ତୁତ ହେଉଛନ୍ତି। ରାଜନୈତିକ ମହଲରେ କଳ୍ପନାଜଳ୍ପନା ଅନୁମାନ କରାଯାଉଛି ଯେ, ଆନ୍ନାମଲାଇ ସ୍ୱାଧୀନ ଭାବରେ ରାଜନୀତିରେ ପ୍ରବେଶ କରିବାକୁ ଯୋଜନା କରୁଛନ୍ତି। ଏହା ପୂର୍ବରୁ ସେ ଜୁନ ୨ରେ ଅମିତ ଶାହଙ୍କୁ ଭେଟିଥିଲେ। ଆନ୍ନାମଲାଇ ଭାଜପାରୁ ଏକ ସୌହାର୍ଦ୍ଦପୂର୍ଣ୍ଣ ଏବଂ ମର୍ଯ୍ୟାଦାଜନକ ପ୍ରସ୍ଥାନ ଚାହୁଁଥିଲେ।

# କଲେଜ କ୍ୟାମ୍ପସରୁ ମିଳିଲା ଉଇ ଖିଆ ନଗଦ ଏକ କୋଟି ଟଙ୍କା, ଆପତ୍ତିଜନକ ସମଗ୍ରୀ

କଲକାତା, ୦୬।୦୬: କଲେଜ କ୍ୟାମ୍ପସରୁ ମିଳିଲା ଉଇ ଲାଗି ଯାଇଥିବା ନଗଦ ୧ କୋଟି ଟଙ୍କା, ବନ୍ଧୁକ ଓ କଣ୍ଡମ ପ୍ୟାକେଟ୍, ସମସ୍ତେ ସ୍ତବ୍ଧ । କ୍ୟାମ୍ପସ ଭିତରୁ ୨ଟି ବେଡ ରୁମ ମିଳିଥିଲା। ଏହି ରୁମ ଗୁଡ଼ିକରେ ଏସି ଲାଗିଥିବା ବେଳେ ଆଟାଚ ବାଥ ରୁମ୍, ଖଟ, ଦାମୀ ଗଦି ଓ ତିକିଆ ରହିଛି। କଲେଜ କର୍ତ୍ତୃପକ୍ଷଙ୍କ କହିବା କଥା ଯେ, ଏହି ରୁମକୁ ଟିଏମସିର ଦେବାଶିଷ ବନ୍ଦୋପାଧ୍ୟାୟ ବ୍ୟବହାର କରୁଥିଲେ। ବିବାଦରେ କୋଲକାତାର ସର୍ବପୁରାତନ ଓ ପ୍ରତିଷ୍ଠିତ କଲେଜ। ସୁରେନ୍ଦ୍ରନାଥ କଲେଜ ଭିତରୁ ଏମିତି କିଛି ଜିନିଷ ମିଳିଛି, ଯାହା ସମସ୍ତଙ୍କୁ କରି ଦେଇଛି ସ୍ତବ୍ଧ। କଲେଜ ଭିତରେ ଚାଲିଥିବା ସଫେଇ ସମୟରେ ମିଳିଛି ଦୁଇଟି ବଡ଼ ବଡ଼ ଟଙ୍କା ଭର୍ତ୍ତି ଆଟାଚ। ଏହା ମଧ୍ୟରୁ ପ୍ରାୟ ୧ କୋଟି ଟଙ୍କା ମିଳିଥିଲେ ହେଁ ସେଗୁଡ଼ିକୁ ଉଇ ନଷ୍ଟ କରିଦେଇଛନ୍ତି। ଛାତ୍ର ସଂସଦ ରୁମରୁ ଏତେ ପରିମାଣର ଉଇ ଲଗା ନଗଦ ଟଙ୍କା ମିଳିବା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାକୁ ନେଇ ହଇଚଇ ସୃଷ୍ଟି ହୋଇଥିବା ବେଳେ କିଛି ଘଣ୍ଟା ପରେ



କଲେଜ ପରିସରରୁ ଠାବ ହୋଇଛି ୨ଟି ଏସି ବେଡ ରୁମ୍, ମଦ ବୋତଲ, କଣ୍ଡମ ପ୍ୟାକେଟ ଓ ଗୋଟିଏ ବନ୍ଧୁକ। ଏହି ଘଟଣା ଶିକ୍ଷାନୁଷ୍ଠାନରେ ଚାଲିଥିବା ବେଆଇନ କାର୍ଯ୍ୟକଳାପ ଆଡ଼କୁ ଇଙ୍ଗିତ କରିଛି।

ଘଟଣା ପାଇଁ ନୂଆ କରି ବେଙ୍ଗଲରେ କ୍ଷମତା ଦଖଲ କରିଥିବା ବିଜେପି ସିଧାସଳଖ ଟିଏମସିକୁ ଦାୟୀ କରିଛି। ଟିଏମସି କ୍ଷମତାରେ ଥିବା ବେଳେ କଲେଜ ଭିତରେ ମଧ୍ୟ ଅନୈତିକ କାର୍ଯ୍ୟ ଚାଲିଥିଲା ବୋଲି ଦଳ ଅଭିଯୋଗ କରିଛି। ସୁରେନ୍ଦ୍ରନାଥ କଲେଜର ଛାତ୍ର ସଂସଦ ରୁମକୁ ପ୍ରାୟ ଗୋଟିଏ ବର୍ଷ ପରେ ଖୋଲା ଯାଇଛି। ୨୦୧୯ରୁ କଲେଜ ନିର୍ବାଚନ ହେଉ ନଥିବାରୁ କ୍ୟାଲକାଟା ହାଇକୋର୍ଟ ଟିଏମସି ସରକାରଙ୍କୁ ୨୦୨୫ରେ ସଂସଦ ୟୁନିୟନ ରୁମରେ ତାଲା ପକାଇବାକୁ କହିଥିଲେ। ଗତବର୍ଷ ଜୁନ ମାସରେ ଦକ୍ଷିଣ କ୍ୟାଲକାଟା ଆଇନ କଲେଜର ୟୁନିୟନ ରୁମରେ ଜଣେ ୨୪ ବର୍ଷୀୟ ଛାତ୍ରୀଙ୍କୁ ଗଣଦୁଷ୍କର୍ମ କରାଯିବା ପରେ କୋର୍ଟ ଏପରି ନିର୍ଦ୍ଦେଶ ଦେଇଥିଲେ। ସେବେଠାରୁ ୟୁନିୟନ ରୁମ ବନ୍ଦ ରହିଥିଲା।

ଏବେ ବେଙ୍ଗଲରେ ଶୁଭେନ୍ଦୁ ଅଧିକାରୀଙ୍କ ନେତୃତ୍ୱାଧୀନ ସରକାର ଆସିବା ପରେ ଛାତ୍ର ୟୁନିୟନ ଫଣ୍ଡଗୁଡ଼ିକର ଅଡିଟ ପାଇଁ ସମସ୍ତ କଲେଜକୁ କହିଥିଲେ। ଏହାପରେ ସୁରେନ୍ଦ୍ରନାଥ କଲେଜର ୟୁନିୟନ ରୁମ ଖୋଲା ଯାଇଥିଲା। ମଙ୍ଗଳବାର କର୍ତ୍ତୃପକ୍ଷ ଏଠାରେ ସଫେଇ କାମ କରୁଥିବା ବେଳେ ଉଇ ଲାଗି ଯାଇଥିବା କୋଟିଏ ଟଙ୍କା ଠାରୁ ଆରମ୍ଭ କରି ବେଡ ରୁମ ଓ ବନ୍ଧୁକ ମିଳିଛି। କର୍ତ୍ତୃପକ୍ଷଙ୍କ କହିବା କଥା ଯେ ଛାତ୍ର ସଂସଦ ରୁମରେ ଥିବା ଦୁଇଟି କାଠ ଆଲମିରାରୁ ପ୍ରଥମେ ୨ଟି ବଡ଼ବଡ଼ ଆଟାଚ ମିଳିଥିଲା। ଏହାକୁ ଖୋଲା ଯିବା କ୍ଷଣି ସମସ୍ତେ ଆଶ୍ଚର୍ଯ୍ୟ ହୋଇଥିଲେ। କାରଣ ବ୍ୟାଗ ଭିତରୁ ମିଳିଥିଲା ୧୦୦ ଓ ୫୦୦ ଟଙ୍କିଆ ବଣ୍ଡଲ। ହେଲେ ଅଧିକାଂଶ ଟଙ୍କା ଭିଡ଼ାକୁ ଉଇମାନେ ନଷ୍ଟ କରିଦେଇଛନ୍ତି। ଅର୍ଥାତ ଏହି ଟଙ୍କାକୁ ବେଶ କିଛି ବର୍ଷ ହେବ ସେଠାରେ ରଖାଯାଇଥିବା ଅନୁମାନ କରାଯାଉଛି। କଲେଜ ନାମ ଲେଖାରେ ହୋଇଥିବା ଅନିୟମିତତାରୁ ଆୟ ଟଙ୍କାକୁ ଏଠାରେ ଏପରି ଭାବେ ରଖାଯାଇଥିଲା ବୋଲି ବିଜେପି ଅଭିଯୋଗ କରିଛି। ୟୁନିୟନ ରୁମରୁ ଟଙ୍କା ବିଡ଼ା ମିଳିବା ପରେ ପୂରା କଲେଜ କ୍ୟାମ୍ପସରେ ଖୋଳତାଡ଼ ଆରମ୍ଭ ହୋଇଥିଲା। ଏହି ସମୟରେ କ୍ୟାମ୍ପସ ଭିତରୁ ୨ଟି ବେଡ ରୁମ ମିଳିଥିଲା। ଏହି ରୁମ ଗୁଡ଼ିକରେ ଏସି ଲାଗିଥିବା ବେଳେ ଆଟାଚ ବାଥ ରୁମ୍, ଖଟ, ଦାମୀ ଗଦି ଓ ତିକିଆ ରହିଛି। କଲେଜ କର୍ତ୍ତୃପକ୍ଷଙ୍କ କହିବା କଥା ଯେ ଏହି ରୁମକୁ ଟିଏମସିର ଦେବାଶିଷ ବନ୍ଦୋପାଧ୍ୟାୟ ବ୍ୟବହାର କରୁଥିଲେ। ତାଙ୍କ ପୁଅ ଶିବାଶିଷଙ୍କ ଦବଦବା ମଧ୍ୟ ଏଠାରେ ଦେଖିବାକୁ ମିଳୁଥିଲା। ଏହି ରୁମରେ କଲେଜ କର୍ମଚାରୀମାନେ ମଧ୍ୟ ସେମାନଙ୍କୁ ମସାଜ କରନ୍ତି। କିନ୍ତୁ ଏହି ଅଭିଯୋଗକୁ ଦେବାଶିଷ ଖଣ୍ଡନ କରିଛନ୍ତି। ସେ ବେଡ ରୁମ ସମ୍ପର୍କରେ କିଛି ଜାଣି ନଥିବା ସଫେଇ ଦେଇଛନ୍ତି। ଟଙ୍କା ଓ ବେଡ ରୁମ ପରେ କଲେଜ ଛାତ ଉପରୁ ମିଳିଛି ପୁଳାପୁଳା ମଦ ବୋତଲ। ଛାତ୍ର କମନରୁ କର୍ତ୍ତୃପକ୍ଷ ଏକାଧିକ କଣ୍ଡମ ପ୍ୟାକେଟ ଠାବ କରିଛନ୍ତି। ୟୁନିୟନ ରୁମ ଭିତରେ ରହିଥିବା ଗୋଟିଏ କଳା ପ୍ୟାକେଟ ମଧ୍ୟରୁ ବନ୍ଧୁକ ମିଳିବା ପରେ ପୁଲିସ୍‌କୁ ଖବର ଦିଆଯାଇଥିଲା। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଏହାକୁ ଜବତ କରିଛି।

# ଦୁଷ୍କର୍ମ ପୀଡ଼ିତାଙ୍କୁ ବାରମ୍ବାର କୋର୍ଟକୁ ଡକାଯିବା ଅନୁଚିତ

ନୂଆଦିଲ୍ଲୀ, ୦୬।୦୬: ଦୁଷ୍କର୍ମ ପୀଡ଼ିତାଙ୍କୁ ବାରମ୍ବାର ଅଦାଲତକୁ ଡକାଯିବା ଉଚିତ୍ ନୁହେଁ ବୋଲି ସ୍ପଷ୍ଟ କରି ଦେଇଛନ୍ତି ସୁପ୍ରିମକୋର୍ଟ। ଦୁଷ୍କର୍ମ ମାମଲାର ବିଚାର ଚାଲିଥିବା ବେଳେ ପୀଡ଼ିତାଙ୍କୁ ବାରମ୍ବାର ଅଦାଲତକୁ ଡକାଇ ବୟାନ ରେକର୍ଡ କରିବା ତାଙ୍କ ପ୍ରତି କଠୋର ବ୍ୟବହାର ଭଳି ବୋଲି ସୁପ୍ରିମକୋର୍ଟ ବିଚାରପତି ଦୀପଙ୍କର ଦତ୍ତା ଓ ସତୀଶ ଚନ୍ଦ୍ର ଶର୍ମାଙ୍କୁ ନେଇ ଗଠିତ ପୀଠ ଦର୍ଶାଇଛନ୍ତି। ସୂଚନାଥାଉ କି ଏକ ଦୁଷ୍କର୍ମ ମାମଲାରେ ତ୍ରିପୁରା ଉଚ୍ଚ ନ୍ୟାୟାଳୟ ଅଭିଯୁକ୍ତର ଆବେଦନ ଆଧାରରେ ପୀଡ଼ିତାଙ୍କୁ ପୁନଃ ପ୍ରଶ୍ନୋତ୍ତର ପାଇଁ ନିମ୍ନ ଅଦାଲତରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ବିରୋଧ କରି ତ୍ରିପୁରା ସରକାରଙ୍କ ତରଫରୁ ସୁପ୍ରିମକୋର୍ଟରେ ଏକ ମାମଲା ରୁଜୁ କରାଯାଇଥିଲା। ମାମଲାର ବିଚାର କରି ବିଚାରପତି ଦୀପଙ୍କର ଦତ୍ତା ଓ ସତୀଶ ଚନ୍ଦ୍ର ଶର୍ମା ଦର୍ଶାଇଥିଲେ ଯେ ପୀଡ଼ିତା ଜଣକ ପୂର୍ବରୁ ୪ଥର ନିମ୍ନ ଅଦାଲତରେ ଉପସ୍ଥିତ ରହି ବୟାନ ଦେଇ ସାରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ୪ ବର୍ଷ ପରେ ପୁନର୍ବାର ତାଙ୍କୁ ନିମ୍ନ ଅଦାଲତକୁ ଯାଇ ବୟାନ ଦେବାକୁ ନିର୍ଦ୍ଦେଶ ଦିଆଯିବା ଅନୁଚିତ୍। ସିଆରପିସିର ଧାରା ୩୧୧ ଅନୁଯାୟୀ ହାଇକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି।

# ଅଭିଷେକଙ୍କୁ ଆକ୍ରମଣ ଘଟଣାରେ, ୫ଗିରଫ

କଲକାତା, ୦୬।୦୬: ପଶ୍ଚିମବଙ୍ଗ ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପୁତୁରା ଅଭିଷେକ ବାନାର୍ଜୀଙ୍କୁ ଆକ୍ରମଣ ଘଟଣାରେ ଜୋରଦାର ହୋଇଛି ରାଜନୀତି। ଏହାରି ଭିତରେ ଟିଏମସି ସାଂସଦ ଅଭିଷେକ ବାନାର୍ଜୀଙ୍କୁ ଆକ୍ରମଣ କରିବା ଘଟଣାରେ ପୋଲିସ ୫ ଜଣଙ୍କୁ ଗିରଫ କରିଛି । ପଶ୍ଚିମବଙ୍ଗର ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲା ସୋନାରପୁର ସାଉଥ ଅଂଚଳରେ ନିର୍ବାଚନୀ ପରବର୍ତ୍ତୀ ହିଂସାରେ ମୃତ୍ୟୁ ହୋଇଥିବା ଲୋକଙ୍କ ପରିବାରକୁ ଭେଟିବାକୁ ଯାଇଥିଲେ ଅଭିଷେକ । ଏହି ସମୟରେ ଶହ ଶହ ଲୋକେ ସେଠାରେ ଅଭିଷେକଙ୍କ ଉପରେ ଆକ୍ରମଣ କରିଥିଲେ। ନିର୍ବାଚନ ପରବର୍ତ୍ତୀ ହିଂସାରେ ପୀଡିତ ପରିବାରକୁ ଭେଟିବାକୁ ଯାଇଥିଲେ । ଲୋକମାନେ ତାଙ୍କୁ ଆକ୍ରମଣ କରିବା ସହିତ ଅଣ୍ଡାମାଡ଼ କରିଥିଲେ। ଏହା ସହିତ ଚୋର ଚୋର ବୋଲି ନାରା ଲଗାଇଥିଲେ ।

# ଶିବସେନା ପୁଣି ହେବ ଏକାଠି, ହାତ ମିଳାଇବେ ଠାକରେ-ସିନ୍ଦେ !

ମୁମ୍ବାଇ, ୦୬।୦୬: ପ୍ରାୟ ୪ ବର୍ଷ ପୂର୍ବେ ଅନ୍ତର୍ଜାତୀୟ ଯୋଗ ଦିବସ ଦିନ ଏକନାଥ ସିନ୍ଦେଙ୍କ କାଣ୍ଡ ସାରା ଦେଶରେ ଚର୍ଚ୍ଚା ସାଉଣ୍ଟି ଥିଲା ଓ ମହାରାଷ୍ଟ୍ରରେ ଶିବସେନା ନେତୃତ୍ୱାଧୀନ ମହାବିକାଶ ଅଘାଡ଼ି (ଏମଭିଏ)ର ରାଜନୈତିକ ଭବିଷ୍ୟତକୁ ନେଇ ସନ୍ଦେହ ସୃଷ୍ଟି କରିଥିଲା। ସିନ୍ଦେ ଓ ଅନ୍ୟ ୪୦ ବିଧାୟକଙ୍କ ବିଦ୍ରୋହ କାରଣରୁ ଉଦ୍ଧବ ଠାକରେଙ୍କୁ ମୁଖ୍ୟମନ୍ତ୍ରୀ ପଦ ହରାଇବାକୁ ପଡିଥିଲା ଓ ପାର୍ଟି ଦୁଇଫାଳ ହୋଇଯାଇଥିଲା। ଏବେ ଉଦ୍ଧବ ଠାକରେ ଓ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ମେଣ୍ଟ ମଧ୍ୟରେ ବୁଝାମଣା ସମ୍ଭାବନାକୁ ନେଇ ରାଜନୈତିକ ଅଙ୍କକଷା ଆରମ୍ଭ ହୋଇଗଲାଣି। ଏପରି ଆକଳନ ସେତେବେଳେ ଆରମ୍ଭ ହୋଇଛି ଯେତେବେଳେ ଉଭୟ ପକ୍ଷରୁ ପ୍ରମୁଖ ନେତାମାନେ ଏକତାର ଓକିଲାତି କରିବା ଆରମ୍ଭ କରିଛନ୍ତି। ତେବେ ସବୁଠୁ ମଜାଦାର କଥା ହେଉଛି ବିଜେପି ଯାହା କେବେ ଶିବସେନା ଲାଗି ବିବାଦର ଏକ ପ୍ରସଙ୍ଗ ଥିଲା ଏବେ ଉଭୟ ଗୋଷ୍ଠୀର ନେତାଙ୍କ ଲାଗି ବଡ ବିପଦ ଭାବେ ଉଭା ହୋଇଛି। ଏକ ପ୍ରମୁଖ ଗଣମାଧ୍ୟମ ସଂସ୍ଥାର ରିପୋର୍ଟ ଅନୁସାରେ ଉଦ୍ଧବ ଠାକରେ ଓ ଏକନାଥ ସିନ୍ଦେଙ୍କ ଗୋଷ୍ଠୀର ବରିଷ୍ଠ ନେତାମାନେ ପାର୍ଟିର ପୁନର୍ମିଳନ ଲାଗି ଚର୍ଚ୍ଚାର ଆବଶ୍ୟକତା ନେଇ ସଂକେତ ଦେଉଛନ୍ତି। ଏହି ବାର୍ତ୍ତା ଏପରି ସମୟରେ ହେଉଛି ଯେତେବେଳେ ମହାରାଷ୍ଟ୍ର ରାଜନୀତିରେ ବିଜେପିର ପ୍ରଭାବ ବଢୁଥିବା ଭଳି ଦେଖା ଯାଉଛି। ଏହି ଚର୍ଚ୍ଚାର ଆରମ୍ଭ ଶିବସେନା ୟୁବିଟି ନେତା ଆମ୍ବାଦାସ ଦାନୱେ ଓ ସିନ୍ଦେଗୋଷ୍ଠୀର ବରିଷ୍ଠ ନେତା ଅବଦୁଲ ସତ୍ତାରଙ୍କ ବୟାନରୁ ଆରମ୍ଭ ହୋଇଛି। ଯେତେବେଳେ ଦୁଇ ନେତାଙ୍କୁ ଉଭୟ ଗୋଷ୍ଠୀର ପୁନର୍ମିଳନ ନେଇ ପଚରା ଗଲା ଦାନୱେ କହିଛନ୍ତି ଯେ 'ପ୍ରାୟତଃ ଏମିତି ଲାଗେ, ହେଲେ କେବଳ ଇଚ୍ଛାରେ ପରିବର୍ତ୍ତନ ଆସିବ ନାହିଁ'। ଏଥିରୁ ସଂକେତ ମିଳୁଛି ଯେ ଉଦ୍ଧବ ଗୋଷ୍ଠୀର କିଛି ନେତା ପାର୍ଟିର ବିଭାଜିତ ଗୋଷ୍ଠୀର ପୁନର୍ମିଳନ ସମ୍ଭାବନାକୁ ନେଇ ଏବେ ଖୋଲାଖୋଲି ବିଚାର କରୁଛନ୍ତି। ସେହିଭଳି ସତ୍ତାର ମଧ୍ୟ ଏହି ଭାବନାକୁ ଦୋହରାଇ କହିଛନ୍ତି ଯେ 'ଏବେ ଏକତାର ସମୟ'। ବର୍ତ୍ତମାନର ପରିଦୃଶ୍ୟକୁ ବୁଝିବା ଲାଗି ମନେ ରଖିବା ଆବଶ୍ୟକ ଯେ



୨୦୨୨ରେ ଏକନାଥ ସିନ୍ଦେଙ୍କ ବିଦ୍ରୋହ କାରଣରୁ ଶିବସେନା ଦୁଇଫାଳ ହୋଇଥିଲା ଓ ସେମାନେ ଅଲଗା ଅଲଗା ଗୋଷ୍ଠୀରେ ପରିଣତ ହୋଇଥିଲେ। ମୂଳ ଶିବସେନାକୁ ଅବିଭାଜିତ ଶିବସେନା କୁହାଯାଇପାରେ। ସେବେଠାରୁ ଉଭୟ ଗୋଷ୍ଠୀ କୋର୍ଟକଚେରୀ ଓ ନିର୍ବାଚନ ଆୟୋଗ ଲଢେଇରେ ଫଶି ରହିଛନ୍ତି। ଏଥିରେ ଉଭୟପକ୍ଷ ନେତାଙ୍କ ମଧ୍ୟରେ ଏକତାର କଥାକୁ ଏକ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ବାର୍ତ୍ତା ରୂପେ ଦେଖାଯାଉଛି। ଖାସ କରି ଏଥି ପାଇଁ କାରଣ ସିନ୍ଦେ ଗୋଷ୍ଠୀର ବରିଷ୍ଠ ନେତା ଏବେ ସମୟକୁ ଉପଯୁକ୍ତ ବୋଲି କହୁଛନ୍ତି। ଦାନୱେ କହିଛନ୍ତି ଯେ ବିଜେପି ଧିରେ ଧିରେ ନିଜ ମେଣ୍ଟ ସହଯୋଗୀଙ୍କୁ ଦୁର୍ବଳ କରୁଛି। ତାଙ୍କ କହିବା କଥା ହେଉଛି ବଡ଼ ମାଛ ଛୋଟ ମାଛକୁ ଗିଳୁଛି, ଏଣୁ ସେ ଭାବୁଛନ୍ତି ଶିବସେନା ଓ ଏନସିପି ବିରୋଧରେ ବିଜେପି ଏବେ ଏହି ନୀତି ଅବଲମ୍ବନ କରୁଛି। ଦାନୱେ କହିଛନ୍ତି ଯେ ଶିବସେନାକୁ ସମାପ୍ତ କରିବା ଏବେ ବିଜେପିର ଏକମାତ୍ର ଉଦ୍ଦେଶ୍ୟ, ଏବେ ଶିବସେନାକୁ ବିଜେପି କେବଳ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ମନେ କରୁନି ବରଂ ସବୁଠୁ ବଡ଼ ଶତ୍ରୁ ଦୃଷ୍ଟିରେ ଦେଖୁଛି। ସେ କହିଛନ୍ତି ଯେ ଯେଉଁମାନେ ଅବିଭାଜିତ ଶିବସେନାକୁ ଛାଡି ଚାଲିଯାଇଛନ୍ତି, ସେମାନେ ଏବେ ନିଜ ନିଷ୍ପତ୍ତିର ପରିଣାମ ଦେଖୁଛନ୍ତି। ସେହିପରି ସିନ୍ଦେ ଗୋଷ୍ଠୀର ଅବଦୁଲ ସତ୍ତାର ମଧ୍ୟ ବିଜେପିକୁ ଲକ୍ଷ୍ୟ କରି କହିଛନ୍ତି ଯେ ଯଦି ତାଙ୍କର ବଡ଼ ଭାଇ ତାଙ୍କୁ ତଳେ ପକାଇବାକୁ ଚାହୁଁଛି ତେବେ ଏକତା ଚର୍ଚ୍ଚାର ଔଚିତ୍ୟ କ'ଣ? ଏଠାରେ 'ବଡ଼ ଭାଇ' ଶବ୍ଦ ଏକ ଏପରି ସ୍ଥିତିକୁ ଦର୍ଶାଉଛି ଯେଉଁଠି ଏକ ଶକ୍ତିଶାଳୀ ଦଳ ଛୋଟ ଦଳ ଉପରେ ନିଜର ପ୍ରଭୁତ୍ୱ ବିସ୍ତାର କରୁଛି, ଯାହା ବର୍ତ୍ତମାନର ରାଜନୈତିକ ପରିଦୃଶ୍ୟରେ ଏକନାଥଙ୍କ ଶିବସେନା ଗୋଷ୍ଠୀର ଦୟନିୟତାକୁ ଦର୍ଶାଉଛି।

# ଅସ୍ତଗାମୀ ମମତା !

କଲକାତା, ୦୬।୦୬ (ପ୍ରମୋଦ ସାମନ୍ତରାୟ): ଅନେକ ପର୍ଯ୍ୟବେକ୍ଷକ କହନ୍ତି ଯେ ସେ କଂଗ୍ରେସ ଦଳ ସହିତ ମିଶି ଯାଇ ପାରନ୍ତି, ଯାହାର ଏକଦା ସେ ସଦସ୍ୟ ଥିଲେ। ଏହାର କାରଣ, ଏକ ଅପେକ୍ଷାକୃତ ପ୍ରଶସ୍ତ ଭିତ୍ତି ଉପରୁ ଯୁଦ୍ଧଂ ଦେହି ଡାକରା ଦେବା ତାଙ୍କ ଲାଗି ସୁବିଧାଜନକ ହେବ। ଯଦି ତାହା ନହୁଏ, ତେବେ ସେ ବିରୋଧୀ 'ଇନ୍‌ଡି' ମେଣ୍ଟର ଅଂଶ ହେବାର ସମ୍ଭାବନା ରହିଛି। ସାଂପ୍ରତିକ ରାଜନୈତିକ ପରିବେଶରେ, ଯେଉଁଠି ଶାସକ ପକ୍ଷ ବିରୋଧୀ ପକ୍ଷକୁ ନିର୍ମୂଳ କରି ଦେବାରେ ପ୍ରବୃତ୍ତ, ସେଠି ମମତାଙ୍କ ନୂଆ ଜିଦି ହୁଏତ ବିରୋଧୀଙ୍କ ମଧ୍ୟରେ ଉତ୍ସାହର ଅଗ୍ନି ସଂଯୋଗ କରିବ। ସଂପ୍ରତି ଭାରତୀୟ ରାଜନୈତିକ ପର୍ଯ୍ୟବେକ୍ଷକମାନଙ୍କୁ ଯାହା ଆଚମ୍ବିତ କରି ଦେଇଛି, ତାହା ହେଲା ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶିତ ହେବାର ମାସେ ପୂରୁ ନ ପୂରୁଣୁ ତୃଣମୂଳ କଂଗ୍ରେସ ବା ଟି.ଏମ.ସି. ହଠାତ୍ ବିଭାଜିତ ହୋଇଯିବା ଏବଂ ଦଳର ମୂଳ ସଂସ୍ଥାପକ ଓ ଗଲା ଅଠେଇଶ ବର୍ଷର ପ୍ରଶ୍ନାତୀତ ନେତ୍ରୀ ମମତା ବାନାର୍ଜୀଙ୍କ ପକ୍ଷରେ ବିଧାୟକ ଦଳର ମାତ୍ର ଏକ-ତୃତୀୟାଂଶରୁ ମଧ୍ୟ କମ୍ ସଂଖ୍ୟକଙ୍କ ସମର୍ଥନ ଉପଲବ୍ଧ ହେବା। କହିବା ବାହୁଲ୍ୟ, ଏହା ସହିତ ଟି.ଏମ.ସି. ଉପରେ ମମତା ବାନାର୍ଜୀଙ୍କ ସ୍ୱତ୍ୱାଧିକାର ମଧ୍ୟ ଦୋଦୁଲ୍ୟମାନ ସ୍ଥିତିରେ; ଏବଂ ଏହି ପରିପ୍ରେକ୍ଷୀରେ ୨୦୨୫ ମସିହାରେ ମହାରାଷ୍ଟ୍ରରେ ସଂଘଟିତ ଶିବସେନାର ବିଭାଜନ ବିଷୟ ମଧ୍ୟ ସ୍ମରଣକୁ ଆସିଥାଏ। କହିବା ଅନାବଶ୍ୟକ ଯେ ଦୀର୍ଘ ୧୫ ବର୍ଷ କାଳ ମୁଖ୍ୟମନ୍ତ୍ରୀ ଭାବେ ଅଧିଷ୍ଠିତ ଏବଂ କେନ୍ଦ୍ର ସରକାରଙ୍କ ବିରୋଧରେ ଅକ୍ଳାନ୍ତ ତଥା ସାଲିସହୀନ ସଂଘାତରେ ବ୍ୟାପୃତ ରହି



ପାରିବାରେ ସମର୍ଥ ମମତା ବାନାର୍ଜୀ ଏହି କାରଣରୁ ସହସା ଯେମିତି ଜଣେ ନିଃସଙ୍ଗ ଓ ଭଗ୍ନ ହୃଦୟର ସେନାପତିରେ ପରିଣତ ହୋଇ ଯାଇଛନ୍ତି। ସ୍ୱାଭାବିକ ଭାବେ ତାଙ୍କ ରାଜନୈତିକ ଭବିଷ୍ୟତ ନେଇ ସାରା ଦେଶ ବିତର୍କ ମୁଖର ହୋଇପଡ଼ିଛି, ଯେଉଁ ପରିପ୍ରେକ୍ଷୀରେ ଏକ କ୍ଷୁଦ୍ର ଆଲୋଚନା ପ୍ରାସଙ୍ଗିକ ଭଳି ମନେ ହୋଇଥାଏ।

ପ୍ରକାଶ ଥାଉ କି ଟି.ଏମ.ସି.ର ୮୦ ଜଣ ବିଧାୟକଙ୍କ ମଧ୍ୟରୁ ଅନ୍ତତଃ ୫୮ ଜଣଙ୍କ ସମର୍ଥନ ତାଙ୍କ ପକ୍ଷରେ ଅଛି ବୋଲି ଦାବି କରି ପଇଁଚାଳିଶ ବର୍ଷ ବୟସ୍କ ରତୁବ୍ରତ ବାନାର୍ଜୀ, ଇତିମଧ୍ୟରେ, ବିଧାନସଭାରେ ବିରୋଧୀ ଦଳର ନେତା ଭାବେ ବାଚସ୍ପତିଙ୍କ ସ୍ୱୀକୃତି ଲାଭ କରି ସାରିଛନ୍ତି ଏବଂ ବିଧାୟକ ଦଳର ଦୁଇ-ତୃତୀୟାଂଶରୁ ଅଧିକ ସଦସ୍ୟଙ୍କୁ ନେଇ ତାଙ୍କ ନେତୃତ୍ୱାଧୀନ ଅଂଶ ପ୍ରକୃତ ଟି.ଏମ.ସି. ବୋଲି ଦାବି କରିଛନ୍ତି। ଶିବସେନା ବିଭାଜନ ଦୃଷ୍ଟାନ୍ତରେ ଅଦାଲତଙ୍କ ରାୟ ଯୋଗେ ସଂଖ୍ୟାଧିକ ବିଧାୟକଙ୍କ ସମର୍ଥିତ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ଅଂଶକୁ ପ୍ରକୃତ ଶିବେ ସନା ବୋଲି ସ୍ୱୀକୃତି ମିଳିଥିଲା। ସୁତରାଂ, ଟି.ଏମ.ସି. କ୍ଷେତ୍ରରେ ମଧ୍ୟ ଅନୁରୂପ ଘଟିପାରେ, ଯହିଁରେ ମମତା ବାନାର୍ଜୀ ନିଜ ଦ୍ୱାରା ପ୍ରତିଷ୍ଠିତ ଦଳ ଉପରୁ ସର୍ବାଧିକାର ହରାଇ ପାରନ୍ତି। ଦ୍ୱିତୀୟରେ, ରତୁବ୍ରତଙ୍କ ବୟାନ ଅନୁସାରେ ସେ ମମତା ବାନାର୍ଜୀଙ୍କ ପୁତୁରା ଅଭିଷେକ ବାନାର୍ଜୀଙ୍କ ଏକାଧିପତ୍ୟ ସ୍ୱୀକାର କରନ୍ତି ନାହିଁ, ଯଦିଓ ଉପଦେଷ୍ଟା ଭାବେ ମମତା ବାନାର୍ଜୀଙ୍କ ମାର୍ଗ-ଦର୍ଶନକୁ ସେ ଗ୍ରହଣ କରିବେ। ଏହି ପରିପ୍ରେକ୍ଷୀରେ ପ୍ରଶ୍ନ ଉଠିଥାଏ ଯେ ଏକ ଗଣତନ୍ତ୍ରରେ କୌଣସି ରାଜନୈତିକ ଦଳ ତା'ର ମାଲିକାନା ବା ସ୍ୱତ୍ୱାଧିକାରକୁ ଉତ୍ତରାଧିକାର ସୂତ୍ରରେ ଜଣେ ନିକଟ ସଂପର୍କୀୟଙ୍କୁ ଅର୍ପଣ କରିବା ସମୀଚୀନ ହୋଇଥାଏ କି? ଏହାର ଉତ୍ତର ଅବଶ୍ୟ ନାସ୍ତିବାଚକ। ଏକ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ, ଯେ କୌଣସି ଦଳରେ, ତୃଣମୂଳ ସ୍ତରୀୟ ସାଂଗଠନିକ କାର୍ଯ୍ୟରୁ କର୍ମୀ ଜୀବନ ଆରମ୍ଭ କରିଥିବା ଅର୍ବାଚୀନ ମଧ୍ୟ ଅବଲୀଳା କ୍ରମେ ଦେଶ ବା ରାଜ୍ୟ ଶାସନର ସର୍ବୋଚ୍ଚ ପଦରେ ଆସୀନ ହେବାର ସ୍ୱପ୍ନ ଦେଖିପାରେ; ଏବଂ ତାକୁ ପ୍ରୋତ୍ସାହନ ଦେଲା ଭଳି ଏଭଳି ଦୃଷ୍ଟାନ୍ତମାନ ମଧ୍ୟ ବିଦ୍ୟମାନ। ଏହି କାରଣରୁ ଉଚ୍ଚାଭିଳାଷୀ ଉଦୀୟମାନ ନେତାମାନଙ୍କ ସକାଶେ, ସେମାନଙ୍କ ତଣ୍ଟିର କଣ୍ଟା ଭାବେ ଆବିର୍ଭୂତ ହୁଅନ୍ତି ସେହି ଦଳର ସର୍ବମୟ କର୍ତ୍ତାଙ୍କ କୌଣସି ସଂପର୍କୀୟ, ଯିଏ ଆକାଶ ଛତା ଧରି ଉପରୁ ଓହ୍ଲାଇଲା ଭଳି ହଠାତ୍ ଦଳର ଶୀର୍ଷତମ ସ୍ଥାନରେ ଉପସ୍ଥିତ ହୋଇଯାଆନ୍ତି ଏବଂ ଦଳରେ ଦୀର୍ଘ କାଳ କାର୍ଯ୍ୟରତ ଥିବା ଉଚ୍ଚାଭିଳାଷୀ ଉଦୀୟମାନ ନେତାଙ୍କୁ ଅବମାନନା କରିବାରେ ପ୍ରବୃତ୍ତ ହୁଅନ୍ତି। ଏଥିରେ ଦ୍ୱିରୁକ୍ତି ନାହିଁ ଯେ ଆମ ଦେଶର ଅଧିକାଂଶ ଆଞ୍ଚଳିକ ଦଳରେ ଏହା ହିଁ ଦୃଶ୍ୟମାନ ହୋଇଥାଏ। ଶିବସେନାରେ ବିଭାଜନ ଘଟାଇବା ବେଳେ, ଏକନାଥ ସିନ୍ଦେ ମଧ୍ୟ ଦଳର ସର୍ବମୟ ନେତା ଉଦ୍ଧବ ଠାକରେଙ୍କ ପୁତ୍ର ଆଦିତ୍ୟ ଠାକେରଙ୍କ ଔଦ୍ଧତ୍ୟକୁ ଅସହନୀୟ ବୋଲି ଆକ୍ଷେପ କରିଥିଲେ। ଏହାର ଅନେକ ଉଦାହରଣ ମିଳି ସାରିଲାଣି ଯେ କୌଣସି ରାଜନୈତିକ ଦଳ ଯଦି ଏକ ବାଣିଜ୍ୟ ପ୍ରତିଷ୍ଠାନ ସଦୃଶ ତାହାର କର୍ତ୍ତୃତ୍ୱକୁ ଏକ ନିବୁଜ ପରିବାର-କୈନ୍ଦ୍ରିକ ବ୍ୟାପାରରେ ପରିଣତ କରିଦିଏ, ତେବେ ଅବକ୍ଷୟକୁ ଆମନ୍ତ୍ରଣ କରିବା ସାର ହୋଇଥାଏ। କେତେକ ଗଣମାଧ୍ୟମ ସୂତ୍ରରୁ ପ୍ରକାଶ ଯେ ଏହି ବିଭାଜନ ପୂର୍ବରୁ, ଅର୍ଥାତ୍ ମେ ୨୨ ତାରିଖରେ ଦିଲ୍ଲୀସ୍ଥିତ ବଙ୍ଗ ଭବନରେ, କୁଆଡ଼େ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ସହିତ ରତୁବ୍ରତଙ୍କ ଏକ ସ୍ୱଳ୍ପକାଳୀନ ସାକ୍ଷାତ ହୋଇଥିଲା! ସୁତରାଂ, ଏହା ପଛରେ ବିଜେପିର ଚକ୍ରାନ୍ତ ନିହିତ ବୋଲି ସନ୍ଦେହ ପ୍ରକାଶିତ ହୋଇଛି, ଠିକ୍ ଶିବସେନାର ବିଘଟନ କାଳରେ ବିଜେପିର ସଂପୃକ୍ତି ଆଡ଼କୁ ଅଙ୍ଗୁଳି ଉଠିଥିବା ଭଳି! ତେବେ, କଥା ହେଲା, ମହାରାଷ୍ଟ୍ରରେ କ୍ଷମତା ଲାଭ କରିବା ଲାଗି ଶିବସେନା ଭଙ୍ଗ ବିଜେପି ସକାଶେ ଆବଶ୍ୟକ ହୋଇ ପଡ଼ିଥିବା ବେଳେ ପଶ୍ଚିମବଙ୍ଗରେ ସେଭଳି ସ୍ଥିତି ନାହିଁ। ପଶ୍ଚିମବଙ୍ଗରେ ବିଜେପି ପୂର୍ଣ୍ଣ ସଂଖ୍ୟା-ଗରିଷ୍ଠତା ସହିତ ଏକାକୀ ଶାସନ କରିବାକୁ ସକ୍ଷମ। ତେବେ, ଏତିକି ହୋଇପାରେ ଯେ ରତୁବ୍ରତଙ୍କ ସହିତ ସାମୀପ୍ୟ ହେତୁ ବିଜେପିକୁ ତୀବ୍ର ବିରୋଧର ସ୍ୱର ଅଯଥା ହନ୍ତସନ୍ତ କରିବ ନାହିଁ। ରତୁବ୍ରତଙ୍କ ମନ୍ତବ୍ୟରୁ ମଧ୍ୟ ଏହା ସ୍ପଷ୍ଟ ଯେ ତାଙ୍କ ନେତୃତ୍ୱାଧୀନ ଦଳ ଏକ ଗଠନମୂଳକ ବିରୋଧୀର ଭୂମିକା ନିର୍ବାହ କରିବ; ଅଯଥା ଉଚ୍ଚାଟ କରିବ ନାହିଁ। ଏହା କାହାକୁ ଅଛପା ନାହିଁ ଯେ ମମତା ବାନାର୍ଜୀଙ୍କ ଦୃଷ୍ଟିରେ ବିଜେପି ଏକ ପ୍ରତିପକ୍ଷ ନ ଥିଲା, ବରଂ ଥିଲା ଶତ୍ରୁପକ୍ଷ। ସୁତରାଂ, ସାଂପ୍ରତିକ ଟି.ଏମ.ସି. ହେବ ଏକ କୋମଳ ବିରୋଧୀ ଦଳ।

ବିଭିନ୍ନ ସୂତ୍ରରୁ ଶୁଣିବାକୁ ମିଳୁଛି ଯେ ଟି.ଏମ.ସି.ର ଅନେକ ସାଂସଦ ବିଜେପିରେ ଯୋଗ ଦେବାକୁ ଆଗ୍ରହୀ। ସଂସଦରେ ସଂଖ୍ୟାଭାବ ହେତୁ ବିଜେପିର କେତେକ ପ୍ରିୟ ବିଲ୍ ଗୃହୀତ ହୋଇ ପାରୁ ନ ଥିବା ଦୃଷ୍ଟିରୁ ଏଭଳି ଏକ ସ୍ଥିତି ବିଜେପି ସକାଶେ ଅତ୍ୟନ୍ତ ସ୍ୱାଗତଯୋଗ୍ୟ ହେବା ସ୍ୱାଭାବିକ। ଅପର ପକ୍ଷରେ ଟି.ଏମ.ସି. ସାଂସଦମାନଙ୍କ ସକାଶେ ଏହା ମଧ୍ୟ ଏକ ବାଧ୍ୟବାଧକତା ଭଳି ହୋଇପାରେ, କାରଣ ସେମାନେ ହୃଦୟଙ୍ଗମ କରୁଥିବେ ଯେ ସେମାନଙ୍କ ବିରୋଧରେ ଯଦି କେ?ଣସି କେନ୍ଦ୍ରୀୟ ଅନୁଷ୍ଠାନ ଦେ ବାତ ସକ୍ରିୟ ହୋଇ ଉଠନ୍ତି, ତେବେ ମମତା ବାନାର୍ଜୀଙ୍କ ସୌଜନ୍ୟରୁ ପ୍ରାପ୍ତ ହୋଇ ଆସୁଥିବା ସୁରକ୍ଷା ବର୍ମ ଆଉ ସେମାନଙ୍କ ସକାଶେ ଉପଲବ୍ଧ ହେବନାହିଁ। ଏଭଳି ସ୍ଥିତିରେ ମମତା ବାନାର୍ଜୀଙ୍କ ନିଃସଙ୍ଗତା ଯେ ଆହୁରି ଗଭୀର ହେବ, ତହିଁରେ ସନ୍ଦେହ ନାହିଁ।

ତେବେ ନିଃସଙ୍ଗ ମମତା ବାନାର୍ଜୀଙ୍କ ଭବିଷ୍ୟତ୍ କାର୍ଯ୍ୟପନ୍ଥା କ'ଣ ହେବ, ତାହା ଅନୁମାନ କରିବା ଅସମ୍ଭବ। ୭୧ ବର୍ଷ ବୟସରେ ପଦାର୍ପଣ କରି ସାରିଥିବା ସତ୍ତ୍ୱେ ନିର୍ଭୀକ ଓ ହାର ସ୍ୱୀକାର କରିବାକୁ ନାରାଜ ମମତା ହୁଏତ ପୁନର୍ବାର ନିଜକୁ ସୁଦୃଢ଼ କରିବାକୁ ପ୍ରଚେଷ୍ଟା କରିବେ! ଅନେକ ପର୍ଯ୍ୟବେକ୍ଷକ କହନ୍ତି ଯେ ସେ କଂଗ୍ରେସ ଦଳ ସହିତ ମିଶି ଯାଇ ପାରନ୍ତି, ଯାହାର ଏକଦା ସେ ସଦସ୍ୟ ଥିଲେ। ଏହାର କାରଣ, ଏକ ଅପେକ୍ଷାକୃତ ପ୍ରଶସ୍ତ ଭିତ୍ତି ଉପରୁ ଯୁଦ୍ଧଂ ଦେହି ଡାକରା ଦେବା ତାଙ୍କ ଲାଗି ସୁବିଧାଜନକ ହେବ। ଯଦି ତାହା ନହୁଏ, ତେବେ ସେ ବିରୋଧୀ 'ଇନ୍‌ଡି' ମେଣ୍ଟର ଅଂଶ ହେବାର ସମ୍ଭାବନା ରହିଛି। ସାଂପ୍ରତିକ ରାଜନୈତିକ ପରିବେଶରେ, ଯେଉଁଠି ଶାସକ ପକ୍ଷ ବିରୋଧୀ ପକ୍ଷକୁ ନିର୍ମୂଳ କରି ଦେବାରେ ପ୍ରବୃତ୍ତ, ସେଠି ମମତାଙ୍କ ନୂଆ ଜିଦି ହୁଏତ ବିରୋଧୀଙ୍କ ମଧ୍ୟରେ ଉତ୍ସାହର ଅଗ୍ନି ସଂଯୋଗ କରିବ। ତେବେ, ଏକାଦିକ୍ରମେ ଏତେ ଦୀର୍ଘ କାଳ ଶାସନ କ୍ଷମତାରେ ରହି ଆସିଥିବାରୁ ବିରୋଧୀ ପକ୍ଷର ଭୂମିକାରେ ତାଙ୍କୁ ଅଭ୍ୟସ୍ତ ହେବାକୁ ପଡ଼ିବ, ହୁଏତ ଅଧିକ ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିବ ଏବଂ ଏହି କ୍ରମରେ ତାଙ୍କ ଅହଙ୍କାର ଓ ଆତ୍ମପ୍ରଶସ୍ତି ଭାବର ବିଲୋପ ମଧ୍ୟ ଘଟିପାରେ! ତେବେ, ଅସ୍ତାଚଳରେ ଥିଲେ ହେଁ ସେ ଯେ ଶୀଘ୍ର ବୁଡି ଯିବେ ନାହିଁ, ଏ ନେଇ ଅଧିକାଂଶ ଏକମତ।

ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

## ସମ୍ପାଦକୀୟ

# ମହାନଦୀ ଓଡ଼ିଶାର ଜୀବନ ଗଙ୍ଗା

ମହାନଦୀ ଅବବାହିକାରେ ସବୁଜ ଫସଲ କରି କୋଟି କୋଟି ଓଡ଼ିଆ ପରିବାର ପ୍ରତି ପୋଷଣ କରନ୍ତି। ଏହି ନଦୀ ଆମାର ଜୀବନରେଖା। ଓଡ଼ିଶାରେ ସମୁଦ୍ରକୁ ଭେଟିବା ପୂର୍ବରୁ ୯୦୦ କିଲୋମିଟର ବ୍ୟାପିଛି। ଏହି ନଦୀ ଭାରତର ଜଳବାୟୁକୁ ସନ୍ତୁଳିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବାବେଳେ ଉଭୟ ରାଜ୍ୟର ସଂସ୍କୃତି, ସାହିତ୍ୟ, ଅର୍ଥନୀତି, ପରିବେଶ ଏବଂ ସମୃଦ୍ଧତାକୁ ବଜାୟ ରଖିଛି। ମହାନାଦୀ ଅବବାହିକା ଏବେ ସଙ୍କଟର ସମ୍ମୁଖୀନ ହୋଇଛି। ବିଶେଷ କରି ଅଣ ମୌସୁମୀ ସମୟରେ ଜଳ ଉପଲବ୍ଧତା ହ୍ରାସ ପାଇଛି । ବ୍ୟାପକ ଶିଳ୍ପାୟନ ନଦୀର ଇକୋସିଷ୍ଟମକୁ କ୍ଷତି ପହଞ୍ଚାଇବା ସହ ସଙ୍କଟ ବଢାଇ ଦେଇଛି । ବର୍ଷ ବର୍ଷ ଧରି ଓଡ଼ିଶା ଏବଂ ଛତିଶଗଡ ମହାନଦୀକୁ ନେଇ ଜଳ ବଣ୍ଟନ ବିବାଦରେ ଲାଗି ରହିଛନ୍ତି। ଖରା ଯେତିକି ବଢୁଛି, ମହାନଦୀ ସେତିକି ମରୁଛି । ଛତିଶଗଡର ମନମାନି ପାଇଁ ମରୁଭୂମିର ରୂପ ନେବାକୁ ବସିଛି ଓଡ଼ିଶାର ଜୀବନରେଖା । ଏଭଳି ଏକ ଘଡିସନ୍ଧି ମୁହୂର୍ତ୍ତରେ ମହାନଦୀର ସ୍ଥିତି ପରଖିବାକୁ ଓଡ଼ିଶା ଆସିବ ଟ୍ରିବ୍ୟୁନାଲ ଟିମ । ହେଲେ ଟ୍ରିବ୍ୟୁନାଲ ଗଠନକୁ ୮ ବର୍ଷ ବିତିବାକୁ ବସିଛି, ୫୦ରୁ ଅଧିକ ଥର ଶୁଣାଣି ସରିଛି । ବଦଳରେ ନ୍ୟାୟ ମିଳିବା ତ ଦୂରର କଥା, ଓଡ଼ିଶାକୁ ମିଳିଛି କେବଳ ତାରିଖ ପରେ ତାରିଖ । ତେଣୁ ମନରେ ପ୍ରଶ୍ନ ଉଠିବା ସ୍ୱାଭାବିକ, ଟ୍ରିବ୍ୟୁନାଲ ଗସ୍ତ ପରେ ଏଥର ମହାନଦୀକୁ ମିଳିବ ତ ନ୍ୟାୟ ? ଦୀର୍ଘ ଅଢେଇ ବର୍ଷ ପରେ ପୁଣି ଓଡ଼ିଶା ଆସିବେ ମହାନଦୀ ଟ୍ରିବ୍ୟୁନାଲ ଟିମ୍ । ଫେବ୍ରୁଆରି ୨୬ରୁ ମାର୍ଚ୍ଚ ୨ ପର୍ଯ୍ୟନ୍ତ ଓଡ଼ିଶାରେ ରହି ସମ୍ବଲପୁର ଓ ଝାରସୁଗୁଡ଼ା ଅଞ୍ଚଳରେ ମହାନଦୀର କ୍ଷେତ୍ର ପରିଦର୍ଶନ କରିବ ଟିମ୍ । ହୀରାକୁଦ ଡ୍ୟାମ୍ ଓ ମହାନଦୀ ତଳମୁଣ୍ଡକୁ ଯାଇ ସ୍ଥିତି ପରଖିବେ। ମହାନଦୀରେ ଜଳ ପ୍ରବାହ ବିଷୟରେ ବିସ୍ତୃତ ତଥ୍ୟ ସଂଗ୍ରହ କରିବେ । ଓଡ଼ିଶା ଛତିଶଗଡ଼ ମଧ୍ୟରେ ଜଳ ବିବାଦ ନେଇ ବୈଷୟିକ ଓ ପରିବେଶଗତ ଦିଗଗୁଡ଼ିକର ମୂଲ୍ୟାଙ୍କନ କରିବେ । ଟ୍ରିବ୍ୟୁନାଲ ଟିମ କ୍ଷେତ୍ର ପରିଦର୍ଶନ କରିବା ପରେ ମାର୍ଚ୍ଚ ୧୪ରେ ହେବ ଶୁଣାଣି । ହେଲେ ମହାନଦୀ ଜଳ ବିବାଦ ସମସ୍ୟାର ସମାଧାନ ହେବ କି ନାହିଁ ତାହା ସବୁଠୁ ବଡ ପ୍ରଶ୍ନ । ପୂର୍ବରୁ ୫୦ ଥର ଟ୍ରିବ୍ୟୁନାଲ୍‌ରେ ଶୁଣାଣି ସରିଛି । ହେଲେ ପ୍ରତିଥର ଓଡ଼ିଶା ନ୍ୟାୟ ପାଇବାରୁ ବଞ୍ଚିତ ହୋଇଛି । ଛତିଶଗଡର ମନମାନିକୁ ନା ଟ୍ରିବ୍ୟୁନାଲ ଅଙ୍କୁଶ ଲଗାଇପାରିଛି ନା ଶୁଖିଲା ପଡିଥିବା ମହାନଦୀକୁ ପାଣି ଆସୁଛି । ତଥାପି ମହାନଦୀ ବିବାଦର ସମାଧାନ ପାଇଁ ଛତିଶଗଡ ସହ ଆପୋଷ ଆଲୋଚନା ଭିତରେ କେନ୍ଦ୍ରକୁ ଭରସିଛନ୍ତି ମୋହନ ସରକାର । ଏନେଇ କୋର୍ଟକୁ ମଧ୍ୟ ଅବଗତ କରିଛନ୍ତି ରାଜ୍ୟ ସରକାର । କିନ୍ତୁ ଉପ-ମୁଖ୍ୟମନ୍ତ୍ରୀ କେଭି ସିଂଦେଓଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟିର ପାଦ ଏଯାଏଁ ଛତିଶଗଡରେ ପଡିଲାନି । ତେଣୁ ଆଲୋଚନା କେମିତି ହେବ, କେବେ ହେବ ଓ ସମାଧାନର ବାଟ କେବେ ବାହାରିବ ? ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବିରୋଧୀ ।

ଆସନ୍ତା ଏପ୍ରିଲ ୧୩ରେ ଟ୍ରିବ୍ୟୁନାଲର ଅବଧି ସରୁଛି । ଏହାକୁ ୯ ମାସ ବୃଦ୍ଧି କରିବାକୁ କେନ୍ଦ୍ର ନିକଟରେ ଦାବି କରିଛି ଓଡ଼ିଶା । ହେଲେ ଟ୍ରିବ୍ୟୁନାଲ ନ୍ୟାୟକୁ ଅପେକ୍ଷା କରି ମହାନଦୀର ଅବସ୍ଥା କଣ ତାହା ରାଜ୍ୟବାସୀ ଭଲଭାବେ ଜାଣନ୍ତି । ଜଳ ବିବାଦର ସମାଧାନ ଆପୋସ ଆଲୋଚନା ମାଧ୍ୟମରେ ହେବ। ଛତିଶଗଡ଼ ସହ ଆଲୋଚନା କରାଯାଇ ସମାଧାନର ବାଟ ନିଶ୍ଚିତ ବାହାରିବ।' ରାଜ୍ୟ ସରକାର ପ୍ରାୟ ଏକ ବର୍ଷ ହେଲା ଏହି ଦୁଇ ଧାଡ଼ି ବାରମ୍ବାର କହି ଚାଲିଛନ୍ତି। କିନ୍ତୁ ସେହି ସମାଧାନର ପ୍ରକ୍ରିୟା କେତେ ବାଟ ଗଲା, ସେ ସମ୍ପର୍କରେ ରାଜ୍ୟବାସୀ ସନ୍ଦେହରେ ଓ ଅନ୍ଧାରରେ। ସନ୍ଦେହ ଏଇଥି ପାଇଁ ବଢୁଛି ଯେ ଯଦି ଆପୋସ ଆଲୋଚନା ଆଗେଇଛି, ତେବେ ଟ୍ରିବ୍ୟୁନାଲ୍ ସଦସ୍ୟମାନେ କାହିଁକି ପୁଣି ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ଗସ୍ତରୁ ଓଡ଼ିଶାକୁ କିଛି ଫାଇଦା ମିଳିବାର ସମ୍ଭାବନା ହିଁ ଦେଖାଯାଉନି। ମହାନଦୀ ଟ୍ରିବ୍ୟୁନାଲ୍‌ର ଅଧ୍ୟକ୍ଷ ଓ ସଦସ୍ୟ ୨୬ ତାରିଖରୁ ଓଡ଼ିଶା ଗସ୍ତରେ ଆସୁଛନ୍ତି। ସେମାନେ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ମହାନଦୀ ଅବବାହିକା ପରିଦର୍ଶନ କରିବେ। ରାଜ୍ୟ ସରକାର ସେମାନଙ୍କୁ ରାଜ୍ୟ ଅତିଥିର ମାନ୍ୟତା ଦେଇ ବୁଲାଇବେ। ତେବେ ଏହି ଗସ୍ତକୁ ନେଇ ରାଜ୍ୟବାସୀ ଆଶାବାଦୀ ନ ହେବା ପଛରେ ଯଥେଷ୍ଟ କାରଣ ବି ରହିଛି। ୨୦୨୩ ମେ' ମାସରେ ଟ୍ରିବ୍ୟୁନାଲ୍‌ର ଅଧ୍ୟକ୍ଷ ଓ ସଦସ୍ୟମାନେ ଓଡ଼ିଶା ଓ ଛତିଶଗଡ଼ ବୁଲିଥିଲେ। ୯ ଦିନ ଓଡ଼ିଶାରେ ରହି ସବୁ ଜାଗା ପରିଦର୍ଶନ କରିଥିଲେ। କିନ୍ତୁ ଗତ ତିନି ବର୍ଷ ମଧ୍ୟରେ ଓଡ଼ିଶାକୁ ସାମାନ୍ୟ ଆଶ୍ୱସ୍ତ କଲା ପରି କୌଣସି ଅନ୍ତରୀଣ ରାୟ ଆସିପାରି ନାହିଁ। ଓଡ଼ିଶା ସରକାରଙ୍କ ପକ୍ଷରୁ ଅଣମୌସୁମୀ ସମୟରେ ଜଳ ପ୍ରବାହ ନେଇ ଅନ୍ତରୀଣ ରାୟ ପାଇଁ ବାରମ୍ବାର ଯୁକ୍ତି ସତ୍ତ୍ୱେ ତାହା ଟ୍ରିବ୍ୟୁନାଲ୍‌ରେ ଗୃହୀତ ହୋଇ ନାହିଁ। ତିନି ବର୍ଷ ତଳେ ଟ୍ରିବ୍ୟୁନାଲ୍ ସଦସ୍ୟମାନେ କ୍ଷେତ୍ର ପରିଦର୍ଶନ କଲା ପରେ ଓଡ଼ିଶା ପ୍ରତି ଅନ୍ୟାୟ ହୋଇଥିବା ନିଶ୍ଚିତ ଅନୁଭବ କରିଥିବେ। କିନ୍ତୁ ତାହା ସତ୍ତ୍ୱେ କୌଣସି ଅନ୍ତରୀଣ ରାୟ ଆସି ନ ଥିଲା। ଏମିତିରେ ଟ୍ରିବ୍ୟୁନାଲ୍‌ର କାର୍ଯ୍ୟକାଳ ତିନି ଥର ବୃଦ୍ଧି ହୋଇସାରିଲାଣି। ଏବେ ପୁନର୍ବାର ସମ୍ପ୍ରସାରଣ ନେଇ ଆବେଦନ ହୋଇଛି।

ଅପର ପକ୍ଷରେ ରାଜ୍ୟ ସରକାରଙ୍କ ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହେଲାଣି। ଆପୋସ ସମାଧାନ ପାଇଁ ଗତ ବର୍ଷ ମାର୍ଚ୍ଚ ମାସରୁ ରାଜ୍ୟ ସରକାର ସୂଚନା ଦେଲେଣି। ଏହା ମଧ୍ୟରେ ବର୍ଷେ ବିତିଯାଇଥିଲେ ବି କୌଣସି ଆଖିଦୃଶିଆ ଅଗ୍ରଗତି ହୋଇ ନାହିଁ। ରାଜ୍ୟ ସରକାର ମହାନଦୀ ବିବାଦ ପ୍ରସଙ୍ଗରେ ଏକ ସର୍ବଦଳୀୟ କମିଟି କରିଛନ୍ତି। ସେହି କମିଟିର ବୈଠକ ଦୁଇ ଥର ବସିଲାଣି। ଏହି ପ୍ରସଙ୍ଗରେ ଅନ୍ତଃମନ୍ତ୍ରୀସ୍ତରୀୟ କମିଟିର ବୈଠକ ବି ଏକାଧିକ ଥର ବସିଲାଣି। ଜାନୁଆରି ଶେଷ ସପ୍ତାହରେ ମନ୍ତ୍ରୀସ୍ତରୀୟ କମିଟି ଛତିଶଗଡ଼ ଯିବ ବୋଲି ଗଣମାଧ୍ୟମରେ ସରକାର ଘୋଷଣା କରିଥିଲେ। ତାହା ପୂର୍ବରୁ ସର୍ବଦଳୀୟ କମିଟି ଏବଂ ମହାନଦୀ ପ୍ରସଙ୍ଗରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କ ସହ ଆଲୋଚନା କରିବେ ବୋଲି କୁହାଯାଇଥିଲା। ନା ଆଲୋଚନା ହେଲା ନା ମନ୍ତ୍ରୀସ୍ତରୀୟ କମିଟି ଛତିଶଗଡ଼ ଗଲେ। କାହିଁକି ଏହା ସ୍ଥଗିତ ରହିଲା, ତାହାର ଠୋସ୍ କାରଣ ବି ସାର୍ବଜନୀନ କରାଗଲା ନାହିଁ। ତେବେ ଛତିଶଗଡ଼ ସରକାର ଏ ଦିଗରେ ସହଯୋଗ କରୁ ନଥିବା ଜଣାପଡ଼ିଛି। ସେଥି ପାଇଁ କେନ୍ଦ୍ର ସରକାରଙ୍କ ମଧ୍ୟସ୍ଥତା ଉପରେ ରାଜ୍ୟ ସରକାର ସହଯୋଗ ମାଗିଛନ୍ତି। କିନ୍ତୁ କେନ୍ଦ୍ରରୁ ଏନେଇ ସବୁଜ ସଙ୍କେତ ମିଳିପାରି ନାହିଁ। ସେଥି ପାଇଁ ରାଜ୍ୟ ସରକାର ଆଉ ଆଲୋଚନାକୁ ଆଗେଇ ନେଇପାରୁ ନାହାନ୍ତି କି ମନ୍ତ୍ରୀମାନେ ଛତିଶଗଡ଼ ଗସ୍ତ କରୁ ନାହାନ୍ତି।

ସଚେତନ ନାଗରିକମାନଙ୍କ କହିବା କଥା, ଛତିଶଗଡ଼ ଯେହେତୁ ଭୁଲ୍ କରୁଛି ତେଣୁ ଆପୋସ ସମାଧାନରେ ଅସହଯୋଗ କରିବା ସ୍ୱାଭାବିକ। ମହାନଦୀ ଜଳ ପ୍ରସଙ୍ଗରେ ଓଡ଼ିଶା କ୍ଷତିଗ୍ରସ୍ତ ରାଜ୍ୟ ଥିବାରୁ ଓଡ଼ିଶା ଲଢ଼େଇ କରୁଛି। କିନ୍ତୁ ଛତିଶଗଡ଼ ଲାଭରେ ଥିବାରୁ ସେ ଏ ଦିଗକୁ ଗୁରୁତ୍ୱ ଦେଉ ନାହିଁ। ଓଲଟା ଓଡ଼ିଶାର ପ୍ରତିବାଦକୁ ହେୟଜ୍ଞାନ କରି ମହାନଦୀ ଉପରେ ବ୍ୟାରେଜ୍, ବାଲିବନ୍ଧ ନିର୍ମାଣ କରିଚାଲିଛି। ଅଣମୌସୁମୀ ସମୟରେ ଓଡ଼ିଶାକୁ କ୍ଷତି ପହଞ୍ଚାଇ ଚାଲିଛି। ତେଣୁ ଛତିଶଗଡ଼ ସହ ଆପୋସ ସମାଧାନ ପାଇଁ ରାଜ୍ୟ ସରକାର କିପରି ଆଶାବାଦୀ, ତାହା ବୁଝାପଡୁ ନାହିଁ। ଏହା କେବଳ ସମୟ ଗଡ଼ିବା ବ୍ୟତୀତ ଆଉ କିଛି ନୁହେଁ ବୋଲି ଲୋକ ବୁଝିସାରିଲେଣି। ମହାନଦୀ ପ୍ରସଙ୍ଗରେ ଓଡ଼ିଶାରେ ଦୁଇ ପ୍ରମୁଖ ଦଳ ବିଜେଡି ଓ ବିଜେପି ସମାଧାନ ପାଇଁ ଯେତିକି ଆଗ୍ରହୀ ନୁହେଁ, ରାଜନୀତି ରୁଟି ସେକିବାକୁ ସେତିକି ତତ୍ପର। ମହାନଦୀ ଜଳବିବାଦର ସମାଧାନ ବାଟ ବାହାରୁ ନ ଥିବାରୁ ବର୍ତ୍ତମାନର ମନ୍ତ୍ରୀମାନେ ପୂର୍ବ ସରକାରକୁ ଦାୟୀ କରିଚାଲିଛନ୍ତି। ଆଉ ବିଜେଡି ବର୍ତ୍ତମାନର ସରକାରକୁ ଦାୟୀ କରୁଛି। କିନ୍ତୁ ଉଭୟ ସରକାରଙ୍କ ସମୟରେ ମହାନଦୀ ବିବାଦର ସମାଧାନ ପାଇଁ ନିଷ୍ଠାପର ଉଦ୍ୟମ ହୋଇ ନ ଥିବା ସମସ୍ତେ ଅନୁଭବ କରୁଛନ୍ତି। ପୂର୍ବ ସରକାର ସମୟରେ ସମସ୍ତ ପ୍ରକାର ସୁଯୋଗ ଥିଲେ ବି କେନ୍ଦ୍ର ସରକାରଙ୍କ ଉପରେ ଚାପ ପକାଇ ହକ୍ ଛଡ଼ାଇ ଆଣିବାକୁ ତତ୍‌କାଳୀନ ବିଜେଡି ସରକାର ଜୋରଦାର ଉଦ୍ୟମ କରି ନଥିଲେ। ସେହିପରି ବର୍ତ୍ତମାନର ସରକାର ବି କୌଣସି ଅଦୃଶ୍ୟ କାରଣରୁ ଏହି ପ୍ରସଙ୍ଗରେ ପାଦେ ଆଗେଇ ପାଦେ ପଛାଉଥିବା ଦେଖିବାକୁ ମିଳୁଛି।

ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ ଉଦ୍‌ବେଗ ପ୍ରକାଶ କରି କହିଛନ୍ତି, ୨୦୨୩ ମସିହାରେ ଟ୍ରିବ୍ୟୁନାଲ୍ ସଦସ୍ୟ ଓ ବିଶେଷଜ୍ଞମାନଙ୍କ ଗସ୍ତ ବ୍ୟୟବହୁଳ ଥିଲା। ଓଡ଼ିଶା ରାଜକୋଷରୁ ଏଥି ପାଇଁ ପ୍ରାୟ ପାଞ୍ଚ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। କିନ୍ତୁ ରାଜ୍ୟ କ'ଣ ଲାଭ ପାଇଲା, ତାହା ଜଣାପଡ଼ିଲାନି। କାବେରୀ ଜଳବିବାଦରେ ଟ୍ରିବ୍ୟୁନାଲ୍ ଏକ ବର୍ଷ ଭିତରେ ଅନ୍ତରୀଣ ରାୟ ଦେଇଥିଲେ। କିନ୍ତୁ ମହାନଦୀ ପ୍ରସଙ୍ଗରେ ଟ୍ରିବ୍ୟୁନାଲ୍ କିଛି ରାୟ ଦେଉ ନାହାନ୍ତି। ତେଣୁ ଏହି ଗସ୍ତକୁ ଆମେ ନାପସନ୍ଦ କରୁଛୁ। ପ୍ରତିକାତ୍ମକ ଭାବେ ଏହାର ପ୍ରତିବାଦ ବି କରିବୁ।

# ଶ୍ରୀମନ୍ଦିର ପୁରୀ ଓ କୋଟା ଜଗଦୀଶ ମନ୍ଦିରର ୧୪ ଦିନିଆ ଅଣସର ପରମ୍ପରା



ଅଭିଷେକ ଯୋଶୀ



ସାମ୍ପ୍ରତିକ ସମୟରେ ଆମେ ସବୁ ଗଣମାଧ୍ୟମରେ ଇସ୍କନର ଅଦିନିଆ ରଥ ଯାତ୍ରା ବିରୋଧରେ ବିଭିନ୍ନ ପ୍ରତିକ୍ରିୟା ଦେଖୁଛୁ। ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ ମଧ୍ୟ ଇସ୍କନ ର ଏଭଳି ଅଦିନିଆ ରଥ ଯାତ୍ରା କୁ ବିରୋଧ କରୁଛି । କିନ୍ତୁ ଏହା ଭିତରେ ଅନ୍ୟଏକ ପ୍ରଦେଶର ଏକ ବଡ ଜଗନ୍ନାଥ ମନ୍ଦିରରେ ଅଦିନିଆ ପରମ୍ପରା ଜାରି ରହିଛି । ଏହି ପରମ୍ପରା ୩୦୦ ବର୍ଷରୁ ଉର୍ଦ୍ଧ୍ୱକାଳୀନ ଜାରି ରହିଛି। ଏହି ଲେଖା ମାଧ୍ୟମରେ ମୁଁ ଚେଷ୍ଟା କରୁଛି ଆପଣ ମାନଙ୍କୁ ଏହି ପରମ୍ପରା ଓ କୋଟା ରେ ଥିବା ମନ୍ଦିରରେ ଚାଲିଥିବା ଶ୍ରୀ ଜଗନ୍ନାଥଙ୍କ ନୀତିର ବ୍ୟତିକ୍ରମ ଉପରେ ଆଲୋକପାତ କରିବାକୁ।

ଭାରତର ପ୍ରମୁଖ ଜଗନ୍ନାଥ ମନ୍ଦିର ହେଉଛି ଓଡ଼ିଶାର ପୁରୀ ଶ୍ରୀମନ୍ଦିର। ରାଜସ୍ଥାନର କୋଟାରେ ଥିବା ଜଗନ୍ନାଥ ମନ୍ଦିରକୁ ଜଗଦୀଶ ମନ୍ଦିର ବୋଲି କୁହାଯାଏ। ଉଭୟରେ ଏକ ଅଦ୍ଭୁତ ଓ ଅନନ୍ୟ ପରମ୍ପରା ରହିଛି: ଦେବତାମାନେ ବର୍ଷରେ ଥରେ ୧୪ ଦିନ ପାଇଁ 'ଅସ୍ୱାସ୍ଥ୍ୟ' ଅବସ୍ଥାରେ ରହନ୍ତି ଏବଂ ଭକ୍ତଙ୍କ ଦର୍ଶନରୁ ଅଲଗା ହୋଇଯାନ୍ତି । ଏହି ପରମ୍ପରା ଉଭୟ ମନ୍ଦିରରେ ପ୍ରାୟ ସମାନ କିନ୍ତୁ କିଛି ଭିନ୍ନତା ସହିତ ପାଳନ କରାଯାଏ ।

**୧୪ ଦିନିଆ ଅନାସାର ଅବସ୍ଥା ଉଭୟ ମନ୍ଦିରର ସାଦୃଶ୍ୟ ତୁଳନା ମୁଖ୍ୟ ଭିନ୍ନତା**

୧. ସ୍ନାନ ଘରଣ ସଂଖ୍ୟା
କୋଟା: ୫୧ ଘରଣ ପାଣି
ପୁରୀ: ୧୦୮ ଘରଣ ପାଣି
୨. ପ୍ରସାଦ ଅର୍ପଣ
କୋଟା: ୨୦୦ କେଜି ଆମ୍ବରସ (ଆମ୍ବ ଅର୍ପଣ)
ପୁରୀ: ଦେବସନା ପୂର୍ଣ୍ଣିମାରେ ବିଶେଷ ଭୋଗ, କିନ୍ତୁ ଅଣସର ପରେ କେବଳ ଫଳ
୩. ଚିକିତ୍ସା ପଦ୍ଧତି
କୋଟା: ଆୟୁର୍ବେଦିକ କାଢ଼ା ଓ ପଥିଆ
ପୁରୀ: ଫୁଲୁରି ତେଲ, ଦଶମୂଳା, ପଞ୍ଚକର୍ମ ଚିକିତ୍ସା, ମାଲିସ୍
୪. ଅଣସର ଗୃହ
କୋଟା: ବିଶେଷ ନାମ ଉଲ୍ଲେଖ ନାହିଁ
ପୁରୀ: ଅଣସର ପିଣ୍ଡି (ବିଶେଷ କୋଠରୀ)

କୋଟା ଜଗଦୀଶ ମନ୍ଦିରର ୧୪ ଦିନିଆ ଅନାସାର ପରମ୍ପରା

ପ୍ରାରମ୍ଭିକ ବିଧି ସମୟ: ଏହି ମାସର ପୂର୍ଣ୍ଣିମା ( ୩୧ ମେ, ୨୦୨୬) ପରେ ଆରମ୍ଭ ହୋଇଛି । ଏଠାରେ ପ୍ରାୟ ୨୦୦ କିଲୋଗ୍ରାମ ଆମ୍ବରସ ପ୍ରସାଦ ଭଗବାନ ଜଗଦୀଶ୍, ବଳଭଦ୍ର ଓ ସୁଭଦ୍ରାଙ୍କୁ ଅର୍ପଣ କରାଯାଏ — ଏହା ଏକ ୩୦୦ ବର୍ଷୀୟ ପବିତ୍ର ପରମ୍ପରା । ପ୍ରସାଦ ଅର୍ପଣ ପରେ ଦେବତାମାନଙ୍କୁ ୫୧ ଘରଣ ପାଣିରେ ରାଜକୀୟ ସ୍ନାନ କରାଯାଏ। ଅତ୍ୟଧିକ ସ୍ନାନ ପରରୁ ମହାପ୍ରଭୁ ତାଙ୍କ ଭାଇ ଓ ଭଉଣୀ ଙ୍କ ସହିତ ଜ୍ୱରରେ ଆକ୍ରାନ୍ତ ହୋଇଥାନ୍ତି ବୋଲି ପରମ୍ପରା କୁ ୧୪ ଦିନିଆ ଅନାସାର ଅବସ୍ଥା କୁହାଯାଏ ।

ସେହି ପରି ଯଦି ଆମେ ପୁରୀ ଶ୍ରୀମନ୍ଦିରର ଅଣସର ପରମ୍ପରା ନୀତି ଦେବସନା ପୂର୍ଣ୍ଣିମା (ଜ୍ୟେଷ୍ଠ ପୂର୍ଣ୍ଣିମା) ପରେ ୧୪ ଦିନ ଦେବତାମାନଙ୍କୁ ୧୦୮ ଘରଣ ପାଣିରେ ସ୍ନାନ କରାଯାଏ। ଅତ୍ୟଧିକ ସ୍ନାନ ପରେ ଚତୁର୍ଦ୍ଧା ବିଗ୍ରହ ଜ୍ୱରରେ ଆକ୍ରାନ୍ତ ହୁଅନ୍ତି । ଏହା ପରେ ଦର୍ଶନ ବନ୍ଦ କରାଯାଏ। ଭକ୍ତମାନେ ୧୪ ଦିନ ପାଇଁ ମହାପ୍ରଭୁଙ୍କ ଦର୍ଶନ ପାଇପାରିବେ ନାହିଁ ।

ଉଭୟ ମନ୍ଦିରରେ ଦେବତାଙ୍କୁ ମାନବ ସ୍ୱରୂପରେ ଦେଖାଯାଏ — ସେମାନେ ମଧ୍ୟ ରୋଗ କରିପାରନ୍ତି, ଚିକିତ୍ସା ଆବଶ୍ୟକ କରନ୍ତି ଏବଂ ସେବା ପାଇଁ ଆଗ୍ରହୀ । ଭକ୍ତମାନେ ୧୪ ଦିନ ପାଇଁ ଦର୍ଶନ ପାଇପାରିବେ ନାହିଁ, ତେଣୁ ସେମାନେ ଧୀରେ ଧୀରେ ଅପେକ୍ଷା ଓ ଧୈର୍ଯ୍ୟ ଶିଖନ୍ତି । ପୁରୀରେ ଭକ୍ତମାନଙ୍କୁ ପଟ୍ଟଚିତ୍ର ଦେଖି ପ୍ରାର୍ଥନା କରିବାକୁ କୁହାଯାଏ । ପୁରୀରେ ଭକ୍ତମାନଙ୍କୁ ଆଳାର୍ଥନାଥଙ୍କୁ ଦର୍ଶନ କରି ଆଶୀର୍ବାଦ ପାଇବାକୁ କୁହାଯାଏ । ରଥଯାତ୍ରା ପ୍ରସ୍ତୁତି ଉଭୟ ମନ୍ଦିରରେ ଅଣସର ପରେ ଦେବତାମାନେ ନବ ଯୌବନ ଦର୍ଶନ (ନୂତନ ଯୌବନରେ ଦର୍ଶନ) ରେ ଭକ୍ତଙ୍କ ସମ୍ମୁଖରେ ଆସନ୍ତି, ଯାହା ରଥଯାତ୍ରା ପୂର୍ବରୁ ଏକ ଦିନ ଘଟେ ।

କୋଟା ଜଗଦୀଶ ମନ୍ଦିର ଓ ପୁରୀ ଶ୍ରୀମନ୍ଦିର — ଉଭୟରେ ୧୪ ଦିନିଆ ଅଣସର ପରମ୍ପରା ଭିନ୍ନ ଭାବରେ ପାଳନ ହୁଏ, ଯାହା ଜଗନ୍ନାଥ ସଂସ୍କୃତିର ଏକତା ଓ ସାର୍ବଭୌମତ୍ୱର ପ୍ରମାଣ। ପୁରୀରେ ୧୦୮ ଘରଣ ସ୍ନାନ, ଫୁଲୁରି ତେଲ ଓ ପଞ୍ଚକର୍ମ ଚିକିତ୍ସା ହୁଏ, କୋଟାରେ ୫୧ ଘରଣ ସ୍ନାନ, ୨୦୦ କେଜି ଆମ୍ବରସ ପ୍ରସାଦ ଓ ଆୟୁର୍ବେଦିକ କାଢ଼ା ଦିଆଯାଏ। ତଥାପି, ଉଭୟର ମୂଳ ଉଦ୍ଦେଶ୍ୟ ସମାନ ଦେବତାଙ୍କୁ ସୁସ୍ଥ କରି ରଥଯାତ୍ରା ପାଇଁ ପ୍ରସ୍ତୁତ କରିବା।

**ମୁଖ୍ୟ, ପତିତପାବନ ସେବା ଫାଉଣ୍ଡେସନ ଓ ଓଡ଼ିଶା ସୁରକ୍ଷା ସେନା**

# ଆମେରିକା-ଇରାନ ଅଚଳାବସ୍ଥା, ବିଶ୍ୱ ଅସ୍ଥିରତା ଓ ଭାରତର ଚିନ୍ତା



ସିତାଂଶୁ ଶେଖର ମିଶ୍ର

ବର୍ତ୍ତମାନ ବିଶ୍ୱ ରାଜନୀତି ଏକ ଅତ୍ୟନ୍ତ ସଙ୍କଟମୟ ଓ ଅନିଶ୍ଚିତ ସମୟ ଦେଇ ଅତିକ୍ରମ କରୁଛି। ରୁଷ-ୟୁକ୍ରେନ ଯୁଦ୍ଧ ଏପର୍ଯ୍ୟନ୍ତ ସମାପ୍ତ ହୋଇନଥିବାବେଳେ, ମଧ୍ୟପୂର୍ବରେ ଆମେରିକା ଓ ଇରାନ ମଧ୍ୟରେ ବଢୁଥିବା ଟଣାଟଣି ଆନ୍ତର୍ଜାତିକ ପରିସ୍ଥିତିକୁ ଆହୁରି ଜଟିଳ କରିଦେଇଛି। କୂଟନୀତିକ ଆଲୋଚନା, ଆର୍ଥିକ ପ୍ରତିବନ୍ଧକ ଓ ସାମରିକ ସତର୍କତା ମଧ୍ୟରେ ଗତ କିଛି ମାସ ଧରି ଯେଉଁ ଅଚଳାବସ୍ଥା ଲାଗି ରହିଛି, ତାହାର କୌଣସି ସ୍ପଷ୍ଟ ସକରାତ୍ମକ ସମାଧାନ ଏପର୍ଯ୍ୟନ୍ତ ଦୃଶ୍ୟମାନ ହେଉନାହିଁ। ଏହା କେବଳ ଦୁଇ ଦେଶର ସମସ୍ୟା ହୋଇ ରହିନାହିଁ, ବରଂ ବିଶ୍ୱ ଅର୍ଥନୀତି, ଜାଳେଣି ସୁରକ୍ଷା ଓ ରୋଜଗାର କ୍ଷେତ୍ର ଉପରେ ଗଭୀର ପ୍ରଭାବ ପକାଇବାରେ ଲାଗିଛି।

ମଧ୍ୟପୂର୍ବ ଅଞ୍ଚଳ ବିଶ୍ୱର ପ୍ରମୁଖ ତୈଳ ଓ ପ୍ରାକୃତିକ ଗ୍ୟାସ ଯୋଗାଣ କେନ୍ଦ୍ର। ଇରାନ ଏହି ଅଞ୍ଚଳର ଏକ ପ୍ରଭାବଶାଳୀ ଦେଶ ହେବାରୁ ଆମେରିକା ସହ ଏହାର ସଂଘର୍ଷ କିମ୍ବା ଟଣାଟଣିର ପ୍ରଭାବ ପ୍ରତ୍ୟକ୍ଷ ଭାବେ ବିଶ୍ୱ ଜଳେଣି ବଜାରରେ ପଡୁଛି। ବିଶେଷକରି ହର୍ମୁଜ ସମୁଦ୍ରପଥ, ଯାହା ଦ୍ୱାରା ବିଶ୍ୱର ବହୁ ଅଂଶ ତୈଳ ପରିବହନ ହୁଏ, ସେଠାରେ ଅସ୍ଥିରତା ସୃଷ୍ଟି ହେବାମାତ୍ରେ ଆନ୍ତର୍ଜାତିକ ବଜାରରେ ତୈଳ ମୂଲ୍ୟ ବୃଦ୍ଧି ପାଉଛି। ଏହାର ପ୍ରଭାବ ଭାରତ ଭଳି ଆମଦାନୀ ନିର୍ଭର ଦେଶମାନଙ୍କୁ ଅଧିକ ଭାବରେ ଭୋଗିବାକୁ ପଡୁଛି।

ଭାରତ ନିଜର ଆବଶ୍ୟକତାର ବଡ଼ ଅଂଶ କ୍ରୁଡ଼ ତୈଳ ବିଦେଶରୁ ଆମଦାନୀ କରେ। ତେଣୁ ଆନ୍ତର୍ଜାତିକ ବଜାରରେ ତୈଳ ମୂଲ୍ୟ ବଢ଼ିଲେ ଦେଶରେ ପେଟ୍ରୋଲ, ଡିଜେଲ ଓ ରାନ୍ଧଣା ଗ୍ୟାସର ଦର ବୃଦ୍ଧି ପାଇବାର ଆଶଙ୍କା ବଢ଼ିଯାଏ। ପରିବହନ ଖର୍ଚ୍ଚ ବୃଦ୍ଧି ସହ ଜିନିଷପତ୍ରର ମୂଲ୍ୟ ମଧ୍ୟ ବଢ଼େ, ଯାହା ସାଧାରଣ ଲୋକଙ୍କ ଦୈନିକ ଜୀବନକୁ ପ୍ରଭାବିତ କରେ। ଦରବୃଦ୍ଧି ହେଲେ ମଧ୍ୟବିତ୍ତ ଓ ନିମ୍ନବିତ୍ତ ଶ୍ରେଣୀ ଅଧିକ ଚାପରେ ପଡ଼ନ୍ତି।

କେବଳ ତୈଳ କିମ୍ବା ଗ୍ୟାସ ନୁହେଁ, ଏହି ଅସ୍ଥିରତାର ପ୍ରଭାବ ରୋଜଗାର କ୍ଷେତ୍ରରେ ମଧ୍ୟ ଦେଖାଯାଉଛି। ବିଶ୍ୱ ଅର୍ଥନୀତିର ଅନିଶ୍ଚିତତା କାରଣରୁ ନିବେଶକମାନେ ସତର୍କ ହେଉଛନ୍ତି। ଅନେକ କମ୍ପାନୀ ନୂଆ ନିଯୁକ୍ତି କମାଉଛନ୍ତି କିମ୍ବା ବିସ୍ତାର ଯୋଜନାକୁ ସ୍ଥଗିତ କରୁଛନ୍ତି। ସୂଚନା ପ୍ରଯୁକ୍ତି, ଉତ୍ପାଦନ, ପରିବହନ ଓ ରପ୍ତାନୀ ଭଳି କ୍ଷେତ୍ରଗୁଡ଼ିକରେ ଏହାର ପ୍ରଭାବ ଧୀରେଧୀରେ ଦୃଶ୍ୟମାନ ହେଉଛି। ମଧ୍ୟପୂର୍ବରେ କାମ କରୁଥିବା ଭାରତୀୟ ଶ୍ରମିକମାନଙ୍କ ଭବିଷ୍ୟତ ନେଇ ମଧ୍ୟ ଚିନ୍ତା ବଢୁଛି।

ଏହି ପରିସ୍ଥିତିରେ ଏକ ମୂଳ ପ୍ରଶ୍ନ ଉଠୁଛି — ଏହି ଅସ୍ଥିରତା ପାଇଁ କେବଳ ଆମେରିକା କ'ଣ ଦାୟୀ? ବାସ୍ତବ ଦୃଷ୍ଟିରୁ ଦେଖିଲେ, ଆନ୍ତର୍ଜାତିକ ରାଜନୀତି କେବେ ମଧ୍ୟ ଏକପକ୍ଷୀୟ ହୋଇନଥାଏ। ଆମେରିକା ନିଜର ଜାତୀୟ ସୁରକ୍ଷା, ପରମାଣୁ ନୀତି ଓ ମଧ୍ୟପୂର୍ବରେ ନିଜର କୌଶଳଗତ ସ୍ୱାର୍ଥକୁ ଆଧାର କରି ପଦକ୍ଷେପ ନେଉଛି। ଅନ୍ୟପଟେ ଇରାନ ମଧ୍ୟ ନିଜର ଆଞ୍ଚଳିକ ପ୍ରଭାବ ଓ ରାଜନୈତିକ ଅବସ୍ଥାନକୁ ମଜବୁତ କରିବାରେ ଚେଷ୍ଟା କରୁଛି। ଉଭୟ ପକ୍ଷର ଅବିଶ୍ୱାସ, ସାମରିକ ପ୍ରସ୍ତୁତି ଓ କଠୋର ରାଜନୈତିକ ଭାଷା ଏହି ସଙ୍କଟକୁ ଆହୁରି ଗଭୀର କରିଛି। ତେଣୁ ସମଗ୍ର ପରିସ୍ଥିତି ପାଇଁ କେବଳ ଆମେରିକାକୁ ଦାୟୀ କରିଦେବା ଏକ ସରଳୀକୃତ ଓ ଏକପାଖିଆ ବିଶ୍ଳେଷଣ ହେବ।

କାରଣ ବିଶ୍ୱ ରାଜନୀତିରେ ପ୍ରତ୍ୟେକ ଦେଶ ନିଜର ସ୍ୱାର୍ଥ, ସୁରକ୍ଷା ଓ ପ୍ରଭାବକୁ ଆଗରେ ରଖି କାର୍ଯ୍ୟ କରେ। କିନ୍ତୁ ଏହା ମଧ୍ୟ ସତ୍ୟ ଯେ, ବିଶ୍ୱର ଏକ ମହାଶକ୍ତି ଭାବେ ଆମେରିକାର ଅଧିକ ଦାୟିତ୍ୱଶୀଳ ଓ ସନ୍ତୁଳିତ ଭୂମିକା ଆଶା କରାଯାଏ। ଯେକୌଣସି ଆକ୍ରମଣାତ୍ମକ କୂଟନୀତି କିମ୍ବା ଆର୍ଥିକ ପ୍ରତିବନ୍ଧକର ପ୍ରଭାବ ସମଗ୍ର ବିଶ୍ୱ ଉପରେ ପଡ଼ିଥାଏ।

ଏଠାରେ ଜାତିସଂଘ ଓ ଅନ୍ୟାନ୍ୟ ବିଶ୍ୱ କଲ୍ୟାଣ ସଂଗଠନମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସଂଘର୍ଷକୁ ଆଲୋଚନା ମାଧ୍ୟମରେ ସମାଧାନ କରିବା, ଯୁଦ୍ଧକୁ ରୋକିବା ଓ ମାନବିକ ସଙ୍କଟକୁ କମାଇବା ପାଇଁ ସକ୍ରିୟ କୂଟନୈତିକ ପଦକ୍ଷେପ ଆବଶ୍ୟକ। ବିଶ୍ୱ ଆଜି ଯୁଦ୍ଧ ନୁହେଁ, ସ୍ଥିରତା ଓ ସହଯୋଗ ଚାହୁଁଛି।

ଏହି ପରିସ୍ଥିତି ଆମକୁ ଏକ ମୂଳ ସତ୍ୟ ସ୍ମରଣ କରାଉଛି — ବିଶ୍ୱ ଆଜି ପରସ୍ପର ନିର୍ଭରଶୀଳ। ଏକ ଅଞ୍ଚଳର ଯୁଦ୍ଧ କିମ୍ବା ଟଣାଟଣି କେବଳ ସେହି ଦେଶକୁ ନୁହେଁ, ହଜାର ହଜାର କିଲୋମିଟର ଦୂରରେ ଥିବା ସାଧାରଣ ଲୋକଙ୍କ ଜୀବନକୁ ମଧ୍ୟ ପ୍ରଭାବିତ କରେ। ସେଥିପାଇଁ ଆଜିର ସମୟର ସବୁଠାରୁ ବଡ଼ ଆବଶ୍ୟକତା ହେଉଛି ସଂଘର୍ଷର ରାଜନୀତିକୁ ଛାଡ଼ି ଆଲୋଚନା, ସହଯୋଗ ଓ ଶାନ୍ତିର ପଥକୁ ଗୁରୁତ୍ୱ ଦେବା।

ଶାନ୍ତି ନଗର, ସୋନପୁର




# ଭଦ୍ରକର ବିକାଶ ପୁରୁଷ, ଓଡ଼ିଶାର ଗର୍ବ ସ୍ୱର୍ଗତଃ ଅର୍ଜୁନ ଚରଣ ସେଠୀଙ୍କ ଷଷ୍ଠ ଶ୍ରାଦ୍ଧବାର୍ଷିକ



ଲକି ସ୍ୱାଇଁ

ଓଡ଼ିଶାର ରାଜନୈତିକ ଇତିହାସରେ କିଛି ନେତା ଏମିତି ଅଛନ୍ତି, ଯାହାଙ୍କ ପରିଚୟ କୌଣସି ଦଳ, ପଦବୀ କିମ୍ବା ନିର୍ବାଚନୀ ସଫଳତା ମଧ୍ୟରେ ସୀମିତ ନୁହେଁ। ସେମାନେ ଲୋକଙ୍କ ହୃଦୟରେ ନିଜର କାର୍ଯ୍ୟ, ସରଳତା ଓ ଜନସେବା ପ୍ରତି ଅତୁଟ ନିଷ୍ଠା ପାଇଁ ସ୍ଥାନ ପାଇଥାନ୍ତି। ସ୍ୱର୍ଗତ ଅର୍ଜୁନ ଚରଣ ସେଠୀ ସେହିପରି ଜଣେ ବିରଳ ଜନନେତା ଥିଲେ।

୨୦୨୦ ମସିହା ୮ ଜୁନରେ ତାଙ୍କର ପରଲୋକ ଘଟିଥିଲା। ଆଜି ତାଙ୍କର ଷଷ୍ଠ ଶ୍ରାଦ୍ଧବାର୍ଷିକୀରେ ସମଗ୍ର ଭଦ୍ରକ, ଏବଂ ରାଜ୍ୟର ରାଜନୈତିକ ପରିବାର ଜଣେ ଅଭିଜ୍ଞ ସଂସଦୀୟ ନେତା, ଦକ୍ଷ ପ୍ରଶାସକ, କ୍ରୀଡ଼ାପ୍ରେମୀ ଓ ସରଳ ଜନସେବକଙ୍କୁ ସ୍ମରଣ କରୁଛି। ଆଠ ଥର ଲୋକସଭାକୁ ନିର୍ବାଚିତ ହୋଇଥିବା ଅର୍ଜୁନ ବାବୁ ଭଦ୍ରକର ରାଜନୈତିକ ଇତିହାସର ଏକ ଅପ୍ରତିଦ୍ୱନ୍ଦ୍ୱୀ ଅଧ୍ୟାୟ। ଏହା ସହିତ ସେ ଦୁଇ ଥର ଭଣ୍ଡାରିପୋଖରୀ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବେ ମଧ୍ୟ ନିର୍ବାଚିତ ହୋଇ ଜନସାଧାରଣଙ୍କ ବିଶ୍ୱାସ ଅର୍ଜନ କରିଥିଲେ। ୧୯୭୧ ଠାରୁ ଆରମ୍ଭ କରି ପ୍ରାୟ ପାଞ୍ଚ ଦଶନ୍ଧି ଧରି ସେ ଭଦ୍ରକର ସ୍ୱର ଭାବେ ଦିଲ୍ଲୀରେ ପ୍ରତିଧ୍ୱନିତ ହୋଇଥିଲେ। କେନ୍ଦ୍ର ସରକାରରେ ଜଳ ସମ୍ପଦ ମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରି ସେ ଓଡ଼ିଶାର ଗୌରବକୁ ଜାତୀୟ ସ୍ତରରେ ଆହୁରି ସୁଦୃଢ଼ କରିଥିଲେ।

କେନ୍ଦ୍ର ଜଳ ସମ୍ପଦ ମନ୍ତ୍ରୀ ଭାବେ ସେ ସାଳନ୍ଦୀ ଜଳସେଚନ ବ୍ୟବସ୍ଥାର ଆଧୁନିକୀକରଣ, ଜଳ ସଂରକ୍ଷଣ, ନଦୀ ପରିଚାଳନା ଏବଂ କୃଷି ଭିତ୍ତିକ ଅର୍ଥନୀତିକୁ ସୁଦୃଢ଼ କରିବା ଦିଗରେ ବିଶେଷ ଧ୍ୟାନ ଦେଇଥିଲେ। ସାଳନ୍ଦୀ ପ୍ରକଳ୍ପର ସୁରକ୍ଷା ଓ ସେଚନ କ୍ଷମତା ବୃଦ୍ଧି ପାଇଁ ତାଙ୍କର ଅନୁସରଣ ଆଜି ମଧ୍ୟ କୃଷକ ସମାଜ ମନେ ରଖିଛି। ହଦଗଡ଼ ମଧ୍ୟମ ସେଚନ ପ୍ରକଳ୍ପ, ବନ୍ୟା ନିୟନ୍ତ୍ରଣ ଏବଂ ଜଳ ସମ୍ପଦ ଭିତ୍ତିଭୂମିର ବିକାଶ କ୍ଷେତ୍ରରେ ମଧ୍ୟ ତାଙ୍କର ଉଦ୍ୟମ ସ୍ମରଣୀୟ।

ଭଦ୍ରକର ବିକାଶ ଇତିହାସକୁ ଅନୁଧ୍ୟାନ କଲେ ଅର୍ଜୁନ ବାବୁଙ୍କ ଅବଦାନ ବିଭିନ୍ନ ରୂପରେ ପ୍ରତିଫଳିତ ହୁଏ। ସୋରୋ ନିର୍ବାଚନ ମଣ୍ଡଳୀର ରେଳ ଓଭରବ୍ରିଜ୍, ଭଦ୍ରକ ରାନ୍ଦିଆ ରେଳ ଓଭରବ୍ରିଜ୍, ଭଦ୍ରକ ରେଳ ଷ୍ଟେସନର ସମ୍ପ୍ରସାରଣ ଏବଂ ଯୋଗାଯୋଗ ବ୍ୟବସ୍ଥାର ଉନ୍ନତି ଭଳି ଅନେକ ଜନଉପଯୋଗୀ ପ୍ରକଳ୍ପ ପାଇଁ ଭଦ୍ରକବାସୀ ଆଜି ମଧ୍ୟ ତାଙ୍କୁ କୃତଜ୍ଞତାର ସହ ସ୍ମରଣ କରନ୍ତି। ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ଭିତ୍ତିଭୂମି ବିକାଶକୁ ସେ ନିଜ ରାଜନୈତିକ ଦର୍ଶନର ଏକ ପ୍ରମୁଖ ଅଂଶ କରିଥିଲେ।



ଭଦ୍ରକ ସହର ନିକଟ କୁଆଁସ ଠାରେ ସାଳନ୍ଦୀ ନଦୀ ଉପରେ ନିର୍ମିତ 'ଅର୍ଜୁନ ସେତୁ' ତାଙ୍କ ବିକାଶ ଦୃଷ୍ଟିଭଙ୍ଗୀର ଏକ ସ୍ଥାୟୀ ସ୍ମାରକ। ଏହି ସେତୁ କେବଳ ଦୁଇ ପାର୍ଶ୍ୱକୁ ଯୋଡ଼ିନଥିଲା, ବରଂ ଭଦ୍ରକର ଆର୍ଥିକ ଓ ସାମାଜିକ ସମ୍ଭାବନାକୁ ମଧ୍ୟ ନୂଆ ଦିଗ ଦେଇଥିଲା।

ଶିକ୍ଷା କ୍ଷେତ୍ରରେ ମଧ୍ୟ ତାଙ୍କର ଅବଦାନ ସ୍ମରଣୀୟ। ଜଣେ ଶିକ୍ଷକ ଭାବେ କର୍ମଜୀବନ ଆରମ୍ଭ କରିଥିବା ଅର୍ଜୁନ ବାବୁ ସବୁବେଳେ ଶିକ୍ଷାର ଶକ୍ତି ଉପରେ ବିଶ୍ୱାସ କରୁଥିଲେ। ଭଦ୍ରକରେ କେନ୍ଦ୍ରୀୟ ବିଦ୍ୟାଳୟର ବିକାଶ, ଶିକ୍ଷା ଭିତ୍ତିଭୂମିର ସୁଦୃଢ଼ୀକରଣ ଏବଂ ନୂତନ ପିଢ଼ିକୁ ସୁଯୋଗ ଦେବା ପାଇଁ ତାଙ୍କର ପ୍ରୟାସ ଆଜି ମଧ୍ୟ ସ୍ମରଣୀୟ।

କ୍ରୀଡ଼ା କ୍ଷେତ୍ରରେ ତାଙ୍କର ଅବଦାନ ମଧ୍ୟ ଅବିସ୍ମରଣୀୟ। ନିଜ ଜନ୍ମମାଟି ବନ୍ତ ବ୍ଲକରେ ଆୟୋଜିତ ହେଉଥିବା ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ 'ଟିଲୋ କପ୍' କ୍ରିକେଟ ଟୁର୍ଣ୍ଣାମେଣ୍ଟର ସେ ଥିଲେ ମୁଖ୍ୟ ପୁରୋଧା। ଗ୍ରାମାଞ୍ଚଳରେ ଆୟୋଜିତ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟ ଆଜି ଦେଶ ଓ ବିଦେଶରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଟିଲୋ ଆଥଲେଟିକ ଆସୋସିଏସନର ବିକାଶ ଏବଂ ଗ୍ରାମୀଣ କ୍ରୀଡ଼ା ସଂସ୍କୃତିର ପ୍ରସାରରେ ତାଙ୍କର ଭୂମିକା ଅତୁଳନୀୟ।

ରାଜନୈତିକ ସଂଗଠକ ଭାବେ ମଧ୍ୟ ଅର୍ଜୁନ ବାବୁଙ୍କ ଅବଦାନ ଅସାଧାରଣ। ବିଜୁ ଜନତା ଦଳର ପ୍ରାରମ୍ଭିକ ସମୟରେ ସେ ଦଳର ସଂସଦୀୟ ନେତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ବିଜେଡିର ସଂଗଠନିକ ସୁଦୃଢ଼ୀକରଣ, ଦଳକୁ ଗ୍ରାମାଞ୍ଚଳରେ ବିସ୍ତାର କରିବା ଏବଂ ଓଡ଼ିଶାର ଏକ ପ୍ରମୁଖ ରାଜନୈତିକ ଶକ୍ତି ଭାବେ ପ୍ରତିଷ୍ଠିତ କରିବାରେ ତାଙ୍କର ଅବଦାନ ସର୍ବସ୍ୱୀକୃତ।

ଜଣେ ସାଧାରଣ ଶିକ୍ଷକରୁ ଦେଶର ସର୍ବୋଚ୍ଚ ନୀତି ନିର୍ଦ୍ଧାରଣ କେନ୍ଦ୍ର 'ଦିଲ୍ଲୀ ଦରବାର' ପର୍ଯ୍ୟନ୍ତ ପହଞ୍ଚିବା ଏବଂ ପ୍ରାୟ ପାଞ୍ଚ ଦଶନ୍ଧି ଧରି ନିରବଚ୍ଛିନ୍ନ ଭାବେ ଜନସେବାରେ ନିଜକୁ ସମର୍ପିତ ରଖିବା ଏକ ବିରଳ ସୌଭାଗ୍ୟ। ତାଙ୍କର ଜୀବନ ଆମକୁ ଶିଖାଏ ଯେ ଜନସେବା ପ୍ରତି ନିଷ୍ଠା, ସାଧାରଣ ଲୋକଙ୍କ ସହ ସମ୍ପର୍କ ଏବଂ କର୍ମ ପ୍ରତି ସତତା ଜଣେ ନେତାଙ୍କୁ ଅସାଧାରଣ କରିଥାଏ। ତାଙ୍କ ରାଜନୈତିକ ଜୀବନର ସବୁଠାରୁ ବଡ଼ ସଫଳତା ଥିଲା ଜନସାଧାରଣଙ୍କ ଅବିଚଳ ବିଶ୍ୱାସ। ଦଳ ବଦଳିଛି, ସମୟ ବଦଳିଛି, ରାଜନୈତିକ ସମୀକରଣ ବଦଳିଛି, କିନ୍ତୁ ଅର୍ଜୁନ ଚରଣ ସେଠୀଙ୍କ ପ୍ରତି ଲୋକଙ୍କ ଭରସା ଓ ଭଲପାଇବା କେବେ ବଦଳିନାହିଁ। ଏହା ହିଁ ଜଣେ ଜନନେତାଙ୍କ ସବୁଠାରୁ ବଡ଼ ପୁଞ୍ଜି। ଆଜି ତାଙ୍କର ଲୋକପ୍ରିୟତା, ଜନସମ୍ପର୍କ ଓ ଜନସେବାର ଐତିହ୍ୟକୁ ପାଥେୟ କରି ତାଙ୍କ ପୁତ୍ର ଅଭିମନ୍ୟୁ ସେଠୀ ଭଦ୍ରକର ସାଂସଦ ଭାବେ ଜାତୀୟ ରାଜନୀତିରେ ସକ୍ରିୟ ଭୂମିକା ନିର୍ବାହ କରୁଛନ୍ତି। ଠିକ ପିତାଙ୍କ ପରି, ଜଣେ ସରଳ, ମିଷ୍ଟଭାସି ତଥା ସଂସ୍କାରପୂର୍ଣ୍ଣ ବ୍ୟକ୍ତି ଭାବେ ଲୋକଙ୍କ ପାଖରେ ପରିଚିତ ହେଉଛନ୍ତି, ପୁତ୍ର ଅଭିମନ୍ୟୁ - ଆଜିର ଭଦ୍ରକର ସାଂସଦ। ଏହା କେବଳ ଏକ ରାଜନୈତିକ ଉତ୍ତରାଧିକାର ନୁହେଁ, ବରଂ ଜନସେବାର ଏକ ନିରନ୍ତର ପରମ୍ପରା। ସ୍ୱର୍ଗତ ଅର୍ଜୁନ ଚରଣ ସେଠୀ କେବଳ ଜଣେ ନେତା ନୁହେଁ, ସେ ଥିଲେ ଏକ ଅନୁଷ୍ଠାନ, ଏକ ବିଶ୍ୱାସ, ଏକ ଜନଆନ୍ଦୋଳନ ଏବଂ ଭଦ୍ରକର ବିକାଶର ଏକ ସ୍ୱର୍ଣ୍ଣିମ ଅଧ୍ୟାୟ। ତାଙ୍କ ଷଷ୍ଠ ଶ୍ରାଦ୍ଧବାର୍ଷିକୀରେ ଆମର ବିନମ୍ର ଶ୍ରଦ୍ଧାଞ୍ଜଳି।

'ମଣିଷ ଚାଲିଯାଏ, କିନ୍ତୁ ତାଙ୍କ କର୍ମ ଅମର ହୋଇ ରହେ। ଭଦ୍ରକର ମାଟିରେ ଅର୍ଜୁନ ବାବୁଙ୍କ ସ୍ମୃତି ସେହିପରି ଅମର ହୋଇ ରହିବ।'

**ଯୁବ ସମାଜସେବୀ ଭଦ୍ରକ**

# କୋଷ୍ଟାଲ ହାଇୱେକୁ କ୍ୟାବିନେଟ୍ ମଞ୍ଜୁରୀ : ରାମେଶ୍ୱର-ପାରାଦୀପ ୧୬୦କିମିର ଗ୍ରୀନ ଫିଲଡ୍ କରିଡର, ଖର୍ଚ୍ଚ ହେବ ୮୩୦୦କୋଟି

ଭୁବନେଶ୍ୱର, ୦୬/୦୬ (ଜେଏନ୍ଏସ୍) : ପ୍ରଥମ ପର୍ଯ୍ୟାୟରେ ରାମେଶ୍ୱରରୁ ପାରାଦୀପ ପର୍ଯ୍ୟନ୍ତ ଏହି ୧୬୦.୧୮କିମି ଲମ୍ବ ବିଶିଷ୍ଟ କୋଷ୍ଟାଲ ହାଇୱେ ପ୍ରକଳ୍ପ ନିମନ୍ତେ କେନ୍ଦ୍ର ସରକାର ୮୩୦୦.୭୯କୋଟି ଟଙ୍କାର ବ୍ୟୟବରାଦକୁ ମଞ୍ଜୁର କରିଛନ୍ତି । ଏହି ରାଜପଥ ନିର୍ମାଣ କାର୍ଯ୍ୟ ହାଇବ୍ରିଡ୍ ଆନୁଇଟି ମଡେଲ ମାଧ୍ୟମରେ ହେବ। ବହୁ ପ୍ରତୀକ୍ଷିତ କୋଷ୍ଟାଲ ହାଇୱେକୁ ପ୍ରକଳ୍ପକୁ କେନ୍ଦ୍ର ସରକାରଙ୍କ ଆର୍ଥିକ ବ୍ୟାପାରର କ୍ୟାବିନେଟ୍ କମିଟି ଅନୁମୋଦନ କରିଛନ୍ତି। ଖୋର୍ଦ୍ଧା ରାମେଶ୍ୱରରୁ ପାରାଦୀପ ପର୍ଯ୍ୟନ୍ତ ନୂଆ ଗ୍ରୀନଫିଲଡ୍ କୋଷ୍ଟାଲ ହାଇୱେ (ଉପକୂଳ ରାଜପଥ) ନିର୍ମାଣ ହେବ। ପ୍ରଥମ ପର୍ଯ୍ୟାୟରେ ରାମେଶ୍ୱରରୁ ପାରାଦୀପ ପର୍ଯ୍ୟନ୍ତ ଏହି ୧୬୦.୧୮କିମି ଲମ୍ବ ବିଶିଷ୍ଟ କୋଷ୍ଟାଲ ହାଇୱେ ପ୍ରକଳ୍ପ ନିମନ୍ତେ କେନ୍ଦ୍ର ସରକାର ୮୩୦୦.୭୯କୋଟି ଟଙ୍କାର ବ୍ୟୟବରାଦକୁ ମଞ୍ଜୁର କରିଛନ୍ତି । ଏହି ରାଜପଥ ନିର୍ମାଣ କାର୍ଯ୍ୟ ହାଇବ୍ରିଡ୍ ଆନୁଇଟି ମଡେଲ ମାଧ୍ୟମରେ ହେବ।



ସୂଚନା ଅନୁସାରେ, ଏହି କୋଷ୍ଟାଲ ହାଇୱେ ପ୍ରକଳ୍ପକୁ ଦୁଇଟି ପ୍ୟାକେଜରେ କାର୍ଯ୍ୟକାରୀ କରାଯିବ। ପ୍ରଥମ ପ୍ୟାକେଜରେ ରାମେଶ୍ୱରରୁ କୋଣାର୍କ ପର୍ଯ୍ୟନ୍ତ ୭୯.୪୦ କିମି ବିଶିଷ୍ଟ ୪ଲେନ୍ ପ୍ରବେଶ ନିୟନ୍ତ୍ରିତ ରାଜପଥ ନିର୍ମାଣ ହେବ, ଯେଉଁଥିରେ ୫୩୦୫ କୋଟି ଟଙ୍କା ପୁଞ୍ଜି ବିନିଯୋଗ ହେବ। ସେହିପରି ଦ୍ୱିତୀୟ ପ୍ୟାକେଜରେ କୋଣାର୍କରୁ ପାରାଦୀପ ପର୍ଯ୍ୟନ୍ତ ୮୦.୮ କିମି ବିଶିଷ୍ଟ ପେଭଡ୍ ସୋଲ୍ଡର ସହିତ ୨ ଲେନ୍ ରାଜପଥ ନିର୍ମାଣ ପାଇଁ ବ୍ୟବସ୍ଥା କରାଯାଇଛି, ଯେଉଁଥିପାଇଁ ମୋଟ ୨୯୯୬ କୋଟି ଟଙ୍କା ବ୍ୟୟ କରାଯିବ। ଉଭୟ ପ୍ରକଳ୍ପ ପାଇଁ ମୋଟ ରିହାତି ଅବଧି ୧୭.୫ ବର୍ଷ ଧାର୍ଯ୍ୟ କରାଯାଇଛି, ଯେଉଁଥିରେ ଅଢ଼େଇ ବର୍ଷର ନିର୍ମାଣ ସମୟ ଓ ୧୫ ବର୍ଷର ପରିଚାଳନା ଓ ରକ୍ଷଣାବେକ୍ଷଣ ସାମିଲ ରହିଛି। ଏହି ଅତ୍ୟାଧୁନିକ ରାଜପଥର ଡିଜାଇନ୍ ଘଣ୍ଟା ପ୍ରତି ୧୦୦ କିମିର ବେଗରେ ଯାନବାହନ ଚଳାଚଳ ଲାଗି ପ୍ରସ୍ତୁତ କରାଯିବ, ଯାହା ରାମେଶ୍ୱର ଓ ପାରାଦୀପ ମଧ୍ୟରେ ଯାତ୍ରା ସମୟକୁ ପ୍ରାୟ ଅଢ଼େଇ ଘଣ୍ଟା ହ୍ରାସ କରିବ। ଏହି କୋଷ୍ଟାଲ ହାଇୱେ ପ୍ରକଳ୍ପ ପିଏମ୍ ଗତିଶକ୍ତି ନୀତି ସହିତ ସମନ୍ୱିତ ହୋଇଥିବାରୁ ଏହା ଓଡ଼ିଶାର ପ୍ରମୁଖ ୯ଟି ଆର୍ଥକ କେନ୍ଦ୍ର ଯଥା ଭୁବନେଶ୍ୱର ଓ ଖୋର୍ଦ୍ଧାର ଦୁଇଟି ଏସଇଜେଡ୍ , ଭୁବନେଶ୍ୱର ମେଗା ଫୁଡ୍ ପାର୍କ, କଟକର ଫାର୍ମା କ୍ଲଷ୍ଟର ଏବଂ ପାରାଦୀପ, କୋଣାର୍କ, ଜଗତସିଂହପୁର, ପୁରୀ ଓ କେନ୍ଦ୍ରାପଡ଼ାର ମତ୍ସ୍ୟ କ୍ଲଷ୍ଟରକୁ ସଂଯୋଗ କରିବ।

ଏହାସହିତ ପୁରୀ ରେଳ ଷ୍ଟେସନ, ପ୍ରସ୍ତାବିତ ପୁରୀ ଆନ୍ତର୍ଜାତୀୟ ବିମାନବନ୍ଦର, ଅସ୍ତରଙ୍ଗ ବନ୍ଦର, ପାରାଦୀପ ବନ୍ଦର ଓ ଜଗତସିଂହପୁର ସ୍ଥିତ ମଲ୍ଟି-ମୋଡାଲ୍ ଲଜିଷ୍ଟିକ୍ସ ପାର୍କ ଭଳି ୫ଟି ପ୍ରମୁଖ ଲଜିଷ୍ଟିକ୍ସ କେନ୍ଦ୍ରକୁ ମଧ୍ୟ ସିଧାସଳଖ ଯୋଡ଼ିବ। ବିଶେଷକରି ଏହା ପାରାଦୀପ ବନ୍ଦର ଓ ଓଡ଼ିଶାର ଅନ୍ୟାନ୍ୟ ଆଗାମୀ ବନ୍ଦରଗୁଡ଼ିକ ସହ ସବୁଦିନିଆ ଅନୁକୂଳ ରାସ୍ତା ସଂଯୋଗୀକରଣ ଯୋଗାଇଦେବ, ଯାହା ଲଜିଷ୍ଟିକ୍ସ ଏବଂ ଶିଳ୍ପ ବିକାଶକୁ ଗତିଶୀଳ କରାଇବ।

ଏହି କୋଷ୍ଟାଲ ହାଇୱେ ନିର୍ମାଣ ଦ୍ୱାରା ଶ୍ରୀଜଗନ୍ନାଥ ମନ୍ଦିର, କୋଣାର୍କ ସୂର୍ଯ୍ୟ ମନ୍ଦିର ଓ ପୁରୀ ବେଳାଭୂମି ଭଳି ପ୍ରମୁଖ ଆନ୍ତର୍ଜାତୀୟ ପର୍ଯ୍ୟଟନ ସ୍ଥଳୀଗୁଡ଼ିକୁ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନେ ସିଧାସଳଖ ପହଂଚି ପାରିବେ। ଏହି ସମଗ୍ର ସଡ଼କ ନିର୍ମାଣ କାର୍ଯ୍ୟ ଯୋଗୁଁ ସ୍ଥାନୀୟ ଅଂଚଳରେ ପ୍ରାୟ ୫୩.୬୧ ଲକ୍ଷ ପ୍ରତ୍ୟକ୍ଷ ଓ ୬୭.୦୧ ଲକ୍ଷ ପରୋକ୍ଷ ମାନବ ଦିବସ ନିଯୁକ୍ତି ସୃଷ୍ଟି ହେବ, ଯାହା ଓଡ଼ିଶାର କର୍ମସଂସ୍ଥାନ ଓ ଅର୍ଥନୀତିକୁ ଆହୁରି ସୁଦୃଢ଼ କରିବ ବୋଲି କୁହାଯାଇଛି।

ଏବେ ଚେନ୍ନାଇ-କୋଲକାତା ସ୍ୱର୍ଣ୍ଣ ଚତୁର୍ଭୁଜ ପ୍ରକଳ୍ପର ଅଂଶବିଶେଷ ୬ଲେନ୍ ବିଶିଷ୍ଟ ଏନଏଚ-୧୬ ପୂର୍ବରୁ ଖୋର୍ଦ୍ଧା, ଭୁବନେଶ୍ୱର ଓ କଟକକୁ ଯୋଡୁଥିବାବେଳେ ଏନଏଚ-୩୧୬ ଭୁବନେଶ୍ୱର ଓ ପୁରୀକୁ ସଂଯୋଗ କରୁଛି। ମାତ୍ର ପୁରୀ-ସାତପଡ଼ା ଓ ପୁରୀ-କୋଣାର୍କ ଭାଗରେ ସଡ଼କର ଜ୍ୟାମିତିକ ଢାଂଚା ଅତ୍ୟନ୍ତ ଖରାପ ରହିବା ସହ ରାସ୍ତାକଡ଼ରେ ବ୍ୟାପକ ନିର୍ମାଣ କାର୍ଯ୍ୟ ଓ ଅତ୍ୟଧିକ ସ୍ଥାନୀୟ ଜନଗହଳି ଯୋଗୁଁ ଦୀର୍ଘ ଦୂରଗାମୀ ଯାନବାହନ ଚଳାଚଳ ପାଇଁ ଏହି ମାର୍ଗ ଅତ୍ୟନ୍ତ ଅନୁପଯୁକ୍ତ ହୋଇପଡ଼ିଛି। ତେବେ ଏହି ନୂଆ କୋଷ୍ଟାଲ ହାଇୱେ ଉଭୟ ଏନଏଚ-୧୬ ଓ ଏନଏଚ-୩୧୬ ପାଇଁ ଏକ ପ୍ରଭାବଶାଳୀ ବିକଳ୍ପ ମାର୍ଗ ସାଜିବ। ଉଲ୍ଲେଖଯୋଗ୍ୟ, କେନ୍ଦ୍ର ସରକାର ରାମେଶ୍ୱରରୁ ପଶ୍ଚିମବଙ୍ଗର ଦୀଘା ପର୍ଯ୍ୟନ୍ତ କୋଷ୍ଟାଲ ହାଇୱେ ନିର୍ମାଣ କରିବାକୁ ପୂର୍ବରୁ ଘୋଷଣା କରିଥିଲେ। ଆଜି ଏହି ପ୍ରକଳ୍ପକୁ କ୍ୟାବିନେଟ୍ ଅନୁମୋଦନ ଲାଭ କରିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ସ୍ୱାଗତ କରିଛନ୍ତି ।

# 'ମନ୍ କୀ ବାତ୍' ଶୁଣିଲେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ



ଭୁବନେଶ୍ୱର, ୦୬/୦୬ (ଜେଏନ୍ଏସ୍) : ରବିବାର ଲୋକଭବନର ନ୍ୟୁ ଅଭିଷେକ ହଲରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ପ୍ରସାରଣ ହୋଇଛି। ଏହି ଅବସରରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ବିଭିନ୍ନ ବିଭାଗର ମନ୍ତ୍ରୀ, ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଧାନମନ୍ତ୍ରୀଙ୍କ 'ମନ୍ କୀ ବାତ୍' ଶୁଣିଛନ୍ତି। ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ବିଦ୍ୟାଳୟ ଏବଂ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତି, କୁଳସଚିବ, ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀ ଏବଂ ଶିକ୍ଷାବିତ୍ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ଗ୍ରୀଷ୍ମ ପ୍ରବାହ ପ୍ରସ୍ତୁତି, ଜଳ ସଂରକ୍ଷଣ, ଭାରତର କ୍ରୀଡ଼ା ସଫଳତା, ସାଂସ୍କୃତିକ ଐତିହ୍ୟ ଏବଂ ରାଷ୍ଟ୍ର ନିର୍ମାଣରେ ଯୁବପିଢ଼ିଙ୍କ ଭୂମିକା ତଥା ବିଭିନ୍ନ ବିଷୟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ।

# ରାଜ୍ୟପାଳଙ୍କ ପ୍ରଥମ ମହିଳା ଏଡିସି ଭାବେ ଆଇପିଏସ୍ ଅଫିସର ଅନନ୍ୟା ଅଓ୍ୱସ୍ତି ନିଯୁକ୍ତ

ଭୁବନେଶ୍ୱର, ୦୬/୦୬ (ଜେଏନ୍ଏସ୍) : ଓଡ଼ିଶାର ରାଜ୍ୟପାଳଙ୍କ ଏଡିସି ଭାବରେ କାର୍ଯ୍ୟ କରିବାରେ ପ୍ରଥମ ମହିଳା ଭାବରେ ତାଙ୍କର ନିଯୁକ୍ତି ସାର୍ବଜନୀନ ସେବାରେ ମହିଳାମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଅନନ୍ୟା ଅଓ୍ୱସ୍ତି ଆଇପିଏସ୍ ଅଧିକାରୀ କୁଲଦୀପ ମୀନାଙ୍କ ସ୍ଥାନରେ ନିଯୁକ୍ତ ହୋଇଛନ୍ତି। ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଆଇପିଏସ୍ ଅଧିକାରୀ ଅନନ୍ୟା ଅଓ୍ୱସ୍ତିଙ୍କୁ ରାଜ୍ୟପାଳଙ୍କ ଏଡିସି (ପୋଲିସ) ଭାବେ ନିଯୁକ୍ତି ଦେଇଛନ୍ତି ଓ ଅନନ୍ୟା ଅଓ୍ୱସ୍ତି ଓଡ଼ିଶା ରାଜ୍ୟପାଳଙ୍କ ସମ୍ମାନଜନକ ଏଡିସି ପଦବୀରେ ନିଯୁକ୍ତ ହେବାରେ ପ୍ରଥମ ମହିଳା ଆଇପିଏସ୍ ଅଧିକାରୀ । ରବିବାର ଲୋକଭବନରେ ଏକ ଆନୁଷ୍ଠାନିକ କାର୍ଯ୍ୟକ୍ରମରେ ରାଜ୍ୟପାଳ ଅନନ୍ୟା ଅଓ୍ୱସ୍ତିଙ୍କୁ ନୂତନ ପୋଲିସ ଏଡିସି ଭାବରେ ସ୍ୱାଗତ କରିଥିଲେ। ଏହି ଅବସରରେ ରାଜ୍ୟପାଳଙ୍କ ସଚିବାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ନିଯୁକ୍ତି ପୂର୍ବରୁ, ଅନନ୍ୟା ଅଓ୍ୱସ୍ତି କଟକର ଯୁପିଡିର ଆସିଷ୍ଟାଣ୍ଟ ପୋଲିସ କମିଶନର (ଏସିପି) ଭାବରେ କାର୍ଯ୍ୟରତ ଥିଲେ। ଓଡ଼ିଶାର ରାଜ୍ୟପାଳଙ୍କ ଏଡିସି ଭାବରେ କାର୍ଯ୍ୟ କରିବାରେ ପ୍ରଥମ ମହିଳା ଭାବରେ ତାଙ୍କର ନିଯୁକ୍ତି ସାର୍ବଜନୀନ ସେବାରେ ମହିଳାମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଅନନ୍ୟା ଅଓ୍ୱସ୍ତି ଆଇପିଏସ୍ ଅଧିକାରୀ କୁଲଦୀପ ମୀନାଙ୍କ ସ୍ଥାନରେ ନିଯୁକ୍ତ ହୋଇଛନ୍ତି। ରାଜ୍ୟପାଳଙ୍କ ବିଭିନ୍ନ ସରକାରୀ କାର୍ଯ୍ୟ, ଆନୁଷ୍ଠାନିକ ସମାରୋହ ଏବଂ ଅନ୍ୟାନ୍ୟ ପ୍ରୋଟୋକଲ-ସମ୍ବନ୍ଧୀୟ କର୍ତ୍ତବ୍ୟ ନିର୍ବାହ ସମୟରେ ରାଜ୍ୟପାଳଙ୍କୁ ସହାୟତା କରିବାରେ ଏଡିସି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ଦୁଇ ଜଣ ଏଡିସିଙ୍କ ମଧ୍ୟରେ ଜଣେ ଭାରତୀୟ ନୌସେନାର ଏବଂ ଅନ୍ୟ ଜଣେ ପୋଲିସ ଅଧିକାରୀ ଅଟନ୍ତି । ଅନନ୍ୟା ଅଓ୍ୱସ୍ତି ପୋଲିସ ଏଡିସି ଭାବରେ କାର୍ଯ୍ୟ କରିବେ ଏବଂ ଭାରତୀୟ ନୌସେନାର ଲେଫ୍‌ଟନାଣ୍ଟ ହର୍ଷିତ ଦେଓ ରାଜ୍ୟପାଳଙ୍କ ନୌସେନା ଏଡିସି ଭାବରେ କାର୍ଯ୍ୟରତ ଅଛନ୍ତି ।



# ପକ୍ଷାଘାତ ପରେ ହାତ ଛାଡିଦେଲା ଚାରି ଛୁଆର ମା' ମାନସିକ ଦୁଶ୍ଚିନ୍ତାରେ ଆତ୍ମହତ୍ୟା କଲେ ସ୍ୱାମୀ

ଲକ୍ଷ୍ମୀପୁର, ୦୬/୦୬ (ଜେଏନ୍ଏସ୍) : ଲକ୍ଷ୍ମୀପୁର ଥାନା ଅଧୀନସ୍ଥ ବୁର୍ଜା ଗ୍ରାମର ସଦରେ ଘଟଣା ଶନିବାର ଏକ ଅଭାବନୀୟ ଘଟଣା ଘଟିଛି । ଗାଁ ର ମହେଶ୍ୱର ଖରା ନାମକ ଜଣେ ବ୍ୟକ୍ତି ଗତ କିଛି ଦିନ ତଳେ ପକ୍ଷାଘାତ ରୋଗ ରେ ଆକ୍ରାନ୍ତ ହୋଇ ନିଜ ପତ୍ନୀ ଓ ଚାରି ଝିଅ ସହ କଷ୍ଟେ ମଷ୍ଟେ ଚଳି ଆସୁଥିଲେ। ଦୈନନ୍ଦିନ ଖର୍ଚ୍ଚ ସକାଶେ ତାଙ୍କ ଭାଇ ପାତାଳେଶ୍ୱର ଖରା ମଧ ସହଯୋଗ କରୁଥିଲେ। ଗତ ପ୍ରାୟ ୨୦ ଦିନ ତଳେ ମହେଶ୍ୱରଙ୍କ ସ୍ତ୍ରୀ ଚାରି ଜଣ ଝିଅ ଓ ସ୍ୱାମୀଙ୍କ ହାତ ଛାଡି ଅନ୍ୟ ଜଣେ ବିବାହିତ ପୁରୁଷ ଙ୍କ ସହ ଚାଲି ଯାଇଥିଲେ। ଯାହା ଫଳରେ ମାନସିକ ଭାବେ ଦୁଶ୍ଚିନ୍ତା ରେ ରହୁଥିଲେ ମହେଶ୍ୱର । ତେବେ ଶନିବାର ଘରେ କେହି ନଥିବା ବେଳେ ଭିତରେ ନିଜ ବେକ ରେ ଏକ ରସି ଦେଇ ଆତ୍ମ ହତ୍ୟା କରି ଦେଇଥିବା ନେଇଁ ଲକ୍ଷ୍ମୀପୁର ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ପାଇ ଲକ୍ଷ୍ମୀପୁର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ କରାଇ ପରିବାର ଜିମା ଦିଆଯାଇଛି ବୋଲି ଥାନା ଅଧିକାରୀ ସୁଜ୍ଞାନୀ ସାହୁ ପ୍ରକାଶ କରିଛନ୍ତି।

# ବିଡିଓଙ୍କ ବଦଳି ଦାବିରେ ଜିଲ୍ଲା ପରିଷଦ ସଭ୍ୟଙ୍କ ଆତ୍ମାହୁତି ଉଦ୍ୟମ

ବୋଲଗଡ଼, ୦୬/୦୬ (ଜେଏନ୍ଏସ୍) : ଜିଲ୍ଲା ପରିଷଦ ବୈଠକରେ ବୋଲଗଡ଼ର ୨୭ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ଛୋଟରାୟ ବିଡିଓଙ୍କ ବଦଳି ଦାବି କରି ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଥିଲେ। ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବିଡିଓ ଜନପ୍ରତିନିଧିମାନଙ୍କୁ ବେଖାତିର କରୁଛନ୍ତି। ସରକାରୀ ଯୋଜନା କାର୍ଯ୍ୟକାରୀ କରିବା ବେଳେ ଜନପ୍ରତିନିଧିମାନଙ୍କୁ ପଚାରୁ ନାହାନ୍ତି। ଆଜି ଜିଲ୍ଲା ପରିଷଦ ବୈଠକରେ ବୋଲଗଡ଼ର ୨୭ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ଛୋଟରାୟ ବିଡିଓଙ୍କ ବଦଳି ଦାବି କରି ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଥିଲେ। ଏହା ଦେଖି ସଙ୍ଗେ ସଙ୍ଗେ ଖୋର୍ଦ୍ଧା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପ୍ରଶାନ୍ତ ଜଗଦେବ ହସ୍ତକ୍ଷେପ କରି ତାଙ୍କୁ ବୁଝାସୁଝା କରିଥିଲେ। ସୂଚନାଯୋଗ୍ୟ, ଦୀର୍ଘ ଦିନ ଧରି ବୋଲଗଡ ବିଡିଓ ଏବଂ ଜନପ୍ରତିନିଧିମାନଙ୍କ ମଧ୍ୟରେ ବିବାଦ ଚାଲିଥିବା ବେଳେ ବିଡିଓଙ୍କ ବଦଳି ଦାବିରେ ବୋଲଗଡ଼ ବନ୍ଦ ଡାକରା ସହିତ ବ୍ଲକ୍ ସମ୍ମୁଖରେ ଧାରଣା ଭଳି ଆନ୍ଦୋଳନ ମଧ୍ୟ ହୋଇଥିଲା।

# ବିଜେଡିରେ ଦେବାଶିଷ ଇମ୍ପାକ୍ଟ: ସନ୍ଦେହଘେରରେ ପ୍ରତାପ ଜେନାଙ୍କ ଭୂମିକା

ଭୁବନେଶ୍ୱର, ୦୬/୦୫ (ଜେଏନ୍ଏସ୍) : ବରିଷ୍ଠ ନେତା ଦେବାଶିଷ ସାମନ୍ତରାୟ ଅଚାନକ୍ ଛାଡ଼ି ବିଜେପିରେ ସାମିଲ ହେବାପରେ ଉପକୂଳ ଓଡ଼ିଶା ରାଜନୀତିରେ ଏକ ବଡ଼ଧରଣର କମ୍ପନ ସୃଷ୍ଟି ହୋଇଛି। ଏହି ମିଶ୍ରଣ ପଛରେ ଦେବାଶିଷଙ୍କ ଅତି ଘନିଷ୍ଠ ସହଯୋଗୀ ତଥା ବିଜେଡି ଉପସଭାପତି ପ୍ରତାପ ଜେନାଙ୍କ ଭୂମିକାକୁ ନେଇ ଏବେ ଦଳ ଭିତରେ ସନ୍ଦେହ ଓ ଚର୍ଚ୍ଚା ଜୋର ଧରିଛି। ବିଶେଷକରି ଗତ ରାଜ୍ୟସଭା ନିର୍ବାଚନରେ କ୍ରସ୍ ଭୋଟିଂ କରି ଦଳରୁ ନିଲମ୍ବିତ ହୋଇଥିବା ୮ଜଣ ବିଧାୟକଙ୍କ ନିର୍ବାଚନମଣ୍ଡଳୀରେ ବିଜେଡି ଏବେ ସମ୍ପୂର୍ଣ୍ଣ ନେତୃତ୍ୱଶୂନ୍ୟ ପାଲଟିଥିବାବେଳେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ମଧ୍ୟ ସେଠାରେ ବିକଳ୍ପ ନେତା ସୃଷ୍ଟି କରିବାରେ ସକ୍ଷମ ହୋଇପାରିନାହାନ୍ତି। ବିଜେଡି ମୁଖ୍ୟାଳୟ ଉପସଭାପତି ଭାବେ ଶ୍ରୀ ଜେନା ଏହି ସବୁ ନିର୍ବାଚନମଣ୍ଡଳୀରେ ଦଳୀୟ ସାଂଗଠନିକ କାର୍ଯ୍ୟକୁ ତଦାରଖ କରୁଥିବାବେଳେ ଦେବାଶିଷ ବିଜେପିରେ ମିଶିବା ପରେ ସମୀକରଣ ବଦଳି ଯାଇଛି।



ପୂର୍ବରୁ ପ୍ରତାପଙ୍କ କାର୍ଯ୍ୟକଳାପକୁ ନେଇ ଅସନ୍ତୁଷ୍ଟ ଥିବା ସେହିସବୁ ନିର୍ବାଚନମଣ୍ଡଳୀର ଦଳର ପୁରୁଖା ନେତା ଓ ସ୍ଥାନୀୟ କର୍ମୀମାନେ ଏବେ ତାଙ୍କୁ ସନ୍ଦେହଦୃଷ୍ଟିରେ ଦେଖୁଥିବା ଦଳୀୟ ମହଲରେ ଚର୍ଚ୍ଚା ହେଉଛି। ପ୍ରତାପଙ୍କ ଅଜାଣତରେ ଦେବାଶିଷ ବିଜେପିରେ ସାମିଲ ହେବାକୁ ଦଳରେ କେହି ସହଜରେ ଗ୍ରହଣ କରୁନଥିବାବେଳେ ପ୍ରତାପ ପ୍ରକୃତରେ ବିଜେଡିକୁ ସୁରକ୍ଷା ଦେଉଛନ୍ତି ନା ଭିତରେ ଭିତରେ ଦଳକୁ ଦୁର୍ବଳ କରୁଛନ୍ତି, ତାହା ଏବେ ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ବିଜେଡି ସୂତ୍ର ଅନୁସାରେ, ଦେବାଶିଷ ସାମନ୍ତରାୟ ଦଳ ଛାଡ଼ିବା ପରେ କଟକ, ଜଗତସିଂହପୁର ଓ କେନ୍ଦ୍ରାପଡ଼ା ରାଜନୀତିର ସମୀକରଣ ସମ୍ପୂର୍ଣ୍ଣ ବଦଳିବାକୁ ଯାଉଛି। ରାଜ୍ୟସଭା ନିର୍ବାଚନରେ କ୍ରସଭୋଟିଂ କରିବା କାରଣରୁ ପାଟକୁରା ଓ ଚମ୍ପୁଆ ସମେତ କଟକ-ଚୌଦ୍ୱାର, ତିର୍ତ୍ତୋଲ, ବାଙ୍କୀ, ଜୟଦେବ, ବସ୍ତା ଓ ବାଲିଗୁଡ଼ାରେ ଥିବା ନିଜର ବିଧାୟକଙ୍କୁ ବିଜେଡି ନିଲମ୍ବିତ କରିଛି।

ଏହି ସମସ୍ତ ବିଧାନସଭାମଣ୍ଡଳୀରେ ବିଜେଡି ଏପର୍ଯ୍ୟନ୍ତ କାହାରିକୁ ବିକଳ୍ପ ନେତୃତ୍ୱ ଭାବେ ବାଛିବାରେ ସକ୍ଷମ ହୋଇନଥିବାବେଳେ ଦଳର ମୁଖ୍ୟାଳୟ ଉପସଭାପତି ଭାବେ ଶ୍ରୀ ଜେନା ନିଜର ପତିଆରା ଦେଖାଇ ନିଜର ଅନୁଗତମାନଙ୍କୁ ବିକଳ୍ପ ନେତାଭାବେ ଆଗକୁ ଆଣିଥିବା ଜଣାପଡ଼ିଛି। ନିକଟ ଅତୀତରେ ଦଳର ନୂଆ ରାଜ୍ୟସ୍ତରୀୟ କର୍ମକର୍ତ୍ତା ପ୍ରସ୍ତୁତିରେ ମଧ୍ୟ ଶ୍ରୀ ଜେନା ନିଜର ପତିଆରା ଦେଖାଇଥିବାରେ ସକ୍ଷମ ହୋଇଥିଲେ। ବିଜେଡି ସୁପ୍ରିମୋଙ୍କ ବ୍ୟକ୍ତିଗତ ସଚିବ(ଓଏଏସ୍ ଅଫିସର)ଙ୍କୁ ଯେନତେନ ପ୍ରକାରେ ପ୍ରଭାବିତ କରି ଶ୍ରୀ ଜେନା ଏହି କର୍ମକର୍ତ୍ତା ତାଲିକା ପ୍ରସ୍ତୁତ କରିଥିଲେ ବୋଲି ଦଳୀୟ ମହଲରେ ଚର୍ଚ୍ଚା ହେଉଛି। କେନ୍ଦ୍ରାପଡ଼ାର ପାଟକୁରା ବିଧାନସଭା ମଣ୍ଡଳୀରେ ବିକଳ୍ପ ନେତା ନଥିବାରୁ ଶ୍ରୀ ଜେନା ସୁଚିନ୍ତିତ ଢଙ୍ଗରେ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବପ୍ରକାଶ ଦାସ ଓରଫ ବବିଙ୍କ ଖାସ୍ ସହଯୋଗୀ ଯୁବନେତା ରାଜେଶ ଦାସଙ୍କୁ ଆଗକୁ ଆଣିଛନ୍ତି। ରାଜେଶଙ୍କୁ ସାମ୍ନାକୁ ଆଣି ଶ୍ରୀ ଜେନା ଗୋଟିଏ ଗୁଳିରେ ଦୁଇଟି ଶିକାର କରିଛନ୍ତି। ଗୋଟିଏପଟେ ବବିଙ୍କୁ ସନ୍ତୁଷ୍ଟ କରିଛନ୍ତି ଓ ଅନ୍ୟପଟେ ପାଟକୁରା ବିଜେଡି ସଂଗଠନକୁ ପରୋକ୍ଷରେ ଦୁର୍ବଳ କରି ରଖିବାର ମାର୍ଗ ପ୍ରଶସ୍ତ କରିଛନ୍ତି । ଏହି କାର୍ଯ୍ୟକଳାପ ଯୋଗୁଁ ପାଟକୁରାର ପୁରୁଖା କର୍ମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ଓ ସେମାନେ ଆସନ୍ତା ରବିବାର ଏକ ବିଶାଳ ସମାବେଶ କରି ଦଳର ଏହି ନୂଆ ନେତୃତ୍ୱକୁ ଖୋଲା ଚ୍ୟାଲେଞ୍ଜ ଦେବାକୁ ସଜବାଜ ହେଉଥିବା ଜଣାପଡ଼ିଛି।

ସେହିପରି ଜଗତସିଂହପୁରର ତିର୍ତ୍ତୋଲ ନିର୍ବାଚନମଣ୍ଡଳୀରେ ଶ୍ରୀ ଜେନା ନିଜକୁ ବିଜେଡି ନେତା ଭାବେ ଉପସ୍ଥାପିତ କରିଛନ୍ତି। ସେ ନିଜେ କିଭଳି ଆଗାମୀ ଦିନରେ ତିର୍ତ୍ତୋଲ କିମ୍ବା ଜଗତସିଂହପୁର ଆସନରୁ ପ୍ରାର୍ଥୀ ହେବେ, ସେଥିପାଇଁ ବିଭିନ୍ନ ଫନ୍ଦିଫିକର କରି ବାରମ୍ବାର ସେହି ଅଂଚଳ ଗସ୍ତ କରୁଥିବା ଜଣାପଡ଼ିଛି। ମାତ୍ର ୨୦ଦିନ ପୂର୍ବରୁ ଦେବାଶିଷଙ୍କୁ ନେଇ ତିର୍ତ୍ତୋଲରେ ଏକ କର୍ମୀ ସମ୍ମିଳନୀ ମଧ୍ୟ ଶ୍ରୀ ଜେନା କରିଥିଲେ। କେବଳ ପାଟକୁରା କିମ୍ବା ତିର୍ତ୍ତୋଲ ନୁହେଁ, ଜୟଦେବ ନିର୍ବାଚନମଣ୍ଡଳୀରେ ବିଜେଡି ସଂଗଠନର ପରିଚାଳନା ପାଇଁ ଦଳ ଏକ କମିଟି ଗଠନ କରିଥିଲେ ମଧ୍ୟ ଶ୍ରୀ ଜେନା ସେଠାରେ ଯୁବ ନେତା ସୋଲାଙ୍କ ମିଶ୍ରଙ୍କୁ ଆଗକୁ ଆଣିଛନ୍ତି, ଯିଏ କି ସେହି ଅଂଚଳର ପ୍ରଭାବଶାଳୀ ନେତା ଚନ୍ଦନ ପାତ୍ରଙ୍କ ଅତି ଘନିଷ୍ଠ ଭାବେ ପରିଚିତ।

ବାଙ୍କି ନିର୍ବାଚନମଣ୍ଡଳୀରେ ନିଲମ୍ବିତ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଓ ତାଙ୍କ ପିତା ପ୍ରଭାତ ତ୍ରିପାଠୀଙ୍କର ବେଶ୍ ଦବଦବା ରହିଛି। ଯଦିଓ ଦଳ ପକ୍ଷରୁ ବରିଷ୍ଠ ନେତା ଅରୁଣ ସାହୁଙ୍କୁ ବାଙ୍କି ଦାୟିତ୍ୱ ଦିଆଯାଇଛି, କିନ୍ତୁ ସେ ଦିନେକାଳେ ସେଠାକୁ ଯାଇନାହାନ୍ତି ଓ ଶ୍ରୀ ଜେନା ହିଁ ଭୁବନେଶ୍ୱରରେ ବସି ସେହି ନିର୍ବାଚନମଣ୍ଡଳୀ ଦାୟିତ୍ୱ ବୁଝୁଥିବା ଜଣାପଡ଼ିଛି।

କଟକ-ଚୌଦ୍ୱାର ନିର୍ବାଚନମଣ୍ଡଳୀରେ ପ୍ରଭାତ ବିଶ୍ୱାଳ ଓ ଦେବାଶିଷ ସାମନ୍ତରାୟଙ୍କ ଦବଦବା ରହିଛି। ମେୟର ସୁବାସ ସିଂଙ୍କର ସେଠାରେ କୌଣସି ନିଜସ୍ୱ ସଂଗଠନ ନାହିଁ। ଏବେ ଦେବାଶିଷ ଓ ପ୍ରଭାତଙ୍କ ବିନା ସେଠାରେ ବିଜେଡି ଉଧେଇବା କଷ୍ଟକର ହେବ ବୋଲି କୁହାଯାଉଛି। ସେହିପରି ଚମ୍ପୁଆ, ବସ୍ତା ଓ ବାଲିଗୁଡ଼ାରେ ମଧ୍ୟ ବିଜେଡି ନେତୃତ୍ୱଶୂନ୍ୟ ହୋଇଛି। ବବି ଉଭୟ ବସ୍ତା ଓ ଚମ୍ପୁଆରେ ନିଜର ପତିଆରା ଜାହିର କରୁଥିବା ଜଣାପଡ଼ିଛି।

ଏପଟେ ଦେବାଶିଷ ସାମନ୍ତରାୟ ବିଜେପିରେ ସାମିଲ ହେବା ପରେ ପ୍ରତାପ ଜେନାଙ୍କ ଭୂମିକା ଅଧିକ ସନ୍ଦେହଜନକ ହୋଇପଡ଼ିଛି। ଶ୍ରୀ ଜେନାଙ୍କ ଅଜାଣତରେ ଦେବାଶିଷ ବିଜେପିକୁ ଯିବା ସମ୍ଭବପର ନୁହେଁ ବୋଲି ଦଳୀୟ ମହଲରେ ଚର୍ଚ୍ଚା ଜୋର ଧରିଛି। ତା'ଛଡ଼ା ମାତ୍ର ୨୦ ଦିନ ପୂର୍ବରୁ ଦେବାଶିଷଙ୍କୁ ନେଇ ତିର୍ତ୍ତୋଲରେ ଏକ ଦଳୀୟ ସଭାର ଆୟୋଜନ ଶ୍ରୀ ଜେନା ହିଁ କରିଥିଲେ। ତେଣୁ ଶ୍ରୀଜେନାଙ୍କ ଏଭଳି କାର୍ଯ୍ୟକଳାପ ବିଜେଡିକୁ ସୁହାଇବ ନା ଭିତରେ ଭିତରେ ଦଳକୁ ଦୁର୍ବଳ କରାଉଛି ତାହା ଏବେ ବଡ ପ୍ରଶ୍ନବାଚୀ ପାଲଟିଛି।

ଓଡ଼ିଶାର ରାଜ୍ୟପାଳଙ୍କ ଏଡିସି ଭାବରେ କାର୍ଯ୍ୟ କରିବାରେ ପ୍ରଥମ ମହିଳା ଭାବରେ ତାଙ୍କର ନିଯୁକ୍ତି ସାର୍ବଜନୀନ ସେବାରେ ମହିଳାମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଅନନ୍ୟା ଅଓ୍ୱସ୍ତି ଆଇପିଏସ୍ ଅଧିକାରୀ କୁଲଦୀପ ମୀନାଙ୍କ ସ୍ଥାନରେ ନିଯୁକ୍ତ ହୋଇଛନ୍ତି। ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଆଇପିଏସ୍ ଅଧିକାରୀ ଅନନ୍ୟା ଅଓ୍ୱସ୍ତିଙ୍କୁ ରାଜ୍ୟପାଳଙ୍କ ଏଡିସି (ପୋଲିସ) ଭାବେ ନିଯୁକ୍ତି ଦେଇଛନ୍ତି ଓ ଅନନ୍ୟା ଅଓ୍ୱସ୍ତି ଓଡ଼ିଶା ରାଜ୍ୟପାଳଙ୍କ ସମ୍ମାନଜନକ ଏଡିସି ପଦବୀରେ ନିଯୁକ୍ତ ହେବାରେ ପ୍ରଥମ ମହିଳା ଆଇପିଏସ୍ ଅଧିକାରୀ । ରବିବାର ଲୋକଭବନରେ ଏକ ଆନୁଷ୍ଠାନିକ କାର୍ଯ୍ୟକ୍ରମରେ ରାଜ୍ୟପାଳ ଅନନ୍ୟା ଅଓ୍ୱସ୍ତିଙ୍କୁ ନୂତନ ପୋଲିସ ଏଡିସି ଭାବରେ ସ୍ୱାଗତ କରିଥିଲେ। ଏହି ଅବସରରେ ରାଜ୍ୟପାଳଙ୍କ ସଚିବାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ନିଯୁକ୍ତି ପୂର୍ବରୁ, ଅନନ୍ୟା ଅଓ୍ୱସ୍ତି କଟକର ଯୁପିଡିର ଆସିଷ୍ଟାଣ୍ଟ ପୋଲିସ କମିଶନର (ଏସିପି) ଭାବରେ କାର୍ଯ୍ୟରତ ଥିଲେ।

ଓଡ଼ିଶାର ରାଜ୍ୟପାଳଙ୍କ ଏଡିସି ଭାବରେ କାର୍ଯ୍ୟ କରିବାରେ ପ୍ରଥମ ମହିଳା ଭାବରେ ତାଙ୍କର ନିଯୁକ୍ତି ସାର୍ବଜନୀନ ସେବାରେ ମହିଳାମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଅନନ୍ୟା ଅଓ୍ୱସ୍ତି ଆଇପିଏସ୍ ଅଧିକାରୀ କୁଲଦୀପ ମୀନାଙ୍କ ସ୍ଥାନରେ ନିଯୁକ୍ତ ହୋଇଛନ୍ତି। ରାଜ୍ୟପାଳଙ୍କ ବିଭିନ୍ନ ସରକାରୀ କାର୍ଯ୍ୟ, ଆନୁଷ୍ଠାନିକ ସମାରୋହ ଏବଂ ଅନ୍ୟାନ୍ୟ ପ୍ରୋଟୋକଲ-ସମ୍ବନ୍ଧୀୟ କର୍ତ୍ତବ୍ୟ ନିର୍ବାହ ସମୟରେ ରାଜ୍ୟପାଳଙ୍କୁ ସହାୟତା କରିବାରେ ଏଡିସି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ଦୁଇ ଜଣ ଏଡିସିଙ୍କ ମଧ୍ୟରେ ଜଣେ ଭାରତୀୟ ନୌସେନାର ଏବଂ ଅନ୍ୟ ଜଣେ ପୋଲିସ ଅଧିକାରୀ ଅଟନ୍ତି । ଅନନ୍ୟା ଅଓ୍ୱସ୍ତି ପୋଲିସ ଏଡିସି ଭାବରେ କାର୍ଯ୍ୟ କରିବେ ଏବଂ ଭାରତୀୟ ନୌସେନାର ଲେଫ୍‌ଟନାଣ୍ଟ ହର୍ଷିତ ଦେଓ ରାଜ୍ୟପାଳଙ୍କ ନୌସେନା ଏଡିସି ଭାବରେ କାର୍ଯ୍ୟରତ ଅଛନ୍ତି ।

# ପ୍ରଥମ ଶ୍ରେଣୀ ମାର୍କ, ହେଲେ ଫେଲ୍, ଛାତ୍ରଙ୍କ ଭବିଷ୍ୟତକୁ ନେଇ ଖେଳ

ଲକ୍ଷ୍ମୀପୁର, ୦୬/୦୫ (ଜେଏନ୍ଏସ୍) : ଯୁକ୍ତ ଦୁଇ କଳା ପରୀକ୍ଷାରେ ଜଣେ ଛାତ୍ର ପାସ୍ ମାର୍କ ରଖିବା ଜଣେ ପରୀକ୍ଷାର୍ଥୀ ପାର୍ଟିକାଲ ପରୀକ୍ଷାରେ କୌଣସି ନମ୍ବର ରଖି ନଥିବା କାରଣରୁ ଅକୃତକାର୍ଯ୍ୟ ହୋଇଥିବା ଖବର ସାମ୍ନାକୁ ଆସିଛି, ଯାହା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ବ୍ଲକର ତୋୟାପୁଟ ପଞ୍ଚାୟତର ଦିଆସିଲି ଗ୍ରାମର ଅରୁଣ ହିକକା ନାମକ ଜଣେ ଯୁକ୍ତ ଦୁଇରେ କୋରାପୁଟ ସ୍ଥିତ ଲାଣ୍ଡିଗୁଡା ଡିଏଭି କଲେଜରେ ଅଧ୍ୟୟନ କରୁଥିଲେ। ସେ ଜଣେ ଆଦିବାସୀ ଶ୍ରେଣୀର। ଚଳିତ ବର୍ଷ ସେ ପରୀକ୍ଷା ଦେଇଥିଲେ, ଯାହାର ଫଳ ଗତ ୨୦ ତାରିଖ ଦିନ ପ୍ରକାଶ ପାଇଥିଲା। ତେବେ ସେ ୩୭୫ ନମ୍ବର ରଖି ପଖାପାଖି ୬୩ ପ୍ରତିଶତ ନମ୍ବର ରଖିଥିଲେ ମଧ୍ୟ ପ୍ରାକ୍ଟିକାଲରେ ଶୂନ ନମ୍ବର ରଖିଥିବା କାରଣରୁ ଫେଲ୍ ହେବାକୁ ପଡିଛି। ଯେଉଁଥିପାଇଁ ସେ ଓ ତାଙ୍କ ପରିବାର ଏଥିପାଇଁ ହତାଶ ହୋଇ ପଡିଛନ୍ତି। ଏଥିପାଇଁ ଅନୁଷ୍ଠାନ ତଥା ବୋର୍ଡ ର ତୃଟି ପୂର୍ଣ୍ଣ ବ୍ୟବସ୍ଥା କୁ ଦାୟୀ କରିଛନ୍ତି। ଏନେଇ ଅରୁଣଙ୍କ ବାପା ସ୍ଥାନୀୟ ବିଧାୟକ ଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଏହାର ତଦନ୍ତ କରିବା ପାଇଁ କହିଥିଲେ। ବିଧାୟକ ସମସ୍ତ ବିଷୟ ଜାଣିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କତୃପକ୍ଷ ଙ୍କ ସହିତ ଏନେଇ ଆଲୋଚନା କହିଥିବା ଜଣାପଡିଛି। ଏହା ଇଚ୍ଛାକୃତ ଭାଇ କରା ଯାଇଛି ନା ଅନ୍ୟ କୌଣସି ଭଲ୍ ପାଇଁ ହୋଇଛି ତାହା ଜଣାପଡିନାହିଁ, ତେବେ ଯେଉଁ ବିଷୟରେ ସେ ଶୂନ ମାର୍କ ରଖିଛନ୍ତି ସମ୍ପୃକ୍ତ ଶିକ୍ଷକ ସେହିପରି କୌଣସି ସନ୍ତୋଷ ଜନକ ଉତ୍ତର ଦେଇ ନଥିବା ଅଭିଯୋଗ ହୋଇଛି। ତେବେ ଯାହା ହେଉନା କାହିଁକି ଏଭଳି ତୃଟି ପାଇଁ ଜଣେ ମେଧାବୀ ଛାତ୍ରର ଭବିଷ୍ୟତ ଅନ୍ଧକାର ଭିତରକୁ ଠେଲି ହୋଇଯାଇଛି। ଏଥିପାଇଁ ଅରୁଣ ଓ ତାଙ୍କ ପିତା ରାମ ହିକକା କହିଛନ୍ତି ତାଙ୍କ ପରିବାର ଭାଙ୍ଗି ପଡିଛନ୍ତି ବୋଲି। ଉଚ୍ଚ ମାଧ୍ୟମିକ ବୋର୍ଡ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କତୃପକ୍ଷ ଏହାର ତର୍ଜମା କରି ଉଚିତ ପଦକ୍ଷେପ ସ୍ୱରୂପ ପୁନଃ ମୂଲ୍ୟାଙ୍କନ ପାଇଁ ଦାବି କରିଛନ୍ତି।

# ପାରଳାଖେମୁଣ୍ଡି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟର ଶ୍ୟାମ ସୁନ୍ଦର ପଟ୍ଟନାୟକଙ୍କୁ ଅବସର ସମ୍ବର୍ଦ୍ଧନା

ପାରଳାଖେମୁଣ୍ଡି, ୦୬/୦୫ (ଜେଏନ୍ଏସ୍) : ପାରଳାଖେମୁଣ୍ଡି ରାଜସ୍ୱ ନିରୀକ୍ଷକ ଅଫିସରେ ଦୀର୍ଘଦିନ ଧରି ସୁଚାରୁ ରୂପେ ସଚ୍ଚୋଟ ଭାବରେ ଶ୍ୟାମ ସୁନ୍ଦର ପଟ୍ଟନାୟକ କାର୍ଯ୍ୟ କରିଆସୁଥିଲେ। ସେ ତାଙ୍କର କାର୍ଯ୍ୟକାଳ ସମୟରେ ନିଷ୍ଠାପର ଭାବରେ ଗରିବ ଲୋକମାନଙ୍କୁ ଅନେକ ସାହାର୍ଯ୍ୟ କରି ଆସିଛନ୍ତି । ଆଜି ତାଙ୍କର ବିଦାୟକାଳୀନ ଅବସର ସମୟରେ ବିଭାଗୀୟ କର୍ମଚାରୀଙ୍କ ଅନେକ ପ୍ରଶଂସା ଦେଖାଦେଇଛି। ଅବସର ସମ୍ବର୍ଦ୍ଧନା ସଭାରେ ରାଜସ୍ୱ ବିଭାଗର ସୁପର ଭାଇଜର ଧିରେନ କୁମାର ପଣ୍ଡା, ରାଜସ୍ୱ ନିରୀକ୍ଷକ ଭୂପତି ନରସିମହା ରାଓ, ଉପ ନିରୀକ୍ଷକ ଅଧିକାରୀ ଅପର୍ଣ୍ଣା ବେହେରା ଏବଂ ଅନ୍ୟ କର୍ମଚାରୀ ମାନେ ଅବସର ମାନପତ୍ର ସହିତ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ।



# ଓଡ଼ିଶା ଆସିବେ ରାଷ୍ଟ୍ରପତି-ପ୍ରଧାନମନ୍ତ୍ରୀ



ଭୁବନେଶ୍ୱର, ୦୬/୦୬ (ଜେଏନ୍‌ଏସ୍) : ଓଡ଼ିଶା ଆସିପାରନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଆସନ୍ତା ୧୯ରେ ରାଷ୍ଟ୍ରପତି, ୨୦ରେ ପ୍ରଧାନମନ୍ତ୍ରୀ ଆସିବେ ବୋଲି ସୂଚନା ଦେଇଛନ୍ତି ଏମପି ନବଚରଣ ମାଝୀ । ଓଡ଼ିଶା ଗସ୍ତ ନେଇ ରାଷ୍ଟ୍ରପତି ଭବନରୁ ଖବର ଆସିଥିବା ଏମପି କହିଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୧୯ ତାରିଖରେରେ ରାଇରଙ୍ଗପୁର ଆସିବାର କାର୍ଯ୍ୟକ୍ରମ ରହିଥିବା ବେଳେ ୨୦ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଇରଙ୍ଗପୁର ଆସିବା ନେଇ ସୂଚନା ରହିଛି । ରାଇରଙ୍ଗପୁରରେ ନବନିର୍ମିତ ଷ୍ଟାଡିୟମ୍ ଉଦଘାଟନ କାର୍ଯ୍ୟକ୍ରମରେ ସାମିଲ ହେବେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ । କହିରଖୁଛୁ କି, ରାଜ୍ୟରେ ଭାଜପା ସରକାରକୁ ଦୁଇ ବର୍ଷ ପୂର୍ତ୍ତି ହେବାକୁ ଯାଉଥିବା ବେଳେ ଏଥିରେ ଯୋଗ ଦେବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ନିମନ୍ତ୍ରଣ ଦେଇଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ନିମନ୍ତ୍ରଣ ରକ୍ଷା କରି ପ୍ରଧାନମନ୍ତ୍ରୀ ୧୨ରୁ ୨୦ ତାରିଖ ଭିତରେ ଓଡ଼ିଶା ଆସିବା ନେଇ ଚର୍ଚ୍ଚା ହେଉଥିଲା । ଏହାରି ଭିତରେ ଆଜି ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ ଏମପି ନବଚରଣ ମାଝୀ ଏକ ପ୍ରକାର ସ୍ପଷ୍ଟ କରିଛନ୍ତି ।

# ଆନ୍ତଃ-ଜିଲ୍ଲା ସ୍ତରୀୟ ଫୁଟବଲ୍ ଚାମ୍ପିୟନସିପ୍ ଆୟୋଜନ ପାଇଁ ପୂର୍ବ ପ୍ରସ୍ତୁତି ବୈଠକ

ବଲାଙ୍ଗୀର, ୦୬/୦୬ (ଜେଏନ୍‌ଏସ୍) : ଆଗାମୀ ମୁଖ୍ୟମନ୍ତ୍ରୀ ଟ୍ରଫି-୨୦୨୬ (ବାଳିକା) ଅଣ୍ଡର-୧୪ ଦ୍ୱିତୀୟ ଆନ୍ତଃ-ଜିଲ୍ଲା ସ୍ତରୀୟ ଫୁଟବଲ୍ ଚାମ୍ପିୟନସିପ୍ ଆୟୋଜନ ପାଇଁ ପୂର୍ବ ପ୍ରସ୍ତୁତି ବୈଠକ ଆଜି ଅତିରିକ୍ତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଡଃ ବିଜୟାନନ୍ଦ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜିଲ୍ଲା କ୍ରିଡା ସଂସଦର ସଭାପତି ଡଃ ଶ୍ରୀକର ମିଶ୍ର, ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀ, ବଲାଙ୍ଗୀର ପୌରପରିଷଦ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ବେହେରା, ଜିଲ୍ଲା କ୍ରିଡା ଅଧିକାରୀ ହରିଓମ ଶମ୍ଭୁ ନାରାୟଣ ଦାସ, କ୍ରିଡା ଛାତ୍ରାବାସ ଅଧିକ୍ଷକ ପରାସର ବାଗ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର କୁମାର ମାଝି ପ୍ରମୁଖ ଉପସ୍ଥିତ ଥିଲେ । ଫୁଟବଲ୍ ଆସୋସିଏସନ୍ ଅଫ୍ ଓଡ଼ିଶା (ଋଇଡଂ) ପକ୍ଷରୁ ଆଗାମୀ ମୁଖ୍ୟମନ୍ତ୍ରୀ ଟ୍ରଫି-୨୦୨୬ (ବାଳିକା) ଅଣ୍ଡର-୧୪ ଦ୍ୱିତୀୟ ଆନ୍ତଃ-ଜିଲ୍ଲା ସ୍ତରୀୟ ଫୁଟବଲ୍ ଚାମ୍ପିୟନସିପ୍‌ର ସୂଚୀ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି । ଟୁର୍ଣ୍ଣାମେଣ୍ଟ ସୂଚୀ ଅନୁଯାୟୀ, ଆସନ୍ତା ୧ ଜୁନ୍ ୨୦୨୬ରୁ ଜୋନାଲ୍ ମ୍ୟାଚ୍‌ଗୁଡ଼ିକ ଆରମ୍ଭ ହେବ, ଯେଉଁଠାରେ ଜିଲ୍ଲାର ଅଗ୍ରଣୀ ଯୁବା ବାଳିକା ଫୁଟବଲ୍ ପ୍ରତିଭାମାନେ ନିଜର କ୍ରୀଡ଼ା କୌଶଳ ପ୍ରଦର୍ଶନ କରିବେ । ଦ୍ୱିତୀୟ ଆନ୍ତଃ-ଜିଲ୍ଲା ସ୍ତରୀୟ ଫୁଟବଲ୍ ଚାମ୍ପିୟନସିପ୍‌ର ଜୋନାଲ୍ ପର୍ଯ୍ୟାୟ ମ୍ୟାଚ୍‌ଗୁଡ଼ିକ ବଲାଙ୍ଗୀରର ସଦେଇପାଲି ସ୍ଥିତ ପଲ୍ଲୀଶ୍ରୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ । ଏହି ପ୍ରତିଯୋଗିତାରେ ମୋଟ ୮ଟି ଜିଲ୍ଲା ଦଳ ଭାଗ ନେବେ । ଦଳଗୁଡ଼ିକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି- ଗ୍ରୁପ୍-ଏ : ବଲାଙ୍ଗୀର, ନୟାଗଡ଼, ଦେବଗଡ଼ ଓ ବୌଦ୍ଧ; ଗ୍ରୁପ୍-ବି: ବରଗଡ଼, ସମ୍ବଲପୁର, ସୋନପୁର (ସୁବର୍ଣ୍ଣପୁର) ଓ ନୂଆପଡ଼ା । ଗ୍ରୁପ୍ ପର୍ଯ୍ୟାୟର ସମସ୍ତ ମ୍ୟାଚ୍ ୧ ଜୁନ୍ ରୁ ୬ ଜୁନ୍ ୨୦୨୬ ପର୍ଯ୍ୟନ୍ତ ପଲ୍ଲୀଶ୍ରୀ ଷ୍ଟାଡିୟମ୍‌ରେ କ୍ରମାଗତ ଭାବେ ଅନୁଷ୍ଠିତ ହେବ । ପ୍ରଚଣ୍ଡ ଗ୍ରୀଷ୍ମ ଲହରୀକୁ ଦୃଷ୍ଟିରେ ରଖି, ପ୍ରତିଦିନ ସକାଳ ୬:୩୦ ଓ ସନ୍ଧ୍ୟା ୫:୦୦ରେ ମ୍ୟାଚ୍‌ଗୁଡ଼ିକ ଖେଳାଯିବ । ପ୍ରଥମ ଦିନ (୧ ଜୁନ୍) ମ୍ୟାଚ୍‌ଗୁଡ଼ିକ ସକାଳ ୬:୩୦ସମୟରେ ଦେବଗଡ଼ ବନାମ ବୌଦ୍ଧ (ଗ୍ରୁପ୍-ଏ) ଏବଂ ସନ୍ଧ୍ୟା ୫:୦୦ ସମୟରେ ଆୟୋଜକ ବଲାଙ୍ଗୀର ବନାମ ନୟାଗଡ଼ (ଗ୍ରୁପ୍-ଏ) । ଷଡ଼ଦିନିଆ କଡ଼ା ମୁକାବିଲା ପରେ ଦୁଇଟି ଗ୍ରୁପ୍‌ର ଶୀର୍ଷ ଦଳ ଆଗକୁ ବଢ଼ିବେ । ଗ୍ରୁପ୍-ଏ ର ବିଜେତା ଓ ଗ୍ରୁପ୍-ବି ର ବିଜେତାଙ୍କ ମଧ୍ୟରେ 'ଜୋନ୍ କ୍ୱାଲିଫାଇ ମ୍ୟାଚ୍' ୭ ଜୁନ୍ ୨୦୨୬ ସକାଳ ୬:୩୦ରେ ଗାନ୍ଧୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ । ଜୋନାଲ୍ କୋ-ଅର୍ଡିନେଟର ଡଃ. ଶ୍ରୀକର ମିଶ୍ର ଓ ଶରତ କୁମାର ନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ମ୍ୟାଚ୍‌ଗୁଡ଼ିକ ପରିଚାଳିତ ହେବ ।

## ଆଉ ଇହ ଜଗତରେ ନାହାନ୍ତି ଜଗନ୍ନାଥ ପ୍ରସାଦ ଦାସ

ଭୁବନେଶ୍ୱର, ୦୬/୦୬ (ଜେଏନ୍‌ଏସ୍) : ଓଡ଼ିଶାର ବିଶିଷ୍ଟ ଲେଖକ,କବି, ଗାଳ୍ପିକ, ଗବେଷକ, ମନୋବିଜ୍ଞାନୀ, ଚିତ୍ରକର, ନାଟ୍ୟକାର, ଅଭିନେତା, ଅନୁବାଦକ, ସମାଲୋଚକ ତଥା ପୂର୍ବତନ ଆଇଏଏସ୍. ଅଧିକାରୀ ଜଗନ୍ନାଥ ପ୍ରସାଦ ଦାସ ଆଉ ଇହ ଜଗତରେ ନାହାନ୍ତି ଓ ଗତକାଲି ଅର୍ଥାତ ବୁଧବାର ରାତି ପ୍ରାୟ ସାଢ଼େ ୧୧ ରେ ୯୦ ବର୍ଷ ବୟସରେ ସେ ଭୁବନେଶ୍ୱରରେ ପରଲୋକ ଗମନ କରିଛନ୍ତି। ଓଡ଼ିଶା ଏହି ଜଣେ ପ୍ରତିଭାଶାଳୀ ପ୍ରଶାସକ ଓ ବିଶିଷ୍ଟ ସାହିତ୍ୟିକଙ୍କୁ ହରାଇ ବହୁ ଲୋକ ମର୍ମାହତ ହୋଇଛନ୍ତି, ଆଉ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ପୁରୀଠାରେ ୨୬ ଅପ୍ରେଲ ୧୯୩୬ରେ ଜନ୍ମ ଗ୍ରହଣ କରିଥିବା ଜଗନ୍ନାଥ ପ୍ରସାଦ ଦାସଙ୍କ ନାଁ ଥିଲା ପିତା ଶ୍ରୀଧର ଦାସ ଓ ମାତାଙ୍କ ନାଁ ଥିଲା ଇନ୍ଦୁଦେବୀ ଓ ସେ ଥିଲେ ତୃତୀୟ ସନ୍ତାନ । କଟକର ମିସନ ସ୍କୁଲ ଓ ରେଭେନ୍ସା କଲେଜରେ ପଢ଼ା ସାରି ସ୍ୱର୍ଗତ ଦାସ ଆହ୍ଲାବାଦ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରି ହାସଲ କରିଥିଲେ ଓ ସେଠାରେ କିଛି କାଳ ପଢ଼ାଇଥିଲେ । ୧୯୫୮ରେ ସେ ଭାରତୀୟ ପ୍ରଶାସନିକ ସେବାରେ ଯୋଗ ଦେଇଥିଲେ। ସାହିତ୍ୟ ସାଧନା ଓ ଗବେଷଣା ପାଇଁ, ସେ ୧୯୮୪ରେ ପ୍ରଶାସନିକ ସେବାକୁ ପରିତ୍ୟାଗ କରିଥିଲେ । ୧୯୭୩ରୁ ଦିଲ୍ଲୀରେ ଅବସ୍ଥାନ କରୁଥିବା ଜେ.ପି, ଦିଲ୍ଲୀରେ ରହୁଥିବା ଓଡ଼ିଆମାନଙ୍କ ପାଇଁ ମୁରବୀ ଭଳି କାର୍ଯ୍ୟକରି ଆସୁଥିଲେ ।

# ଭତ୍ତା ଦେବାକୁ ଅଭାବ ! ଅପେକ୍ଷାରେ ୫ ଲକ୍ଷ ଆବେଦନକାରୀ

ଅନୁଗୁଳ, ୦୬/୦୬ (ଜେଏନ୍‌ଏସ୍) : ରାଜ୍ୟରେ ବିଜେପି କ୍ଷମତାକୁ ଆସିବାକୁ ୨ ବର୍ଷ ପୂରଣ ହେବାକୁ ଯାଉଛି। ପ୍ରତିଶ୍ରୁତି ମୁତାବକ ସୁଭଦ୍ରା ସମେତ ଅନେକ ଯୋଜନା ପାଇଁ ସରକାର ଅର୍ଥ ବ୍ୟବସ୍ଥା କରିଛନ୍ତି। କିନ୍ତୁ, ମଧୁବାବୁ ପେନ୍‌ସନ ଯୋଜନା ଉପରେ ନିର୍ଭର କରୁଥିବା ଗରିବ ଅସହାୟ ଲୋକଙ୍କ କଥା ଭୁଲି ଯାଇଛନ୍ତି। ଭତ୍ତା ପ୍ରଦାନ ପାଇଁ ରାଜ୍ୟ ସରକାର ଏପର୍ଯ୍ୟନ୍ତ ନୂଆ ଟାର୍ଗେଟ୍ ଦେଇନାହାନ୍ତି। ସ୍ଥିତି ଏମିତି ହୋଇଛି, ଗତ ମେ ମାସ ୨୧ ତାରିଖ ସୁଦ୍ଧା ରାଜ୍ୟରେ ୫ ଲକ୍ଷ ୪୪ ହଜାରରୁ ଅଧିକ ଆବେଦନ କରିଥିବା ହିତାଧିକାରୀ ଭତ୍ତା ଅପେକ୍ଷାରେ ରହିଛନ୍ତି। ଅନୁଗୁଳ ଜିଲ୍ଲା କଣିହାଁ ବ୍ଲକ୍ ଗଣ୍ଡମଳା ଗାଁର ଭୂୟାଁ ବେହେରାଙ୍କ ବୟସ ୭୫ ବର୍ଷ ଡେଇଁଲାଣି। ମଧୁବାବୁ ପେନ୍‌ସନ ଯୋଜନାରେ ଭତ୍ତା ପାଇଁ ବ୍ଲକ୍ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ସେ ନୟାନ୍ତ ହୋଇଗଲେଣି। ଢେଙ୍କାନାଳ ଜିଲ୍ଲା ମଙ୍ଗଳପୁର ପଞ୍ଚାୟତ କଣ୍ଟାବଣିଆ ଗାଁର ଲମ୍ବୋଦର ପରିଡ଼ାଙ୍କ ବୟସ ଏବେ ୭୬ ବର୍ଷ। ତାଙ୍କୁ ବି ମିଳିନି ଭତ୍ତା। ତେବେ ସ୍ଥିତି ଏମିତି ହୋଇଛି ଯେ, ନୂଆକରି ଆବେଦନ କରୁଥିବା ୬୦ ବର୍ଷରୁ ଅଧିକ ଗରିବ ବ୍ୟକ୍ତି, ବିଧବା ମହିଳା, ଦିବ୍ୟାଙ୍ଗଙ୍କୁ ଭତ୍ତା ପ୍ରଦାନ କରାଯାଇପାରୁନାହିଁ। ମଧୁବାବୁ ପେନ୍‌ସନ୍ ଯୋଜନାରେ ଭତ୍ତା ପାଉଥିବା କୌଣସି ହିତାଧିକାରୀଙ୍କ ମୃତ୍ୟୁ ଘଟିଲେ ନୂଆ ହିତାଧିକାରୀଙ୍କୁ ସାମିଲ କରାଯାଉଛି। ସରକାରୀ ତଥ୍ୟ ଅନୁସାରେ, ଗତ ୨୧ ମେ ୨୦୨୬ ସୁଦ୍ଧା ରାଜ୍ୟରେ ୫ଲକ୍ଷ ୪୪ ହଜାର ୮୪୩ ଜଣ ଆବେଦନକାରୀ ଭତ୍ତା ଅପେକ୍ଷାରେ ରହିଛନ୍ତି। ସେଥିରୁ ଅନୁଗୁଳ ଜିଲ୍ଲାରେ ୧୭୮୯୪, ବାଲେଶ୍ୱରରେ ୩୩୩୩୦, ବରଗଡ଼ରେ ୧୩୭୩୯, ଭଦ୍ରକରେ ୨୬୭୪୮, ବଲାଙ୍ଗୀରରେ ୨୧୮୧୨, ବୌଦ୍ଧରେ ୪୯୨୧, କଟକରେ ୩୯୫୯୦, ଦେବଗଡ଼ରେ ୪୧୦୯, ଢେଙ୍କାନାଳରେ ୧୬୪୪୪, ଗଜପତିରେ ୫୩୮୯, ଗଞ୍ଜାମରେ ୫୬୬୭୪, ଜଗତସିଂହପୁରରେ ୧୩୭୩୩, ଯାଜପୁରରେ ୩୨୯୮୦, ଝାରସୁଗୁଡ଼ାରେ ୫୮୩୦ଜଣ, କଳାହାଣ୍ଡିରେ ୨୦୧୯୨, କନ୍ଧମାଳରେ ୪୦୭୪ଜଣ, କେନ୍ଦ୍ରାପଡ଼ାରେ ୨୫୮୫୯ଜଣ, କେନ୍ଦୁଝରରେ ୨୩୩୯୧, ଖୋର୍ଦ୍ଧାରେ ୨୫୫୪୬, କୋରାପୁଟରେ ୪୯୦୮, ମାଲକାନଗିରିରେ ୪୦୬୬, ମୟୂରଭଞ୍ଜରେ ୪୫୧୩୦, ନବରଙ୍ଗପୁରରେ ୫୯୬୬, ନୟାଗଡ଼ରେ ୧୩୦୧୩, ନୟାଗଡ଼ରେ ୧୩୦୧୩, ନୂଆପଡ଼ାରେ ୧୭୭୩, ପୁରୀରେ ୩୧୦୯୪, ରାୟଗଡ଼ାରେ ୯୪୧୭, ସମ୍ବଲପୁରରେ ୭୫୨୫, ସୋନପୁରରେ ୬୨୫୦ ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ୨୩୩୪୬ଜଣ ଆବେଦନକାରୀ ଭତ୍ତା ଅପେକ୍ଷାରେ ରହିଛନ୍ତି।

# ଏମ୍‌ଜିଏମ୍ କାରଖାନାରେ ଦୁର୍ଘଟଣା ଚିକିତ୍ସାଧୀନ ଅବସ୍ଥାରେ ଇଞ୍ଜିନିୟରଙ୍କ ମୃତ୍ୟୁ

ଓଡ଼ାପଡ଼ା, ୦୬/୦୬ (ଜେଏନ୍‌ଏସ୍) : ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ନିମିଧା ସ୍ଥିତ ଏମ୍‌ଜିଏମ୍ କାରଖାନା ମଧ୍ୟରେ ଗତ ୨୮ ତାରିଖରେ କାରଖାନାର ସମ୍ପ୍ରସାରଣ କାର୍ଯ୍ୟପାଇଁ ନିୟୋଜିତ ଗୋଟିଏ ମୋବାଇଲ ସ୍କ୍ରିନ (ଭ୍ରାମ୍ୟମାଣ କ୍ରସର)ର ଅଂଶ ଭାଙ୍ଗିତଳେ ଖସିପଡ଼ିବାରୁ ନିକଟରେ ଠିଆ ହୋଇଥିବା ମେକାନିକାଲ ଇଞ୍ଜିନିୟର ଶତାବ୍ଦି ରାଜମୋହନ(୪୦) ଗୁରୁତର ଭାବେ ଆହତ ହୋଇଥିଲେ । ତାଙ୍କର ଡାହାଣ ହାତ, ବାମ ଗୋଡ ଭାଙ୍ଗିବା ସହିତ ଅଣ୍ଟା ମାଡ ହୋଇଥିଲା। ତାଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ ଓଡ଼ାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା।ସେଠାରୁ ଡାକ୍ତରତାଙ୍କୁ ବଡମେଡିକାଲକୁ ସ୍ଥାନାନ୍ତରିତ କରିଥିଲେ। କାରଖାନାର କର୍ମଚାରୀମାନେ ଭୂବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ କାରଖାନା ସୁରକ୍ଷା ଦାୟିତ୍ୱରେ ଥିବା ପ୍ରମୋଦ କୁମାର ଶ୍ରୀବାସ୍ତବଙ୍କୁ ପଚାରିବାରୁ ସେ କହିଛନ୍ତି ଆହତ ଇଂଜିନିୟରଙ୍କର ଚିକିତ୍ସା କରାଯାଇଥିଲା। କିନ୍ତୁ ତାଙ୍କର ମୃତ୍ୟୁ ଘଟିଛି। କମ୍ପାନୀର ପରିଚାଳନା କମିଟି ନିଷ୍ପତ୍ତି କ୍ରମେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦିଆଯିବ ବୋଲି କହିଛନ୍ତି।

# କୃଷି ଓ କୃଷକ ସଶକ୍ତିକରଣ ଓ ଶକ୍ତି ମନ୍ତ୍ରୀଙ୍କ ବଲାଙ୍ଗୀର ଗସ୍ତ



ବଲାଙ୍ଗିର, ୦୬/୦୬(ଜେଏନ୍‌ଏସ୍) : ଓଡ଼ିଶା ସରକାରଙ୍କ ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଓ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଜି ବଲାଙ୍ଗିର ଜିଲ୍ଲା ଗସ୍ତ କରି କୃଷି ଓ ଗ୍ରାମ୍ୟ ବିକାଶ ସମ୍ପର୍କିତ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ଅବସରରେ ସେ ଦେଓଗାଁ ସ୍ଥିତ ଚିନି କଳ ପରିଦର୍ଶନ କରି ଏହାର ପୁନରୁଦ୍ଧାର ନିମନ୍ତେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଅଧିକାରୀମାନଙ୍କ ସହ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ଉପମୁଖ୍ୟମନ୍ତ୍ରୀ କହିଥିଲେ ଏହି ଚିନି କଳ ପୁନରୁଦ୍ଧାର ହେଲେ ବଲାଙ୍ଗିର ଚାଷୀ ଅଧିକ ସଶକ୍ତ ହେବେ ଏବଂ ଜିଲ୍ଲାର ଅର୍ଥନୀତିରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିବ। ଚିନି କଳ ପୁନଃ ଚାଲିଲେ ଚାଷୀମାନେ ଚାଷ କ୍ଷେତ୍ରରେ ଉନ୍ନତି କରିପାରିବେ। ଏହାର ଶୀଘ୍ର ପୁନରୁଦ୍ଧାର ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି। ପରେ ସେ କୃଷକମାନଙ୍କ ପାଇଁ ସୁସଂଗଠିତ ଓ ସୁଦୃଢ଼ ବଜାର ବ୍ୟବସ୍ଥା ନିମନ୍ତେ ପାଟଣାଗଡ ନିୟନ୍ତ୍ରିତ ବଜାର କମିଟି ଅନ୍ତର୍ଗତ କୁସୁମକାନି ଠାରେ ନିର୍ମାଣାଧୀନ ମଡେଲ ମଣ୍ଡିର କାର୍ଯ୍ୟ ନିରୀକ୍ଷଣ କରିଥିଲେ। ଶେଷରେ ଜିଲ୍ଲାରେ ପ୍ରସ୍ତାବିତ ନୂତନ କୃଷି ମହାବିଦ୍ୟାଳୟ ପାଇଁ ଚିହ୍ନଟ ହୋଇଥିବା ସ୍ଥାନକୁ ସେ ପରିଦର୍ଶନ କରି କାର୍ଯ୍ୟର ଦ୍ରୁତ ଅଗ୍ରଗତି ଓ ଭବିଷ୍ୟତ ଉନ୍ନୟନ ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ, କୃଷି କ୍ଷେତ୍ର ବିକାଶ ଏବଂ ଚାଷୀମାନଙ୍କୁ ଆଧୁନିକ ଜ୍ଞାନକୌଶଳରେ ସଶକ୍ତ କରିବାରେ ଏହି ମହାବିଦ୍ୟାଳୟ ସହାୟକ ହେବ। ବଲାଙ୍ଗିର ଭଳି ଦାଦନ ପ୍ରବଣ ଅଞ୍ଚଳରେ ଏଭଳି ଏକ ଉଚ୍ଚ ଶିକ୍ଷାନୁଷ୍ଠାନ ସ୍ଥାପିତ ହେଲେ ଅଞ୍ଚଳର ଆର୍ଥିକ ଓ ଶିକ୍ଷାଗତ ବିକାଶ ତ୍ୱରାନ୍ୱିତ ହେବ। ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ପ୍ରସ୍ତାବିତ କୃଷି ମହାବିଦ୍ୟାଳୟ ଦ୍ୱାରା ଅତ୍ୟାଧୁନିକ ଜ୍ଞାନ କୌଶଳ ସହ କୃଷି, ଗବେଷଣା ଓ ଆନୁସାଙ୍ଗିକ କ୍ଷେତ୍ରରେ ସ୍ଥାନୀୟ ଯୁବକ-ଯୁବତୀଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି ହେବ। ଏହି ଗସ୍ତ ସମୟରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର-ତଥା-ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ସମବାୟ ବିଭାଗର କମିଶନର-ତଥା-ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ, ବଲାଙ୍ଗିର ଜିଲ୍ଲାପାଳ ଗୌରବ୍ ଶିୱାଜୀ ଇସଲୱାର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ତରଣୀ ସୁନା, ଆଇ ପି ଏଲ ର ପ୍ରମୋସନ ମ୍ୟାନେଜର ଦୁର୍ଗା ପ୍ରସାଦ ଦ୍ୱିବେଦୀ, ଉପନିବନ୍ଧକ ସମବାୟ ସମିତି ସମୂହ ପ୍ରମୋଦ କୁମାର ବରିହା, ଜେନେରାଲ ମ୍ୟାନେଜର, ବିଜୟାନନ୍ଦ ସମବାୟ ଚିନି କଳ ଶ୍ରୀ ସତଦଳ ମିଶ୍ରଙ୍କ ସମେତ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀଗଣ ଉପସ୍ଥିତ ଥିଲେ।

## ହାତୀ ଉଦ୍ଧାର କେନ୍ଦ୍ରକୁ ଗଲା ନରହନ୍ତା ଦନ୍ତା

ବାଙ୍ଗିରିପୋଷି, ୦୬/୦୬ (ଜେଏନ୍‌ଏସ୍) : ଶିମିଳିପାଳ କାନଛିଣ୍ଡା ସ୍ଥିତ ହାତୀ ଉଦ୍ଧାର କେନ୍ଦ୍ରକୁ ଗଲା ନରହନ୍ତା ଦନ୍ତା । ଅନୁଗୁଳରୁ ଆସିଥିବା ନରହନ୍ତା ଦନ୍ତାକୁ ବିଭିନ୍ନ ବାଦବିବାଦ ପରେ ହାତୀ ଉଦ୍ଧାର କେନ୍ଦ୍ରକୁ ସିଫ୍ଟ କରାଯାଇଛି । ପୂର୍ବରୁ ଏହି ନରହନ୍ତା ହାତୀକୁ ନେଇ ଦୀର୍ଘ ସମୟ ହେବ ବାଦ ବିବାଦ ଲାଗି ରହିଥିଲା । ଦନ୍ତାକୁ ସାତକୋଶିଆରେ ରଖାଯିବା ନେଇ ବ୍ୟବସ୍ଥା କରାଯାଇଥିଲା । ଗତକାଲି କରଞ୍ଜିଆରେ ଏହି ହାତୀକୁ ଜଙ୍ଗଲରେ ଛାଡୁଥିବା ବେଳେ ସ୍ଥାନୀୟ ଲୋକେ ବିରୋଧ କରିଥିଲେ । ସମସ୍ତ ବାଦ ବିବାଦର ଅବସାନ ଘଟାଇ ଦନ୍ତାକୁ ଶିମିଳିପାଳର କାନଛିଣ୍ଡା ସ୍ଥିତ ହାତୀ ଉଦ୍ଧାର ଓ ଚିକିତ୍ସା କେନ୍ଦ୍ରକୁ ନିଆଯାଇଛି। ଏହି କେନ୍ଦ୍ରରେ ଦନ୍ତାର ସୁରକ୍ଷା ସହିତ ଆବଶ୍ୟକ ଚିକିତ୍ସା କରାଯିବ । ଦନ୍ତାକୁ ଏବେ ଏକ ଶାନ୍ତ ପରିବେଶରେ ରଖି ତାର ମନସ୍ତାତ୍ତ୍ୱିକ ଚିକିତ୍ସା କରାଯିବ ବୋଲି ସୂଚନା ମିଳିଛି । ଗତଦୁଇଦିନ ତଳେ, ୭ ଘଣ୍ଟାର କସରତ ପରେ କାବୁ ହୋଇଥିଲା ନରହନ୍ତା ଦନ୍ତା ହାତୀ ।

# ରାଜ୍ୟ ସଭା ଉପନିର୍ବାଚନ ପାଇଁ ୪ ସେଟ୍ ଫର୍ମ କିଣିଲେ ଉପାସନା



ଭୁବନେଶ୍ୱର, ୦୬/୦୬ (ଜେଏନ୍‌ଏସ୍) : ଓଡ଼ିଶାରେ ଖାଲି ପଡ଼ିଥିବା ଗୋଟିଏ ରାଜ୍ୟ ସଭାର ଆସନର ଉପନିର୍ବାଚନ ପାଇଁ ସୋମବାର ବିଜ୍ଞପ୍ତି ଜାରି ହେବାର ପ୍ରଥମ ଦିନରେ ୪-ସେଟ୍ ଫର୍ମ ବିକ୍ରି ହୋଇଛି। ଭାଜପା ବିଧାୟିକା ଉପାସନା ମହାପାତ୍ର ରିଟର୍ନିଂ କାର୍ଯ୍ୟାଳୟରୁ ୪-ସେଟ ଫର୍ମ କିଣିଛନ୍ତି। ତେବେ ଏହି ଫର୍ମ ଦଳ ତରଫରୁ କିଣିଛନ୍ତି ନା ଏହା ପଛରେ ଆଉ କିଛି ଉଦ୍ଦେଶ୍ୟ ରହିଛି ସେନେଇ ଉପାସନା ସ୍ପଷ୍ଟ କରି ନାହାନ୍ତି। ଓଡ଼ିଶାରେ ଖାଲି ପଡ଼ିଥିବା ଗୋଟିଏ ରାଜ୍ୟ ସଭା ଆସନ ପାଇଁ ହେବାକୁ ଥିବା ଉପନିର୍ବାଚନ ଲାଗି ଭାରତର ନିର୍ବାଚନ ଆୟୋଗ(ଇସିଆଇ)ଙ୍କ ପକ୍ଷରୁ ସୋମବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ସହ ନିର୍ବାଚନ ଅଧିକାରୀ ନିଯୁକ୍ତ କରାଯାଇଛି। ଓଡ଼ିଶା ବିଧାନସଭା ସଚିବ ସତ୍ୟବ୍ରତ ରାଉତ ରିଟର୍ନିଂ ଅଫିସର ଭାବେ ନିଯୁକ୍ତ ହୋଇଥିବାବେଳେ ବିଦ୍ୟାଧର ମାଝୀ ଆସିଷ୍ଟାଣ୍ଟ ରିଟର୍ନିଂ ଅଫିସର ଭାବେ ନିଯୁକ୍ତ ହୋଇଛନ୍ତି। ଏସଂକ୍ରାନ୍ତରେ ସୋମବାର ବିଧାନସଭା ସଭାକକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସଚିବ ତଥା ଉପନିର୍ବାଚନ ରିଟର୍ନିଂ ଅଫିସର ରାଉତ କହିଛନ୍ତି, ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ ମେ'୨୫ରେ ଇସ୍ତଫା ପ୍ରଦାନ କରିଛନ୍ତି। ସେହି ଖାଲିପଡିଥିବା ଗୋଟିଏ ପଦବୀ ପୂରଣ ଲାଗି ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଉପ-ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ, ଖାଲି ପଡ଼ିଥିବା ଏହି ପଦ ପାଇଁ ସରକାରୀ ଛୁଟିଦିନ ବ୍ୟତୀତ ପୂର୍ବାହ୍ନ ୧୧ଟାଠାରୁ ଅପରାହ୍ନ ୩ ଟା ମଧ୍ୟରେ ମନୋନୟନ ପତ୍ର ଦାଖଲ କରାଯାଇପାରିବ। ମନୋନୟନ ପତ୍ର ଦାଖଲର ଶେଷ ତାରିଖ ଜୁନ୍ ୮ ରଖାଯାଇଛି। ସେହିପରି ମନୋନୟନ ପତ୍ର ଯାଞ୍ଚ ଜୁନ୍ ୯ ତାରିଖ ପୂର୍ବାହ୍ନ ୧୧ଟା ୩୦ରେ ଓଡ଼ିଶା ବିଧାନସଭା ସୌଧର ସମ୍ମିଳନୀ କକ୍ଷ (ତଳ ମହଲା)ରେ କରାଯିବ। ପ୍ରାର୍ଥୀ ପ୍ରତ୍ୟାହାରର ଶେଷ ତାରିଖ ଜୁନ୍ ୧୧ (ଗୁରୁବାର) ଅପରାହ୍ନ ୩ଟା ରଖାଯାଇଛି। ଯଦି ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୁଏ ତେବେ ଜୁନ୍ ୧୮ (ଗୁରୁବାର) ପୂର୍ବାହ୍ନ ୯ଟାଠାରୁ ଅପରାହ୍ନ ୪ଟାମଧ୍ୟରେ ଓଡ଼ିଶା ବିଧାନସଭା ସୌଧର କମିଟି ପ୍ରକୋଷ୍ଠ ନଂ-୫୪ରେ ଭୋଟ ଗ୍ରହଣ କରାଯିବ ଓ ସେହିଦିନ ଫଳାଫଳ ପ୍ରକାଶ ପାଇବ ବୋଲି ସଚିବ ରାଉତ କହିଛନ୍ତି।

# ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ଓ ପରିଚାଳନା ବୈଠକ




ବଲାଙ୍ଗୀର, ୦୬/୦୬ (ଜେଏନ୍‌ଏସ୍) : ଅସ୍ୱାନ ସମ୍ମିଳନୀକକ୍ଷରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟ ପ୍ରସ୍ତୁତି ଓ ପରିଚାଳନା ବୈଠକ ବଲାଙ୍ଗୀର ଜିଲ୍ଲାପାଳ ଗୌରବ ଶିୱାଜୀ ଇସଲୱାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ଅଧ୍ୟକ୍ଷ ଜିଲ୍ଲା ଯୋଜନା ବୋର୍ଡ ତଥା କଣ୍ଟାବାଞ୍ଜି ବିଧାୟକ, ଲକ୍ଷ୍ମଣ ବାଗ, ଅଧ୍ୟକ୍ଷା ଜିଲ୍ଲାପରିଷଦ ଦେବକୀ ସାହୁ, ମାନ୍ୟବର କ୍ୟାବିନେଟ ମନ୍ତ୍ରୀ (ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ)ଙ୍କ ପ୍ରତିନିଧି, ମାନ୍ୟବର ସାଂସଦଙ୍କ ପ୍ରତିନିଧି ଦିନେଶ ଶର୍ମା, ମାନ୍ୟବର ବଲାଙ୍ଗିର ବିଧାୟକଙ୍କ ପ୍ରତିନିଧି, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ପବିତ୍ର ବେହେରା, ମୁଖ୍ୟ ଉନ୍ନୟନ ଅଧିକାରୀ ଓ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ତରଣୀ ସୁନା, ବଲାଙ୍ଗୀର ଉପଜିଲ୍ଲାପାଳ ଆଲୋକ କୁମାର ପଟେଲ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅମୃତ କୁମାର ପଣ୍ଡା, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ରଞ୍ଜନ କୁମାର ପଣ୍ଡା, ଆଞ୍ଚଳିକ ପରିବହନ ଅଧିକାରୀ ପ୍ରିୟବ୍ରତ ମହାନ୍ତି, ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତି, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶୋଭିନା ଭୋଇ, ଗ୍ରାମ୍ୟ ଉନ୍ନୟନ ଓ ପାନୀୟ ଜଳ ବିଭାଗର ନିର୍ବାହୀ ଯନ୍ତ୍ରୀ ଗଗନ କୁମାର କିଶାନ, ବିଦ୍ୟୁତ୍ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁବ୍ରତ କୁମାର ସେଠ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝିଙ୍କ ସହ ଜନସ୍ୱାସ୍ଥ୍ୟ ବିଭାଗ, ଜଳ ସେଚନ ବିଭାଗ, ଜଳ ସମ୍ପଦ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଆସନ୍ତା ବର୍ଷା ମୌସୁମୀରେ ସମ୍ଭାବ୍ୟ ବନ୍ୟା, ବାତ୍ୟା, ବଜ୍ରପାତ ଓ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ଜିଲ୍ଲାସ୍ତରରେ ପ୍ରସ୍ତୁତି ସମୀକ୍ଷା କରାଯାଇଛି। ସମସ୍ତ ଉଏଉ, ଚଏଉ ଓ ଉପକେନ୍ଦ୍ରରେ ସ୍ୱତନ୍ତ୍ର ମେଡିକାଲ୍ ଟିମ୍ ଗଠନ କରାଯିବା ସହିତ ସାପ କାମୁଡା ଇଞ୍ଜେକ୍ସନ୍ (ଇଝଠ) ଓ ଢଜଝ ପର୍ଯ୍ୟାପ୍ତ ମାତ୍ରାରେ ମହଜୁଦ ରଖିବାକୁ ସ୍ୱାସ୍ଥ୍ୟ ବିଭାଗକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସମ୍ଭାବ୍ୟ ବିପର୍ଯ୍ୟୟ ସମୟରେ ପ୍ରତି ବ୍ଲକରେ ଶୃଙ୍ଖଳା ଖାଦ୍ୟ, କିରୋସିନ, ପଲିଥିନ ଓ ଜୀବନରକ୍ଷାକାରୀ ଔଷଧର ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରଖିବା ସହିତ ଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ନଦୀ ଓ କେନାଲ ବନ୍ଧର ଦୁର୍ବଳ ସ୍ଥାନଗୁଡ଼ିକୁ ଚିହ୍ନଟ କରି ତୁରନ୍ତ ମରାମତି କରିବା, ଡ୍ରେନେଜ ବ୍ୟବସ୍ଥାକୁ ସଚଳ ରଖିବା ଏବଂ ବର୍ଷାଜଳର ଅବାଧ ପ୍ରବାହ ସୁନିଶ୍ଚିତ କରିବା ପାଇଁ ଜଳସେଚନ, ପଞ୍ଚାୟତିରାଜ ଓ ସହରାଞ୍ଚଳ ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଜାରି କରାଯାଇଛି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶାନୁସାରେ ଜିଲ୍ଲା, ବ୍ଲକସ୍ତରରେ ୨୪ଘ୭ କଣ୍ଟ୍ରୋଲ୍ ରୁମ୍ ୧୫ ଜୁନ୍‌ରୁ କାର୍ଯ୍ୟକ୍ଷମ କରାଯିବ। ଜନସାଧାରଣଙ୍କ ସୁବିଧା ପାଇଁ ଜିଲ୍ଲା ଜରୁରୀକାଳୀନ ହେଲ୍ପଲାଇନ୍ ନମ୍ବର ୦୬୬୫୨-୨୩୦୯୬୯ ଓ ୯୪୩୮୭୭୬୩୯୭ ଜାରି କରାଯାଇଛି । ପଶୁ ସମ୍ପଦ ବିଭାଗକୁ ପଶୁ ଟୀକାକରଣ ଓ ଚିକିତ୍ସା ସେବା ପାଇଁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। କୃଷି ବିଭାଗକୁ ବନ୍ୟା ପରବର୍ତ୍ତୀ କୃଷି ସହାୟତା ଯୋଜନା ପ୍ରସ୍ତୁତ କରିବା ସହିତ ଚାଷୀଙ୍କ ପାଇଁ ବିହନ, ସାର ଓ କୀଟନାଶକର ଉପଲବ୍ଧତା ସୁନିଶ୍ଚିତ କରିବାକୁ ପରାମର୍ଶ ଦିଆଯାଇଛି । ଆବଶ୍ୟକ ସ୍ଥଳରେ ଅସ୍ଥାୟୀ ଆଶ୍ରୟସ୍ଥଳୀ ଚିହ୍ନଟ କରିବାକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟା, ଜରୁରୀକାଳୀନ ପରିସ୍ଥିତି ଓ ରାସ୍ତା ଅବରୋଧ ନିରାକରଣ ପାଇଁ ଢଉଜଇର, ଅଗ୍ନିଶମ ବାହିନୀ, ପୋଲିସ୍ ଟିମ୍ ଓ ପୌର ସଂସ୍ଥାଙ୍କୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରାମ ସ୍ତରରେ ପଞ୍ଚାୟତ ବୈଠକ ଓ ସ୍କୁଲ ମାଧ୍ୟମରେ ବଜ୍ରପାତ ଓ ବନ୍ୟା ସମୟରେ କରଣୀୟ କର୍ତ୍ତବ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବ। ଅଯଥା ଗୁଜବ ଓ ଅପ୍ରଚାରୁ ଦୂରେଇ ରହିବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ଜିଲ୍ଲାପାଳ କହିଛନ୍ତି, ଜନଜୀବନ ସୁରକ୍ଷା ଆମର ପ୍ରଥମ ପ୍ରାଥମିକତା । କୌଣସି ପ୍ରକାର ଅବହେଳା ଗ୍ରହଣୀୟ ନୁହେଁ। ସମସ୍ତ ବିଭାଗ ନିଜ ନିଜ ଦାୟିତ୍ୱ ତୁରନ୍ତ ସମ୍ପନ୍ନ କରିବାକୁ ପଡିବ। ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ନିଜ-ନିଜ କାର୍ଯ୍ୟକ୍ଷେତ୍ରରେ ସତର୍କ ରହି ସ୍ଥିତି ଉପରେ ନିରନ୍ତର ନଜର ରଖିବା ଓ ପ୍ରତିଦିନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟ ପ୍ରସ୍ତୁତି ଓ ପରିଚାଳନା ବୈଠକରେ ଆଭାସୀ ମାଧ୍ୟମରେ ସମସ୍ତ ଉପଜିଲ୍ଲାପାଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଓ ଅନାନ୍ୟା ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ଜରୁରୀକାଳୀନ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ସୁପ୍ରିମକୋର୍ଟଙ୍କ ବଡ଼ ରାୟ, ଅଧିକ ପାଠ ପଢ଼ିଥିଲେ ମିଳିବନି ଛୋଟ ଚାକିରି !

ନୂଆଦିଲ୍ଲୀ, ୦୬/୦୬ : ସୁପ୍ରିମକୋର୍ଟଙ୍କ ବଡ଼ ରାୟ। ଅଧିକ ପାଠ ପଢ଼ିଥିଲେ ମିଳିବନି ଛୋଟ ଚାକିରି ! ଉଚ୍ଚ ଶିକ୍ଷିତଙ୍କ ପାଇଁ ବଡ଼ ନିୟମ। କମ୍ ଯୋଗ୍ୟତା ବିଶିଷ୍ଟ ପଦବୀ ପାଇଁ ଦାବି କରିପାରିବେନି ଅଧିକ ପାଠ ପଢ଼ିଥିବା ପ୍ରାର୍ଥୀ । ସରକାରୀ ଚାକିରି ଆଶାୟୀଙ୍କ ପାଇଁ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ, କମ୍ ଶିକ୍ଷାଗତ ଯୋଗ୍ୟତା ଥିବା ପ୍ରାର୍ଥୀଙ୍କ ପାଇଁ ସଂରକ୍ଷିତ ଥିବା ପଦବୀ ଉପରେ ଉଚ୍ଚ ଶିକ୍ଷାଗତ ଯୋଗ୍ୟତା ସମ୍ପନ୍ନ ପ୍ରାର୍ଥୀମାନେ କୌଣସି ଦାବି କରିପାରିବେ ନାହିଁ। ଯଦି ଏପରି କରାଯାଏ, ତେବେ ତାହା ପ୍ରକୃତ ଯୋଗ୍ୟ ଏବଂ କମ୍ ପଢ଼ିଥିବା ଗରିବ ପ୍ରାର୍ଥୀଙ୍କ ସୁଯୋଗକୁ ଛଡ଼ାଇ ନେବ। ଜଷ୍ଟିସ ଅହସାନୁଦ୍ଦିନ ଅମାନୁଲ୍ଲା ଏବଂ ଜଷ୍ଟିସ ଆର. ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଛନ୍ତି । କହିଛନ୍ତି, ଯେତେବେଳେ ଏକ ନିର୍ଦ୍ଦିଷ୍ଟ ପଦବୀ କମ୍ ଶିକ୍ଷାଗତ ଯୋଗ୍ୟତା ଥିବା ବ୍ୟକ୍ତିଙ୍କ



ପାଇଁ ଉଦ୍ଦିଷ୍ଟ, ସେଠାରେ ଜଣେ ଉଚ୍ଚ ଶିକ୍ଷିତ ବ୍ୟକ୍ତିଙ୍କୁ ନିଯୁକ୍ତି ଦେଲେ, ପ୍ରକୃତରେ ସେହି ଚାକିରି ପାଇଁ ଯୋଗ୍ୟ ଥିବା ପ୍ରାର୍ଥୀ ନିଜ ଅଧିକାରରୁ ବଞ୍ଚିତ ହେବେ। ମାଡ୍ରାସ ହାଇକୋର୍ଟଙ୍କ ଏକ ପୁରୁଣା ଆଦେଶକୁ ରଦ୍ଦ କରି ସୁପ୍ରିମକୋର୍ଟ ଏହି ନିଷ୍ପତ୍ତି ଶୁଣାଇଛନ୍ତି। ସିଣ୍ଡିକେଟ୍ ବ୍ୟାଙ୍କରେ ଜଣେ ପ୍ରାର୍ଥୀ ଦଶମ ଶ୍ରେଣୀ ଯୋଗ୍ୟତା ଥିବା ଆଟେଣ୍ଡାଣ୍ଟ ପଦବୀ ପାଇଁ ନିଜର ଗ୍ରାଜୁଏସନ୍ ଡିଗ୍ରୀ ଲୁଚାଇ ଚାକିରି ପାଇଥିଲେ। ପରବର୍ତ୍ତୀ ସମୟରେ ସତ୍ୟ ସାମ୍ନାକୁ ଆସିବା ପରେ ବ୍ୟାଙ୍କ ତାଙ୍କୁ ଚାକିରିରୁ ବାହାର କରିଦେଇଥିଲା, ଯାହାକୁ ସର୍ବୋଚ୍ଚ ଅଦାଲତ ଏବେ ସଠିକ୍ ବୋଲି ଦର୍ଶାଇଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ, ସରକାର ଜଣେ ଆଦର୍ଶ ନିଯୁକ୍ତିଦାତା ଭାବରେ କମ୍ ଶିକ୍ଷିତ ବର୍ଗଙ୍କ ପାଇଁ କିଛି ପଦବୀ ସଂରକ୍ଷିତ ରଖିବା ସମ୍ପୂର୍ଣ୍ଣ ଯୁକ୍ତିଯୁକ୍ତ, ଯେପରି ସେମାନଙ୍କୁ ଉଚ୍ଚ ଶିକ୍ଷିତ ପ୍ରାର୍ଥୀଙ୍କ ସହ ପ୍ରତିଯୋଗିତା କରିବାକୁ ନପଡ଼େ। ନିଜର ଉଚ୍ଚ ଶିକ୍ଷାକୁ ଲୁଚାଇ କୌଣସି ଚାକିରି ହାସଲ କଲେ, ତାହା ଆଇନ ଆଖିରେ ସମ୍ପୂର୍ଣ୍ଣ ଅବୈଧ ଅଟେ। କୋର୍ଟ ନିଜର ପୂର୍ବ ନିଷ୍ପତ୍ତିଗୁଡ଼ିକର ଉଦାହରଣ ଦେଇ କହିଛନ୍ତି ଯେ, କେବଳ ଉଚ୍ଚ ଶିକ୍ଷାଗତ ଯୋଗ୍ୟତା ଥିବା ଯୋଗୁଁ ଜଣେ ପ୍ରାର୍ଥୀ କମ୍ ଯୋଗ୍ୟତା ବିଶିଷ୍ଟ ପଦବୀ ଉପରେ ଆପେଆପେ ଅଧିକାର ପାଇଯାଆନ୍ତି ନାହିଁ। ନିଯୁକ୍ତି ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ବିଜ୍ଞପ୍ତିର ନିୟମ ଅନୁସାରେ ହେବା ଉଚିତ୍। ଏହି ଐତିହାସିକ ରାୟ ସରକାରୀ ଏବଂ ସାଧାରଣ କ୍ଷେତ୍ର (ଚଙ୍କଭକ୍ଷସମ ଝରମଷ୍ପକ୍ଟକ୍ସ) ର ତଳ ମାନ୍ୟତା ବା ଚତୁର୍ଥ ଶ୍ରେଣୀ ପଦବୀ ନିଯୁକ୍ତି ଉପରେ ବଡ଼ ପ୍ରଭାବ ପକାଇବ। ଆଜିକାଲି ଚାକିରି ବଜାରରେ ଉଚ୍ଚ ଶିକ୍ଷିତ ଯୁବକମାନେ ମଧ୍ୟ ପିଅନ ବା ଆଟେଣ୍ଡାଣ୍ଟ ପଦବୀ ପାଇଁ ଆବେଦନ କରୁଛନ୍ତି । ଯାହା ଦ୍ୱାରା କମ୍ ପଢ଼ିଥିବା ଗରିବ ଶ୍ରେଣୀର ପିଲାମାନେ ଚାକିରି ପାଇବାରୁ ବଞ୍ଚିତ ହେଉଛନ୍ତି। କୋର୍ଟଙ୍କ ଏହି ନିଷ୍ପତ୍ତି ସେହି ଅବହେଳିତ ଶ୍ରେଣୀର ପ୍ରାର୍ଥୀଙ୍କ ସୁଯୋଗକୁ ସୁରକ୍ଷିତ ରଖିବ ଏବଂ ନିଯୁକ୍ତି ପ୍ରକ୍ରିୟାରେ ସମାନତା ଆଣିବ।

# ଓଡ଼ାପଡ଼ା ତହସିଲଦାରଙ୍କ କମ୍ପାନୀ ପ୍ରୀତି

ଓଡ଼ାପଡ଼ା, ୦୬/୦୬ (ଜେଏନ୍ଏସ୍) : ଗ୍ରାମବାସୀଙ୍କ ନ୍ୟାର୍ଯ୍ୟ ଦାବିକୁ ଉପେକ୍ଷା କରି ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ନିର୍ମିଧାସ୍ଥିତ ଏମ୍‌ଜିଏମ୍ କାରଖାନା କର୍ତ୍ତୃପକ୍ଷଙ୍କୁ ଓଡ଼ାପଡ଼ା ତହସିଲଦାରଙ୍କ ଅହେତୁକ ଅନୁକମ୍ପା ସଂପୃକ୍ତ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଗୋଚର ଓ ଜଙ୍ଗଲ ଜମିକୁ ପରିବର୍ତ୍ତନ ପୂର୍ବକ ଚଞ୍ଚକତା କରି କମ୍ପାନୀ ହାତକୁ ଟେକିଦେବା ପ୍ରଶାସନିକ ଅଧିକାରୀଙ୍କ ପ୍ରତି ସ୍ପଷ୍ଟ ଜଣାପଡୁଛି। ଓଡ଼ାପଡ଼ା ତହସିଲ କାର୍ଯ୍ୟାଳୟ ପତ୍ରସଂଖ୍ୟା ୫୧୫୫ ତା ୧୮, ୯, ୨୦୨୫ରୁ ଜଣାପଡିଛି। କ୍ଷତିଗ୍ରସ୍ତ ପ୍ରଜାଙ୍କ ସମସ୍ୟା ସମାଧାନ କରିବା ପରିବର୍ତ୍ତେ ଢେଙ୍କାନାଳ ଜିଲ୍ଲା ପ୍ରଶାସନକୁ ହାତ କରି ଗୋଟିଏ ପରେ ଗୋଟିଏ କାର୍ଯ୍ୟ ହାସଲ କରିବାରେ ସଫଳ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ, କମ୍ପାନୀ ପ୍ରତିଷ୍ଠା କରିବା ପୂର୍ବରୁ କ୍ଷତିଗ୍ରସ୍ତ ପ୍ରଜାମାନଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ପାଳନ ନକରି ପ୍ରଶାସନ ଅଧିକାରୀଙ୍କୁ ହାତ କରି ଲୋକଙ୍କ ସ୍ୱରକୁ ଚାପି ଦେବାକୁ ସକ୍ଷମ ହୋଇଛନ୍ତି। ଉକ୍ତ କମ୍ପାନୀ ହଳଦିଆବାହଳ ମୌଜାର କିଛି ଗୋଚର ଓ ଜଙ୍ଗଲ ଜମିକୁ ବେଆଇନ ଭାବେ ଦଖଲ କରି କାରଖାନା ନିର୍ମାଣ କରିଥିବା ସମ୍ପର୍କିତ ଏକ ଲିଖିତ ଅଭିଯୋଗ ହଳଦିଆ/ବାହଳ ଗ୍ରାମବାସୀ ଗତ ୩ ମାସ ତଳେ ଜିଲ୍ଲା ପ୍ରଶାସନକୁ ଜଣାଇଥିଲେ ମଧ୍ୟ ଅଦ୍ୟାବଧି କୌଣସି ପଦକ୍ଷେପ ନିଆଯାଇ ନାହିଁ। ଆନ୍ଦୋଳନ ଭୟରେ ପୁରୁଣା ମାମଲାକୁ ନେଇ କାରଖାନା ସମ୍ମୁଖରେ ୧୬୩ ଧାରା ଲାଗୁ କରି ଆନ୍ଦୋଳନକୁ ଭଣ୍ଡୁର କରିବାରେ ସଫଳ ହୋଇଥିବା ଜଣାପଡିଥିଲା। ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ କମ୍ପାନୀ କର୍ତ୍ତୃପକ୍ଷ ନିଜ ରେକର୍ଡ ଜମି ଖାତା ନଂ ୩୫୪୬୯୬ ମଧ୍ୟରୁ ଏ ୨,୩୬ ଡେସିମିଲି ଜମିକୁ ଗୋଚର ଜମିରେ ପରିଣତ କରିବା ପାଇଁ ଇ ଅଧିକାରୀଙ୍କୁ ଅବଗତ କରାଇଥିଲେ। ଇ ଚିଠି ନଂ ୧୯୪୭୨ ତା ୪/ ୭/୨୫ । ଏବଂ ଚିଠି ନଂ ୨୩୪୩୭/ ତା ୬/୮/୨୫ ରିଖ ଅନୁଯାୟୀ ଏକ ତଦନ୍ତ କରି ରିପୋର୍ଟ ଦେବାକୁ ନୟାଭାଗୀରଥପୁର ରାଜସ୍ୱ ନିରୀକ୍ଷକଙ୍କୁ ଓଡ଼ାପଡ଼ା ତହସିଲଦାର ନିର୍ଦ୍ଦେଶ ଦେଇଥିଲେ। ସେହି ନିର୍ଦ୍ଦେଶ ମତେ ରାଜସ୍ୱ ନିରୀକ୍ଷକ ଉତ୍କଳ ରଞ୍ଜନ ସେଠୀ ନିର୍ଦ୍ଧାରିତ ଜମି ପୁଟ ନିକଟକୁ ଯାଇ ଗ୍ରାମର ନିର୍ମଳ ନାଏକ, ଲିଲି ବେହେରା, ଶରତ ଚନ୍ଦ୍ର ସାହୁ, ଶ୍ରୀକାନ୍ତ ନାଏକ, ରଞ୍ଜନ କୁମାର ସାହୁଙ୍କ ଉପସ୍ଥିତି ରେ ସରଜମିନ ତଦନ୍ତ କରିବା ପରେ ସେହି ସବୁ ଜମିକୁ ଗୋଚର ଜମି କରାଗଲେ ସେହି ଜମିରେ ଗୋରୁଗାଈ ଚରିବା ସମ୍ଭବ ହେବ ନାହିଁ। ୯ ଲକ୍ଷ ପଚାଶ ହଜାର ଟଙ୍କା ସରକାରୀ ଅର୍ଥ ବ୍ୟୟ କରାଯାଇ ସେହି ଜମିରେ ଏକ ବଡ ପୋଖରୀ ଖୋଳାଯାଇଛି। ଅନ୍ୟସବୁ ଜମି ହାତୀ ଚଲାପଥ ସୁଡ଼ଙ୍ଗ ୩୦ ଫୁଟ ତଳେ ରହିଛି। ସେଠାକୁ ଗୋରୁଗାଈ ଯାଇ ବିଚରଣ କରିବା ସମ୍ଭବ ହେବ ନାହିଁ ବୋଲି ନୟାଭାଗିରଥପୁର ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୨୫ ତା ୪,୯.୨୫ ରିଖ ଦ୍ୱାରା ତହସିଲଦାର ଓଡ଼ାପଡ଼ାଙ୍କୁ ଜଣାଇଥିଲେ। ଓଡ଼ାପଡ଼ା ତହସିଲଦାର କମ୍ପାନୀକୁ ଅନୁକମ୍ପା ଦେଖାଇବାକୁ ଯାଇ ପୁର୍ନବାର ଅନ୍ୟ କର୍ମଚାରୀଙ୍କ ସ୍ୱାକ୍ଷର ଥିବା ଏକ ତଦନ୍ତ ରିପୋର୍ଟ ଆଧାରରେ ସେହି ଜମିଗୁଡିକକୁ ଗୋଚର ଜମିକୁ ପରିବର୍ତ୍ତନ କରାଯିବାକୁ ଓଡ଼ାପଡ଼ା ତହସିଲ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୫୧୫୫ ତା ୧୮।୯ ୨୫ରିଖ ଚିଠି ଦ୍ୱାରା ଇଡକୋ ଅଧିକାରୀଙ୍କୁ ଜଣାଇ ଦିଆଯାଇଥିବା ଏମ୍‌ଜିଏମ୍ କାରଖାନା ଜଣାପଡିଛି। କର୍ତ୍ତୃପକ୍ଷ ହଳଦିଆବାହଳ ମୌଜାର ପ୍ରାୟ ୧୪ ଏକରୁ ଅଧିକ ଜଙ୍ଗଲ ଜମି ଜବରଦଖଲ କରି କାରଖାନା ନିର୍ମାଣ କରିଥିବା କମ୍ପାନୀ ବିରୋଧରେ ପ୍ରଶାସନ କି ପଦକ୍ଷେପ ନେଇଛନ୍ତି, ତାହା ଦେଖିବାକୁ ବାକି ରହିଲା ବୋଲି ହଳଦିଆବାହଳ ଗ୍ରାମବାସୀମାନେ ପ୍ରଶ୍ନ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଜନ୍ତରମନ୍ତରରେ କକ୍ରୋଚ୍‌ର...

କିମ୍ବା ସ୍ୱତଃସ୍ଫୂର୍ତ୍ତ ନୁହେଁ। ଅଭିଜିତ ଦୀପକେ ପୂର୍ବରୁ ଆମ୍ ଆଦମୀ ପାର୍ଟି ସହ ଜଡ଼ିତ ଥିବାରୁ ଏହାକୁ ବିରୋଧୀ ଦଳଙ୍କ ଦ୍ୱାରା ପ୍ରାୟୋଜିତ ଏକ 'ଡିଜିଟାଲ୍ ଡ୍ରାମା' ବୋଲି କୁହାଯାଉଛି। ସିଜେପିର ପ୍ରଥମ ପ୍ରେସ୍ କନଫରେନ୍ସରେ ଜଣେ ମୁଖ୍ୟ ବକ୍ତା ଉମର ଖାଲିଦଙ୍କ ପ୍ରଶଂସକ ବୋଲି ଅଭିଯୋଗ ଆସିବା ପରେ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି। ସମାଲୋଚକମାନେ ଏହାକୁ 'ଫ୍ରିଞ୍ଜ୍ ଏଲିମେଣ୍ଟ୍ସ' ବା ବିଭାଜନକାରୀ ଶକ୍ତିଙ୍କ ପ୍ରୟାସ ବୋଲି କହିଛନ୍ତି।କେନ୍ଦ୍ରମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖରଙ୍କ ଭଳି ନେତାମାନେ ଅଭିଯୋଗ କରିଛନ୍ତି ଯେ ଭାରତର ପ୍ରଗତିକୁ ରୋକିବା ପାଇଁ ବିଦେଶୀ ଶକ୍ତିମାନେ ଏଆଇ ଏବଂ ବୋଟ୍‌ସ ବ୍ୟବହାର କରି ଏଭଳି ମିଥ୍ୟା ନେରେଟିଭ୍ ତିଆରି କରୁଛନ୍ତି। ସୋସିଆଲ ମିଡିଆରେ ଏହି ପାର୍ଟିର ଅନେକ ଫଲୋଅର୍ସ ପାକିସ୍ତାନରୁ ବୋଲି ମଧ୍ୟ ଦାବି କରାଯାଇଛି, ଯାହାକୁ ଅଭିଜିତ ଖଣ୍ଡନ କରିଛନ୍ତି। ସିଜେପି ପକ୍ଷରୁ ଜେଇଇର କ୍ୟାଣ୍ଡିଡେଟ୍ ଡାଟା ଲିକ୍ ହୋଇଥିବା ଅଭିଯୋଗ କରାଯାଇଥିବା ବେଳେ, ସରକାରୀ ସଂସ୍ଥାମାନେ ଏହାକୁ କେବଳ ଏକ ଟେକ୍ନିକାଲ୍ ତ୍ରୁଟି ବୋଲି କହିବା ସହ ଏହାକୁ ନେଇ ଭୟ ସୃଷ୍ଟି ନକରିବାକୁ ଚେତାବନୀ ଦେଇଛନ୍ତି। ଅନ୍ୟପଟେ, ଅଭିଜିତ ଦୀପକେଙ୍କୁ ଜାତିଗତ ଆକ୍ରମଣ ଏବଂ ମୃତ୍ୟୁ ଧମକ ମିଳୁଥିବା ମଧ୍ୟ ଖବର ଆସିଛି, ଯାହା ଏହି ଆନ୍ଦୋଳନକୁ ନେଇ ଇଣ୍ଟରନେଟରେ ଥିବା ତିକ୍ତତାକୁ ସୂଚାଉଛି।

### କନଷ୍ଟେବଲଙ୍କ ଆତ୍ମହତ୍ୟା...

ପ୍ରାୟ ୬୦% ପୋଡ଼ି ଯାଇଥିବା ବେଳେ ତାଙ୍କୁ ଗୁରୁତର ଅବସ୍ଥାରେ ଏମକେସିଜି (ଗକଉଏ) ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଉଛି।ବ୍ରହ୍ମପୁର ଏସପି ଏହି ଘଟଣାର ତଦନ୍ତ ଜାରି ରଖିଛନ୍ତି ଏବଂ ପ୍ରକୃତ କାରଣ ଖୁବଶୀଘ୍ର ସ୍ପଷ୍ଟ ହେବ ବୋଲି କହିଛନ୍ତି।

ବ୍ରହ୍ମପୁର ବିଜିପୁର ପୋଲିସ କଲୋନୀରେ ଘଟିଥିବା ଏହି ଘଟଣାରେ ପୂର୍ବରୁ ହୋଇଥିବା ଅଭିଯୋଗ କନେଷ୍ଟବଳ ଆଶୁତୋଷ ମୃଦଙ୍ଗିଆ (ବା ଆଶୁତୋଷ ମଲ୍ଲ)ଙ୍କ ବିରୋଧରେ ତାଙ୍କ ପତ୍ନୀ, ଯିଏକି ନିଜେ ମଧ୍ୟ ଜଣେ ପୋଲିସ କର୍ମଚାରୀ, ଗୁରୁତର ଅଭିଯୋଗ ଆଣିଥିଲେ। ଗତ ମେ' ୧ ତାରିଖରେ ପତ୍ନୀଙ୍କୁ ଅମାନୁଷିକ ଭାବେ ମାଡ଼ ମାରିବା ଅଭିଯୋଗରେ ଆଶୁତୋଷଙ୍କ ବିରୋଧରେ ବ୍ରହ୍ମପୁର ମହିଳା ଥାନାରେ ମାମଲା ରୁଜୁ ହୋଇଥିଲା। ଦୁହିଁଙ୍କ ମଧ୍ୟରେ ଦୀର୍ଘ ଦିନ ଧରି ପାରିବାରିକ ବିବାଦ ଚାଲିଥିଲା ଏବଂ ଏ ନେଇ କୋର୍ଟରେ ମଧ୍ୟ ଏକାଧିକ ମାମଲା ବିଚାରଧୀନ ଅଛି.ପତ୍ନୀଙ୍କ ଅଭିଯୋଗ ଆଧାରରେ ପୋଲିସ ଆଶୁତୋଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେ ନିକଟରେ ହିଁ ଜାମିନରେ ମୁକୁଳିଥିଲେ. ଆତ୍ମହତ୍ୟା ଉଦ୍ୟମ ଘଟଣା ପରେ ବ୍ରହ୍ମପୁର ଏସପି ସର୍ବଣା ବିବେକ ଏମ୍. ନିଜେ ମେଡିକାଲ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି.ଘଟଣା ସମୟରେ ଉପସ୍ଥିତ ଥିବା ପଡ଼ୋଶୀ ଏବଂ ପରିବାର ଲୋକଙ୍କ ବୟାନ ରେକର୍ଡ କରାଯାଉଛି। କେଉଁ ପରିସ୍ଥିତିରେ ଏବଂ କେଉଁ କଥାକୁ ନେଇ ଗତ ଶୁକ୍ରବାର ରାତିରେ ପୁଣି ଝଗଡ଼ା ହୋଇଥିଲା, ସେ ନେଇ ପୋଲିସ ଖୋଳତାଡ଼ କରୁଛି.ବର୍ତ୍ତମାନ ଆଶୁତୋଷଙ୍କ ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିବାରୁ ତାଙ୍କର ଚିକିତ୍ସାକୁ ପ୍ରାଥମିକତା ଦିଆଯାଉଛି। ସେ ବର୍ତ୍ତମାନ ଏମ୍ସରେ ଚିକିତ୍ସାଧୀନ ଅଛନ୍ତି।

### ଭିଜିଲାନ୍ସ ଜାଲରେ...

ସ୍ଥିତ ପୈତୃକ ଘର,ବାରିପଦା ଦେଉଳାସାହି ଓ ପାଣ୍ଡୁଆରେ ଥିବା ସମ୍ପର୍କୀୟଙ୍କ ବାସଭବନ,ବାଲିଗୁଡ଼ା କନ୍ଧମାଳ ବାଲିଗୁଡ଼ା ସ୍ଥିତ ସରକାରୀ ବାସଭବନ ଓ ଆଇଟିଡିଏ କାର୍ଯ୍ୟାଳୟ। ଚଢ଼ାଉ ବେଳେ ବାବୁଙ୍କ ଘରୁ ବିପୁଳ ପରିମାଣର ନାମୀଦାମୀ ସୁନା ଗହଣା ଜବତ ହୋଇଛି। ଭୁବନେଶ୍ୱରରେ ବିଭିନ୍ନ ପାଇମ୍ ଲୋକେସନରେ ଏକାଧିକ ବିଳାସପୂର୍ଣ୍ଣ କୋଠା ଓ ଫ୍ଲାଟ୍ ରହିଥିବା ଜଣାପଡ଼ିଛି।ବର୍ତ୍ତମାନ ସୁଦ୍ଧା ମିଳିଥିବା ନଗଦ ଟଙ୍କା, ବ୍ୟାଙ୍କ ଆକାଉଣ୍ଟ ଓ ସୁନାର ସଠିକ୍ ଆକଳନ ପାଇଁ ଭିଜିଲାନ୍ସ ଅଧିକାରୀମାନେ କାଗଜପତ୍ର ଯାଞ୍ଚ କରୁଛନ୍ତି। ଏହି ବଡ଼ଧରଣର ଅପରେସନରେ ଭିଜିଲାନ୍ସ ବିଭାଗର ଏକ ବିଶାଳ ଟିମ୍ ନିୟୋଜିତ ହୋଇଛନ୍ତି। ଏଥିରେ ୨ ଜଣ ଅତିରିକ୍ତ ଏସପି , ୫ ଜଣ ଡିଏସପି ଏବଂ ୬ ଜଣ ଇନ୍ସପେକ୍ଟରଙ୍କ ସମେତ ବହୁ ସଂଖ୍ୟକ ସପୋର୍ଟିଂ ଷ୍ଟାଫ୍ ସାମିଲ ଅଛନ୍ତି।

### ବିଜୟ ନାୟକଙ୍କୁ...

ଏହି ଟାଣୁଆ ନେତାମାନଙ୍କ ନିଲମ୍ବନକୁ ସ୍ଥାନୀୟ କର୍ମୀ ଓ ନେତୃବୃନ୍ଦ ସହଜରେ ଗ୍ରହଣ କରିପାରିନାହାନ୍ତି। ସ୍ଥାନୀୟ ନେତାମାନେ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ବିଜୟ ନାୟକଙ୍କ କାର୍ଯ୍ୟକଳାପକୁ ତୀବ୍ର ବିରୋଧ କରିଛନ୍ତି ଏବଂ ତାଙ୍କର କୁଶପୁତ୍ତଳିକା ମଧ୍ୟ ଦାହ କରିଛନ୍ତି। ଏହି ବିଦ୍ରୋହରେ ବାଲିଗୁଡ଼ା ନିର୍ବାଚନ ମଣ୍ଡଳୀର ପ୍ରାୟ ସମସ୍ତ ମୁଖ୍ୟ ଜନପ୍ରତିନିଧି ସାମିଲ ଅଛନ୍ତି:ବାଲିଗୁଡ଼ା ଏନ୍ଏସି ଚେୟାରମ୍ୟାନ୍ (ଅଧକ୍ଷ) ଓ ଭାଇସ୍ ଚେୟାରମ୍ୟାନ୍ (ଉପାଧକ୍ଷ)। ଏନ୍ଏସିର ୧୧ ଜଣ କାଉନସିଲର ୩ଟି ବ୍ଲକ (ବାଲିଗୁଡ଼ା, କେ. ନୂଆଗାଁ ଏବଂ ତୁମୁଡିବନ୍ଧ) ର ବ୍ଲକ ଅଧକ୍ଷ। ୪ଟି ବ୍ଲକର ଦଳୀୟ ସଭାପତି ଏବଂ ଶତାଧିକ ସକ୍ରିୟ ନେତା ଓ କର୍ମୀ। ବାଲିଗୁଡ଼ା ରାଜନୀତି ଉପରେ ଏହାର ପ୍ରଭାବଏହି ସାମୂହିକ ଇସ୍ତଫା ପରେ କନ୍ଧମାଳ ଜିଲ୍ଲାର ବାଲିଗୁଡ଼ା ନିର୍ବାଚନ ମଣ୍ଡଳୀରେ ବିଜେଡିର ସଂଗଠନ ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡ଼ିଥିବା ଚର୍ଚ୍ଚା ହେଉଛି। ତୃଣମୂଳ ସ୍ତରର ସମସ୍ତ ବଡ଼ ଚେହେରା ଦଳ ଛାଡ଼ିଥିବାରୁ ଆଗାମୀ ଦିନରେ ଏଠାରେ ବିଜେଡି ପାଇଁ ସ୍ଥିତି ସମ୍ଭାଳିବା ବେଶ୍ କଷ୍ଟକର ହେବ।

### ପାଟଣାରେ ଗୁଳିକାଣ୍ଡ...

ଶତ୍ରୁତା ଯୋଗୁଁ ତାଙ୍କ ସଂସ୍ଥାନ ଉପରେ ଆକ୍ରମଣ କରାଯାଇଛି। ଏହି ମାମଲାରେ ପୋଲିସ ପୂର୍ବରୁ 'ଜ୍ଞାନ ବିନ୍ଦୁ ଜିଏସ୍ ଏକାଡେମୀ'ର ସଞ୍ଚାଳକ ରୋଶନ ଆନନ୍ଦ ସାର୍‌ଙ୍କ ସମେତ ୩ ଜଣଙ୍କୁ ଗିରଫ କରିଥିଲା। ଖାନ ସାର୍ କହିଛନ୍ତି ଯେ ସେ ଅତି କମ୍ ଫିସ୍‌ରେ ଗରିବ ପିଲାମାନଙ୍କୁ ପଢ଼ାଉଥିବାରୁ ଅନ୍ୟ କୋଚିଂ ସେଣ୍ଟରଗୁଡ଼ିକ ତାଙ୍କୁ ଟାର୍ଗେଟ୍ କରୁଛନ୍ତି। ବର୍ତ୍ତମାନର ସ୍ଥିତି ଓ ଛାତ୍ରଙ୍କ ବିକ୍ଷୋଭଏହି ଘଟଣାକୁ ନେଇ ପାଟନାରେ ଉତ୍ତେଜନା ପ୍ରକାଶ ପାଇଛି। ଖାନ ସାର୍‌ଙ୍କ ସମର୍ଥନରେ ଶତାଧିକ ଛାତ୍ର ଏକତ୍ରିତ ହୋଇ ସ୍ଲୋଗାନ ଦେଉଥିବା ବେଳେ, ଅନ୍ୟପଟେ ରୋଶନ ସାର୍‌ଙ୍କ ମୁକ୍ତି ଦାବିରେ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ ହୋଇଛି। ପରିସ୍ଥିତିକୁ ନଜରରେ ରଖି ଖାନ ସାର୍‌ଙ୍କ କୋଚିଂ ସେଣ୍ଟର ବାହାରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି।

### ଜୈସୱାଲଙ୍କ ଜମାନା...

ଟଙ୍କାର ଅଣ-ଫେରସ୍ତ ଆବେଦନ ଫି' ଥିବା ସତ୍ତ୍ୱେ, ସେମାନେ କେବଳ ଫର୍ମ ପୂରଣ ବାବଦରେ କୋଟି କୋଟି ଟଙ୍କା ଖର୍ଚ୍ଚ କରିଥିଲେ। ଅଧିକ ଆବେଦନ କରିଥିବା ହେତୁ କମ୍ପ୍ୟୁଟରାଇଜଡ୍ ଡ୍ର' ରେ ସେମାନଙ୍କ ନାମ ଉଠିବା ସମ୍ଭାବନା ସବୁଠାରୁ ଅଧିକ ରହିଥିଲା। ଅବକାରୀ ବିଭାଗର ଅଫିସିଆଲ୍ ତଥ୍ୟ ଅନୁସାରେ, ଜୈସୱାଲ୍ ସର ନେମ୍ ଥିବା କେତେକ ପ୍ରମୁଖ ବ୍ୟବସାୟୀ ପୂର୍ବରୁ ମଧ୍ୟ ଓଡ଼ିଶାର ଅନେକ ଦେଶୀ ଓ ବିଦେଶୀ ମଦ ଦୋକାନର ଲାଇସେନ୍ସ ପାଇଛନ୍ତି (ଯେପରିକି ଆଶୁତୋଷ କୁମାର ଜୈସୱାଲ୍ ପ୍ରମୁଖ)। ଏହି ନୂତନ ଲଟେରୀରେ ମଧ୍ୟ କେନ୍ଦୁଝର ଜିଲ୍ଲାର ବଡ଼ବିଲ, ଯୋଡ଼ା, ଏବଂ ଚମ୍ପୁଆ ଅଞ୍ଚଳର କେତେକ ନିର୍ଦ୍ଦିଷ୍ଟ ଦୋକାନ ସେମାନଙ୍କ ସିଣ୍ଡିକେଟ୍ ହାତକୁ ଯାଇଛି। ଓଡ଼ିଶାରେ ରାଜ୍ୟ ସରକାରଙ୍କ ନୂତନ ଅବକାରୀ ନୀତି (୨୦୨୬-୨୯) ଅଧୀନରେ ରାଜ୍ୟର ୩୨ଟି ଅବକାରୀ ରାଜସ୍ୱ ଜିଲ୍ଲାରେ ହୋଇଥିବା ବିଦେଶୀ ମଦ ଦୋକାନ ଲାଇସେନ୍ସ ଆବଣ୍ଟନ ପ୍ରକ୍ରିୟାକୁ ନେଇ ବର୍ତ୍ତମାନ ସାରା ରାଜ୍ୟରେ ଚର୍ଚ୍ଚା ଜୋର ଧରିଛି । ରାଜ୍ୟର ସର୍ବମୋଟ ୧,୧୦୯ଟି ମଦ ଦୋକାନ ପାଇଁ ମହାଲଟେରୀ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଏଥିପାଇଁ ରେକର୍ଡ ସଂଖ୍ୟକ ୨୬,୬୦୦ ଜଣ ଆବେଦନକାରୀ ଭାଗ ନେଇଥିଲେ। ଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଖିରେ କଳାପଟି ବାନ୍ଧି ସ୍ୱଚ୍ଛ ଭାବେ ଗୋଟିଏ ଦିନରେ ୯୬୦ଟି ବିଦେଶୀ ମଦ ଦୋକାନ ପାଇଁ ଲଟେରୀ ଉଠାଣ ଶେଷ ହୋଇଛି ଏବଂ ବିଜେତାଙ୍କ ନାମ ଘୋଷଣା କରାଯାଇଛି । ବିଦେଶୀ ମଦ ଦୋକାନ ପାଇଁ ୩ ଲକ୍ଷ ଟଙ୍କାର ଅଣ-ଫେରସ୍ତ ଆବେଦନ ଫି'ଥିବାରୁ, ସରକାର କେବଳ ଏହି ଆବେଦନ ଜରିଆରେ କୋଟି କୋଟି ଟଙ୍କାର ରାଜସ୍ୱ ପାଇଛନ୍ତି। ଅବକାରୀ ନିର୍ଦ୍ଦେଶାଳୟର ସୂଚନା ଏବଂ ବିଭିନ୍ନ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ଆଶ୍ଚର୍ଯ୍ୟଜନକ ଭାବେ ଲଟେରୀ ହୋଇଥିବା ୯୬୦ଟି ଦୋକାନ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ (୫୦%) ଦୋକାନ ବିହାରର ମଦ ବ୍ୟବସାୟୀ କିମ୍ବା ସେମାନଙ୍କ ସିଣ୍ଡିକେଟ୍ ହାତେଇବାରେ ସଫଳ ହୋଇଛନ୍ତି। ବିହାରରେ ମଦ ସମ୍ପୂର୍ଣ୍ଣ ନିଷେଧ ଥିବାରୁ ସେଠାକାର ବଡ଼ ବଡ଼ ବ୍ୟବସାୟୀମାନେ ଓଡ଼ିଶା ବଜାର ଉପରେ ନଜର ରଖିଥିଲେ। ଲଟେରୀରେ ଜିତିବା ସମ୍ଭାବନା ବଢ଼ାଇବା ପାଇଁ ଏହି ବ୍ୟବସାୟୀମାନେ ଗୋଟିଏ ଗୋଟିଏ ଦୋକାନ ପାଇଁ ନିଜର ସମ୍ପର୍କୀୟ, କର୍ମଚାରୀ କିମ୍ବା ବିଭିନ୍ନ ନାମରେ ୨୦ରୁ ୩୦ଟି ଲେଖାଏଁ ଆବେଦନ ଫର୍ମ ପୂରଣ କରିଥିଲେ (ଯେଉଁଥିପାଇଁ ସେମାନେ କେବଳ ଫି' ବାବଦରେ କୋଟି କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି)। ଅନ୍ୟପଟେ, ଓଡ଼ିଶାର ଅନେକ ସାଧାରଣ ବ୍ୟବସାୟୀ ନିଜର ସୁନା-ଗହଣା ବନ୍ଧା ପକାଇ କିମ୍ବା ଋଣ କରି ମାତ୍ର ୧ଟି କିମ୍ବା ୨ଟି ଆବେଦନ କରିଥିଲେ। ଯାହାଫଳରେ ସୀମିତ ଆବେଦନ କାରଣରୁ ସେମାନଙ୍କର ଭାଗ୍ୟ ସାଥ୍ ଦେଇନାହିଁ ଏବଂ ଅଧିକ ଆବେଦନ କରିଥିବା ବାହାର ରାଜ୍ୟର ବ୍ୟବସାୟୀମାନେ ଲଟେରୀ ଜିତି ଯାଇଛନ୍ତି। ଲଟେରୀରେ ଜିତିଥିବା ସମସ୍ତ ବିଜେତାଙ୍କୁ ସରକାରଙ୍କ ନିୟମ ଅନୁଯାୟୀ ଆଗାମୀ ୫ ଦିନ ମଧ୍ୟରେ ୩ ମାସର ଆଗୁଆ 'କନସିଡରେସନ ମନି' ଏବଂ ବ୍ୟାଙ୍କ ଗ୍ୟାରେଣ୍ଟି ଦାଖଲ କରିବାକୁ ପଡ଼ିବ। ଯଦି କୌଣସି ବିଜେତା ଏହି ଅର୍ଥ ଦାଖଲ କରିବାରେ ବିଫଳ ହୁଅନ୍ତି, ତେବେ ଲଟେରୀ ସମୟରେ ଚୟନ କରାଯାଇଥିବା 'ୱେଟିଂ ଲିଷ୍ଟ' ଆବେଦନକାରୀଙ୍କୁ ସୁଯୋଗ ମିଳିବ।

ତେବେ ସରକାରୀ ତଥ୍ୟ ଅନୁଯାୟୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଖଣି ପ୍ରଭାବିତ କେନ୍ଦୁଝର ଜିଲ୍ଲାରେ ମଧ୍ୟ ସମସ୍ତ ବିଦେଶୀ ଦୋକାନ ଏବଂ ଦେଶୀ ମଦ ଦୋକାନ ପାଇଁ ମହାଲଟେରୀ ବା ଇ-ଲଟେରୀ ପ୍ରକ୍ରିୟା ସଫଳତାର ସହ ଶେଷ ହୋଇଛି। କେନ୍ଦୁଝର ଜିଲ୍ଲାର ବଡ଼ବିଲ, ଯୋଡ଼ା, ଆନନ୍ଦପୁର, ଚମ୍ପୁଆ, ଘଟଗାଁ ଏବଂ କେନ୍ଦୁଝର ସଦର ଭଳି ପ୍ରମୁଖ ୫୬ଟି ଅଞ୍ଚଳରେ ଥିବା ମଦ ଦୋକାନଗୁଡ଼ିକ ପାଇଁ ପ୍ରବଳ ଆବେଦନ ପଡ଼ିଥିଲା। ଖଣି ଅଞ୍ଚଳ ହୋଇଥିବାରୁ ଏଠାରେ ବ୍ୟବସାୟର ସୁଯୋଗ ଅଧିକ, ତେଣୁ ଓଡ଼ିଶାର ସ୍ଥାନୀୟ ବ୍ୟବସାୟୀଙ୍କ ସହ ବାହାର ରାଜ୍ୟର (ବିଶେଷ କରି ବିହାରର) ବଡ଼ ସିଣ୍ଡିକେଟ୍ ମଧ୍ୟ ଶତାଧିକ ଆବେଦନ କରିଥିଲେ।

କେନ୍ଦୁଝର ଜିଲ୍ଲାପାଳ ଏବଂ ଅବକାରୀ ଅଧିକାରୀମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆବେଦନକାରୀମାନଙ୍କ ସମ୍ମୁଖରେ ସ୍ୱଚ୍ଛ ଭାବେ ଲଟେରୀ ଉଠାଯାଇଥିଲା। ଓଡ଼ିଶାରେ ନୂତନ ଅବକାରୀ ନୀତି - ୨୦୨୬-୨୯ ଅନୁଯାୟୀ, ରାଜ୍ୟରେ ମଦ ଦୋକାନ ସଂଖ୍ୟାକୁ ସୀମିତ ରଖାଯାଇଛି। ରାଜ୍ୟରେ ସର୍ବମୋଟ ୧,୭୬୨ ଟି ସକ୍ରିୟ ମଦ ଦୋକାନ ରହିଛି। ୮୯୧ ଟି ବିଦେଶୀ ମଦ ଦୋକାନ,୭୦୭ ଟି ବାର୍/ରେଷ୍ଟୁରାଣ୍ଟ, ୧୩୫ ଟି ଦେଶୀ ମଦ ଦୋକାନ, ୨୯ ଟି ସେନା କ୍ୟାଣ୍ଟିନ । ସରକାରଙ୍କ ନୂଆ ୩ ବର୍ଷିଆ ଅବକାରୀ ନୀତି (୨୦୨୬-୨୯) ଅନୁସାରେ, ସମାଜରେ ନିଶା ମୁକ୍ତିକୁ ପ୍ରୋତ୍ସାହନ ଦେବା ପାଇଁ କୌଣସି ନୂଆ ସାଧାରଣ ଖୁଚୁରା ବିଦେଶୀ କିମ୍ବା ଦେଶୀ ମଦ ଦୋକାନ ଖୋଲିବା ଉପରେ ସମ୍ପୂର୍ଣ୍ଣ ରୋକ ଲଗାଯାଇଛି। ପୂର୍ବରୁ କୌଣସି କାରଣରୁ ବନ୍ଦ ରହିଥିବା ପ୍ରାୟ ୭୦ ଟି ସରକାରୀ ଲାଇସେନ୍ସପ୍ରାପ୍ତ ମଦ ଦୋକାନକୁ ପୁଣିଥରେ ଚାଲୁ କରିବାକୁ ବିଭାଗ ଅନୁମତି ଦେଇଛି, ଯେଉଁଥିରେ ବାଲେଶ୍ୱର ଜିଲ୍ଲାରେ ସର୍ବାଧିକ ୧୭ ଟି ଦୋକାନ ଅନ୍ତର୍ଭୁକ୍ତ। କେବଳ ରାଜ୍ୟର ୬ ଟି ପ୍ରମୁଖ ସହର (ଭୁବନେଶ୍ୱର, କଟକ, ରାଉରକେଲା, ବ୍ରହ୍ମପୁର, ସମ୍ବଲପୁର, ଏବଂ ପୁରୀ) ରେ ଅତ୍ୟାଧୁନିକ ସୁବିଧା ଏବଂ ପ୍ରିମିୟମ ବ୍ରାଣ୍ଡ ପାଇଁ ଅତିକମରେ ୪,୦୦୦ ସ୍କୋୟାର ଫୁଟ ବିଶିଷ୍ଟ 'ସୁପର ପ୍ରିମିୟମ ଏଫ୍ଏଲ୍ ଅଫ୍ ' ଦୋକାନ ଖୋଲିବା ପାଇଁ ନୂଆ ବ୍ୟବସ୍ଥା କରାଯାଇଛି। ଜୁନ୍ ୨୦ ରେ ଜିଲ୍ଲାପାଳମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିବା ପ୍ରଥମ ଇଲେକ୍‌ଟ୍ରୋନିକ ଲଟେରୀ ମାଧ୍ୟମରେ ସମସ୍ତ ବିଦେଶୀ ଓ ଦେଶୀ ମଦ ଦୋକାନର ପୁନଃ-ଆବଣ୍ଟନ କରାଯାଇଛି। ପୂର୍ବରୁ ଥିବା ପାରମ୍ପରିକ ନିଲାମ ପ୍ରକ୍ରିୟା ବଦଳରେ କମ୍ପ୍ୟୁଟରାଇଜଡ୍ ଲଟେରୀ ହେବା ହେତୁ, ଏଥର ଅନେକ ବଡ଼ ବଡ଼ ପୁରୁଣା ମଦ ମାଫିଆ ବା ବ୍ୟବସାୟୀ ନିଜର ଦୋକାନ ହରାଇଛନ୍ତି। ସେମାନଙ୍କ ସ୍ଥାନରେ ସାଧାରଣ ଜନତା, ଛୋଟ ନୂତନ ବ୍ୟବସାୟୀ ଏବଂ ଭାଗ୍ୟଶାଳୀ ଆବେଦନକାରୀମାନେ ନୂଆ ୫ ବର୍ଷ ପାଇଁ ଲାଇସେନ୍ସ ପାଇଛନ୍ତି। ମୟୂରଭଞ୍ଜର ବୈଶିଙ୍ଗା ଅଞ୍ଚଳର ପୂର୍ବତନ ଦୋକାନ ମାଲିକ ସର୍ବେଶ୍ୱର ଦାସ ୪ ଟି ଆବେଦନ କରି ପ୍ରାୟ ୧୨ ଲକ୍ଷ ଟଙ୍କା ଫି' ଦେଇଥିଲେ ମଧ୍ୟ ଲଟେରୀରେ ତାଙ୍କ ନାମ ଉଠିନାହିଁ ଏବଂ ଜଣେ ନୂଆ ଆବେଦନକାରୀ ସେହି ଦୋକାନର ଲାଇସେନ୍ସ ପାଇଛନ୍ତି। ଲଟେରୀ ମାଧ୍ୟମରେ ମଦ ଦୋକାନ ଲାଇସେନ୍ସ ବଣ୍ଟନ ବା ନିଲାମ ପ୍ରକ୍ରିୟା ହେଉଛି ସରକାରଙ୍କ ଅବକାରୀ ବିଭାଗ ଦ୍ୱାରା ଆପଣାଯାଉଥିବା ଏକ ସ୍ୱଚ୍ଛ ଓ ନିରପେକ୍ଷ ବ୍ୟବସ୍ଥା। ଓଡ଼ିଶାରେ ନୂତନ ଅବକାରୀ ନୀତି ଅନୁଯାୟୀ, ମଦ ଦୋକାନଗୁଡ଼ିକର (ବିଦେଶୀ ଏବଂ ଦେଶୀ) ଲାଇସେନ୍ସ ଆବଣ୍ଟନ ପାଇଁ ପାରମ୍ପରିକ ଉଚ୍ଚା ନିଲାମ ବଦଳରେ ଇଲେକ୍‌ଟ୍ରୋନିକ ବା ଲଟେରୀ ସିଷ୍ଟମ ପ୍ରଚଳନ କରାଯାଇଛି, ଯାହାଫଳରେ ସମସ୍ତ ଯୋଗ୍ୟ ଆବେଦନକାରୀଙ୍କୁ ସମାନ ସୁଯୋଗ ମିଳିପାରୁଛି।

# ଆସନ୍ତା ୩୦ ଯାଏଁ ଧର୍ମଘଟ ସ୍ଥଗିତ ରଖିଲା ବସ୍ ମାଲିକ ସଙ୍ଘ



କଟକ, ୦୬/୦୫ (ଜେଏନ୍ଏସ୍) : ରାଜ୍ୟରେ ୩୦ ତାରିଖ ଯାଏଁ ବସ୍ ଧର୍ମଘଟ ସ୍ଥଗିତ । ଧର୍ମଘଟ ସ୍ଥଗିତ ରଖିଲା ଘରୋଇ ବସ୍ ମାଲିକ ସଙ୍ଘ। ବସ୍ ଭଡ଼ା ବୃଦ୍ଧି ହେବା ନେଇ ଆଜି ବସିଥିବା ଦ୍ୱିପାକ୍ଷିୟ ବୈଠକ ଅପାତତଃ ସଫଳ ହୋଇଛି । ଏନେଇ ରାଜ୍ୟ ସରକାର ଖୁବଶୀଘ୍ର ନିଷ୍ପତ୍ତି ନେବେ ବୋଲି ରାଜ୍ୟ ଘରୋଇ ବସ୍ ମାଲିକ ସଙ୍ଘ ଆଶାବାଦୀ ଅଛି । ତେଣୁ ଆସନ୍ତା ୩୦ ତାରିଖ ଯାଏଁ ବସ୍ ଧର୍ମଘଟକୁ ଟାଳି ଦିଆଯାଉଛି ବୋଲି ସଙ୍ଘ ପକ୍ଷରୁ କୁହାଯାଇଛି । ରାଜ୍ୟରେ ବସ ଭଡା ବୃଦ୍ଧି ହେବା ଲାଗି ବିଗତ ଅନେକ ବର୍ଷ ହେଲା ଘରୋଇ ବସ୍ ମାଲିକ ସଙ୍ଘ ଦାବି କରି ଆସୁଛି । ତେବେ କେବଳ ତୈଳ ଦର ବଢିଲେ ବସ୍ ଭଡା ବଢୁଛି, ମାତ୍ର ଭଡା ନିର୍ଦ୍ଧାରଣ ଲାଗି ଯେଉଁ ୧୪ଟି ପାରାମିଟର ରହିଛି । ସେ ବାବଦରେ କେବେ ନିଷ୍ପତ୍ତି ହେଉନାହିଁ । ଯାହାକୁ ନେଇ ବସ୍ ମାଲିକ ସଙ୍ଘ ଧର୍ମଘଟର ଚେତାବନୀ ଦେଇଥିଲା । ତେବେ ଶୁକ୍ରବାର କଟକରେ ପରିବହନ ଆୟୁକ୍ତଙ୍କ ସହ ବୈଠକ ପରେ ଏକ ସମାଧାନର ସୂତ୍ର ବାହାରିଛି ।

## ଶକ୍ତି ଏ ସପ୍ତାହର

୦୬ ଜୁନ୍ - ୧୩ ଜୁନ୍ '୨୦୨୬



ମେଘା
ହରୋସକୋପିଷ୍ଟ ଏବଂ ଫରଚ୍ୟୁନ ଟେଲର
(ବୈଦିକ ଆଷ୍ଟ୍ରୋଲୋଜି)
ମୋ: ୯୦୭୮୧୬୩୩୭୭

ମେଷ : ସପ୍ତାହ ପ୍ରାରମ୍ଭ ରବି ଓ ସୋମବାର ନିଜ ବ୍ୟବହାରରେ ସଂଯମ ରକ୍ଷା କରନ୍ତୁ, ନଚେତ୍ ପରିବାରରେ ସମସ୍ୟା ଦେଖାଦେଇପାରେ।ସପ୍ତାହ ମଧ୍ୟଭାଗ: ମଙ୍ଗଳ ଓ ବୁଧବାର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ରହିବ ଏବଂ କାନୁନ ମାମଲାରେ ବନ୍ଧୁଙ୍କ ସାହାଯ୍ୟ ମିଳିବ।ସପ୍ତାହ ଶେଷ: ଗୁରୁ, ଶୁକ୍ର ଓ ଶନିବାର କ୍ୟାରିୟରରେ ନୂଆ ସୁଯୋଗ ମିଳିବା ସହ ସମାଜରେ ମାନ-ସମ୍ମାନ ବୃଦ୍ଧି ପାଇବ।

ବୃଷ : ସପ୍ତାହ ପ୍ରାରମ୍ଭ - ରବି ଓ ସୋମବାର ଆପଣଙ୍କ ଚେଷ୍ଟାରେ ଭଲ ପରିଣାମ ମିଳିବ ଏବଂ ଅଟକି ରହିଥିବା କାର୍ଯ୍ୟ ପୂରଣ ହେବ।ସପ୍ତାହ ମଧ୍ୟଭାଗ: ମଙ୍ଗଳ ଓ ବୁଧବାର କୌଣସି ଜଟିଳ ପ୍ରଶ୍ନର ସହଜ ସମାଧାନ ପାଇଯିବେ।ସପ୍ତାହ ଶେଷ: ଗୁରୁ, ଶୁକ୍ର ଓ ଶନିବାର ପାରିବାରିକ ବାତାବରଣ ସକାରାତ୍ମକ ଏବଂ ଆନନ୍ଦଦାୟକ ରହିବ।

ମିଥୁନ : ସପ୍ତାହ ପ୍ରାରମ୍ଭ - ରବି ଓ ସୋମବାର କାର୍ଯ୍ୟରେ କିଛି ମନ୍ଥରତା ଦେଖାଦେଇପାରେ, କିନ୍ତୁ ଆର୍ଥିକ ଉନ୍ନତି ହେବ।ସପ୍ତାହ ମଧ୍ୟଭାଗ: ମଙ୍ଗଳ ଓ ବୁଧବାର ଆୟର ନୂତନ ପଥ ଉନ୍ମୁକ୍ତ ହେବ। ସପ୍ତାହ ଶେଷ: ଗୁରୁ, ଶୁକ୍ର ଓ ଶନିବାର କାମରେ ଅବହେଳା କରନ୍ତୁ ନାହିଁ; ବ୍ୟବସାୟିକ ଆୟ-ବ୍ୟୟ ସମାନ ରହିବ।

କର୍କଟ : ସପ୍ତାହ ପ୍ରାରମ୍ଭ-ରବି ଓ ସୋମବାର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ଆଗକୁ ବଢ଼ିବେ ଏବଂ ଭାଇଭଉଣୀଙ୍କ ସହଯୋଗ ମିଳିବ।ସପ୍ତାହ ମଧ୍ୟଭାଗ: ମଙ୍ଗଳ ଓ ବୁଧବାର କୌଣସି କାରଣରୁ ମନସ୍ତାପ ବା ମାନସିକ ଚିନ୍ତା ରହିପାରେ।ସପ୍ତାହ ଶେଷ: ଗୁରୁ, ଶୁକ୍ର ଓ ଶନିବାର ପରିଶ୍ରମ ମୁତାବକ ଫଳପ୍ରାପ୍ତି ହେବ ଏବଂ ବରିଷ୍ଠ ବ୍ୟକ୍ତିଙ୍କ ସହଯୋଗ ପାଇବେ।

ସିଂହ : ସପ୍ତାହ ପ୍ରାରମ୍ଭ- ରବି ଓ ସୋମବାର ସମୟର ସଦୁପଯୋଗ କରି କଠିନ ପରିଶ୍ରମ ଦ୍ୱାରା ସଫଳତା ପାଇବେ।ସପ୍ତାହ ମଧ୍ୟଭାଗ: ମଙ୍ଗଳ ଓ ବୁଧବାର ଆର୍ଥିକ କ୍ଷେତ୍ରରେ ପାରିବାରିକ ସହଯୋଗ ମିଳିବ।ସପ୍ତାହ ଶେଷ: ଗୁରୁ, ଶୁକ୍ର ଓ ଶନିବାର ଜୀବନସାଥୀଙ୍କ ସହ ନୂତନ ଯୋଜନା ପ୍ରସ୍ତୁତ କରିବେ ଏବଂ ଧନଲାଭର ଯୋଗ ରହିଛି।

କନ୍ୟା : ସପ୍ତାହ ପ୍ରାରମ୍ଭ - ରବି ଓ ସୋମବାର କର୍ମକ୍ଷେତ୍ରରେ ପଦୋନ୍ନତି ମିଳିପାରେ ଏବଂ ଆପଣ ଅଧିକ ପରିଶ୍ରମୀ ହେବେ।ସପ୍ତାହ ମଧ୍ୟଭାଗ: ମଙ୍ଗଳ ଓ ବୁଧବାର କାର୍ଯ୍ୟରେ ମହତ୍ତ୍ୱପୂର୍ଣ୍ଣ ସଫଳତା ହାସଲ କରିବେ।ସପ୍ତାହ ଶେଷ: ଗୁରୁ, ଶୁକ୍ର ଓ ଶନିବାର ପରିବାରରେ ସୁଖଶାନ୍ତି ବୃଦ୍ଧି ପାଇବା ସହ ଅକସ୍ମାତ୍ ଧନଲାଭର ଯୋଗ ଅଛି।

ତୁଳା : ସପ୍ତାହ ପ୍ରାରମ୍ଭ - ରବି ଓ ସୋମବାର କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ମିଳିବ ଏବଂ ସନ୍ତାନସନ୍ତତି ଉନ୍ନତି କରିବେ।ସପ୍ତାହ ମଧ୍ୟଭାଗ: ମଙ୍ଗଳ ଓ ବୁଧବାର ଅର୍ଥପ୍ରାପ୍ତିର ଭଲ ଯୋଗ ରହିଛି।ସପ୍ତାହ ଶେଷ: ଗୁରୁ, ଶୁକ୍ର ଓ ଶନିବାର ମନରେ ପ୍ରସନ୍ନତା ଓ ଚଞ୍ଚଳତା ଭରି ରହିବ।

ବିଛା : ସପ୍ତାହ ପ୍ରାରମ୍ଭ - ଋଣ ଦେଇଥିବା ଅର୍ଥ ଫେରି ପାଇବାର ସମ୍ଭାବନା ରହିଛି।ସପ୍ତାହ ମଧ୍ୟଭାଗ: ମଙ୍ଗଳ ଓ ବୁଧବାରରେ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଗୁରୁଜନଙ୍କ ସହଯୋଗ ମିଳିବ।ସପ୍ତାହ ଶେଷ: ଗୁରୁ, ଶୁକ୍ର ଓ ଶନିବାର ବ୍ୟବସାୟର ପ୍ରସାର ହେବ, କିନ୍ତୁ ଶତ୍ରୁମାନଙ୍କ କୂଟଚକ୍ରାନ୍ତ ପ୍ରତି ସତର୍କ ରୁହନ୍ତୁ।

ଧନୁ : ସାଧାରଣ ଫଳ - ଏହି ସପ୍ତାହରେ କ୍ୟାରିୟର ଏବଂ ଆର୍ଥିକ ସ୍ଥିତିରେ ସୁଧାର ଆସିବ। ଗୁରୁଜନ ଓ ଉଚ୍ଚ ଅଧିକାରୀଙ୍କଠାରୁ ଆପଣ ପ୍ରଶଂସା ଏବଂ ସହଯୋଗ ପାଇବେ। ନୂତନ ଯୋଜନା କରିବା ପାଇଁ ସମୟ ଅନୁକୂଳ ଅଟେ।

ମକର : ସପ୍ତାହ ପ୍ରାରମ୍ଭ: ରବି ଓ ସୋମବାର ଗୁରୁଜନଙ୍କ ସହଯୋଗ ମିଳିଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ କିଛି ବାଧା ସୃଷ୍ଟି ହୋଇପାରେ।ସପ୍ତାହ ମଧ୍ୟଭାଗ: ମଙ୍ଗଳ ଓ ବୁଧବାରରେ ବିଭିନ୍ନ ସୂତ୍ରରୁ ଦ୍ରବ୍ୟାଦି ବା ଭୌତିକ ସୁଖସାଧନ ଲାଭ ହେବ।ସପ୍ତାହ ଶେଷ: ଗୁରୁ, ଶୁକ୍ର ଓ ଶନିବାର ସକାରାତ୍ମକ ଚିନ୍ତାଧାରା ରଖି ଆଗକୁ ବଢ଼ିବେ ଏବଂ ନିଜ ବୁଦ୍ଧି ବଳରେ ସଫଳ ହେବେ।

କୁମ୍ଭ : ସପ୍ତାହ ପ୍ରାରମ୍ଭ- ରବି ଓ ସୋମବାର କୌଣସି ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି ଏବଂ ନୂତନ ଦ୍ରବ୍ୟ କ୍ରୟ କରିବେ।ସପ୍ତାହ ମଧ୍ୟଭାଗ: ମଙ୍ଗଳ ଓ ବୁଧବାର ଜୀବନରେ ହଠାତ୍ କିଛି ସକାରାତ୍ମକ ପରିବର୍ତ୍ତନ ପରିଲକ୍ଷିତ ହେବ।ସପ୍ତାହ ଶେଷ: ଗୁରୁ, ଶୁକ୍ର ଓ ଶନିବାର ମନ ଦୃଢ଼ ରହିବ ଏବଂ ବେକାରୀମାନଙ୍କୁ ନୂତନ ନିଯୁକ୍ତି ମିଳିପାରେ।

ମୀନ : ସପ୍ତାହ ପ୍ରାରମ୍ଭ- ରବି ଓ ସୋମବାର ସାଧାରଣ ସ୍ୱାସ୍ଥ୍ୟଜନିତ ସମସ୍ୟା ଦେଖାଦେଇପାରେ, କିନ୍ତୁ ଭବିଷ୍ୟତ ଯୋଜନାରେ ସଫଳ ହେବେ।ସପ୍ତାହ ମଧ୍ୟଭାଗ: ମଙ୍ଗଳ ଓ ବୁଧବାର ନିଜ ପ୍ରିୟଜନ ବା ପରିବାର ଲୋକଙ୍କ ପ୍ରତି ଅଧିକ ସମ୍ବେଦନଶୀଳ ରହିବେ।ସପ୍ତାହ ଶେଷ: ଗୁରୁ, ଶୁକ୍ର ଓ ଶନିବାର ଆର୍ଥିକ ସ୍ଥିତି ମଜବୁତ ହେବ ଏବଂ ବ୍ୟବସାୟରୁ ଭଲ ଆୟ ହେବ।

## ପ୍ରମୁଖ ଖବର ଏ ସପ୍ତାହର

- ବାଲିଗୁଡ଼ା ଆଇଟିଡିଏର ସହକାରୀ ନିର୍ବାହୀ ଯନ୍ତ୍ରୀ ବୈକୁଣ୍ଠ ନାଥ ବେହେରାଙ୍କ ଘରେ ଆୟବହିର୍ଭୂତ ସମ୍ପତ୍ତି ଠାବ ଅଭିଯୋଗରେ ୯ଟି ସ୍ଥାନରେ ଏକକାଳୀନ ଚଢ଼ାଉ ଜାରି ରହିଛି।
- ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଓଡ଼ିଶାର ୮ଟି ଜିଲ୍ଲା ପାଇଁ ପ୍ରବଳ କାଳବୈଶାଖୀ ଓ ବର୍ଷାର ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି। ଜୁନ୍ ୧୦ ପର୍ଯ୍ୟନ୍ତ ଘଣ୍ଟାପ୍ରତି ୫୦ ରୁ ୬୦ କିମି ବେଗରେ ପବନ ବହିପାରେ।
- ବର୍ଷା ସତ୍ତ୍ୱେ ଭୁବନେଶ୍ୱର ଓ ଉପକୂଳ ଓଡ଼ିଶାରେ ପ୍ରବଳ ଗୁଳୁଗୁଳି ଜାରି ରହିଛି, ଯେଉଁଠି ତାପମାତ୍ରା ୩୦.୮ଂ ସେଲସିୟସ ଥିଲେ ମଧ୍ୟ ଏହା ୪୩ଂ ଭଳି କଷ୍ଟଦାୟକ ଅନୁଭୂତ ହେଉଛି। ଏହାକୁ ଦୃଷ୍ଟିରେ ରଖି ସରକାର ସ୍କୁଲ ଗ୍ରୀଷ୍ମକାଳୀନ ଛୁଟି ବଢ଼ାଇବାକୁ ବିଚାର କରୁଛନ୍ତି।
- ରାଜ୍ୟର ବିଭିନ୍ନ ବୋର୍ଡ, ନିଗମ ଏବଂ ସରକାରୀ ସଂସ୍ଥାରେ ଖାଲିଥିବା ପଦବୀଗୁଡ଼ିକୁ ଶୀଘ୍ର ପୂରଣ କରିବା ପାଇଁ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି।
- ଚାଷୀ ଏବଂ ମିଲ୍ ମାଲିକମାନଙ୍କ ଦାବିକୁ ସ୍ୱୀକାର କରି ରାଜ୍ୟ ସରକାର ଧାନ ମିଲିଂ ଚାର୍ଜକୁ ଦୁଇଗୁଣ କରିବାକୁ ଘୋଷଣା କରିଛନ୍ତି।
- ଆଗାମୀ ନିଟ୍ ରି-ଏକ୍‌ଜାମ୍ ପାଇଁ ଓଡ଼ିଶାର ସମସ୍ତ ପରୀକ୍ଷା କେନ୍ଦ୍ରରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ଏବଂ ସୋସିଆଲ ମିଡିଆ ଉପରେ କଡ଼ା ନଜର ରଖାଯାଇଛି।
- ରାଜଧାନୀରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗତକାଲି ବିଳମ୍ବିତ ରାତିରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟି ଦୁଇ ଜଣ ଯୁବକ ଗୁରୁତର ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି।
- କେନ୍ଦ୍ରାପଡାର ବ୍ୟବସାୟୀଙ୍କ ଘରୁ ବନ୍ଧୁକ ଦେଖାଇ ଦୁର୍ବୃତ୍ତମାନେ ପ୍ରାୟ ୨୫ ଲକ୍ଷ ଟଙ୍କାର ସୁନା, ରୂପା ଏବଂ ନଗଦ ଟଙ୍କା ଲୁଟି ନେଇଛନ୍ତି।
- ପୋଖରୀ ଖନନ ଦୁର୍ନୀତିକୁ କେନ୍ଦ୍ର କରି ବଲାଙ୍ଗୀରରେ ବିଜେଡି ଏବଂ କଂଗ୍ରେସ କର୍ମୀଙ୍କ ମଧ୍ୟରେ ମାରପିଟ୍ ଓ ଉତ୍ତେଜନା ଦେଖାଦେଇଛି।

# ସୌରଭ ଗାଙ୍ଗୁଲିଙ୍କ ସୁରକ୍ଷା ବ୍ୟବସ୍ଥା ହ୍ରାସ କଲେ ଶୁଭେନ୍ଦୁ ସରକାର



ପଶ୍ଚିମବଙ୍ଗ, ୦୬/୦୬: ପଶ୍ଚିମବଙ୍ଗରେ ପ୍ରଥମଥର କ୍ଷମତା ଦଖଲ କରିଥିବା ବିଜେପି ଏବେ ଭାରତୀୟ କ୍ରିକେଟ ଟିମର ପୂର୍ବତନ ଅଧିନାୟକ ତଥା ବେଙ୍ଗଲ କ୍ରିକେଟ ଆସୋସିଏସନର ସଭାପତି ସୌରଭ ଗାଙ୍ଗୁଲିଙ୍କ ସୁରକ୍ଷା ବ୍ୟବସ୍ଥାକୁ ହ୍ରାସ କରି ଦେଇଛି। ପ୍ରାୟ ୩ ବର୍ଷ ଧରି ଜେଡ ସ୍ତରୀୟ ସୁରକ୍ଷା ବଳୟ ମଧ୍ୟରେ ସୌରଭ ଗାଙ୍ଗୁଲି ରହୁଥିଲେ। କିନ୍ତୁ ଏବେ ଶୁଭେନ୍ଦୁ ଅଧିକାରୀଙ୍କ ନେତୃତ୍ୱାଧୀନ ବିଜୟ ସରକାର ତାଙ୍କ ସୁରକ୍ଷା ବ୍ୟବସ୍ଥାକୁ ହ୍ରାସ କରି ୱାଇ ସ୍ତରୀୟ କରି ଦେଇଛନ୍ତି। ବେଙ୍ଗଲରେ ସରକାର ପରିବର୍ତ୍ତନ ହେବା ପରେ ରାଜନୀତିକ ନେତା, ପୂର୍ବତନ ଅଧିକାରୀ ଓ ପ୍ରମୁଖ ବ୍ୟକ୍ତିବିଶେଷଙ୍କ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରାଯାଉଛି। ବାସ୍ତବ ବିପଦ ଥିବା ସ୍ଥଳେ ହିଁ ବ୍ୟକ୍ତିବିଶେଷଙ୍କୁ ସୁରକ୍ଷା ଯୋଗାଇ ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ଏହି ଘୋଷଣା ପରେ ଏବେ ଗାଙ୍ଗୁଲିଙ୍କ ସୁରକ୍ଷା ବ୍ୟବସ୍ଥାକୁ ହ୍ରାସ କରାଯାଇଛି। ୨୦୨୩ ମେ' ମାସ ଯାଏ ବେଙ୍ଗଲ ସରକାର ଗାଙ୍ଗୁଲିଙ୍କୁ ୱାଇ ସ୍ତରୀୟ ସୁରକ୍ଷା ଯୋଗାଇ ଦେଉଥିଲେ। ସେହି ସମୟରେ କୋଲକାତା ପୋଲିସ୍ ସ୍ପେଶାଲ ବ୍ରାଞ୍ଚର ୩ ଜଣ ଅଧିକାରୀଙ୍କୁ ଗାଙ୍ଗୁଲିଙ୍କ ସୁରକ୍ଷା ଦାୟିତ୍ୱ ମିଳିଥିଲା। ଏମାନଙ୍କ ମଧ୍ୟରେ ୨ ଜଣ ସଶସ୍ତ୍ର କର୍ମଚାରୀ ରହିଥିଲେ। ଅତିରିକ୍ତ ଭାବେ ଗାଙ୍ଗୁଲିଙ୍କ ବାସଭବନର ସୁରକ୍ଷା ପୋଲିସ୍ କରୁଥିଲା। ମେ' ୨୦୨୩ରେ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ସରକାର ଗାଙ୍ଗୁଲିଙ୍କ ସୁରକ୍ଷା ବ୍ୟବସ୍ଥାକୁ ବୃଦ୍ଧି କରି ଜେଡ ସ୍ତରୀୟ କରିଥିଲା। ଫଳରେ ଗାଙ୍ଗୁଲିଙ୍କ ସୁରକ୍ଷାରେ ସବୁବେଳେ ୮ରୁ ୧୦ ଜଣ ସୁରକ୍ଷା କର୍ମଚାରୀ ରହୁଥିଲେ। ତାଙ୍କ ବାସଭବନରେ ମୁତୟନ ହେଉଥିବା ପୋଲିସ୍ କର୍ମଚାରୀଙ୍କ ସଂଖ୍ୟାକୁ ବି ବୃଦ୍ଧି କରାଯାଇଥିଲା। ଗାଙ୍ଗୁଲି ରାଜ୍ୟ ଭିତରେ ଯେଉଁଠାକୁ ଯାଉଥିଲେ ଗୋଟିଏ ପୋଲିସ୍ ପାଇଲଟ ଭେଇକିଲ ତାଙ୍କ କନଭୟ ଆଗରେ ଯାଉଥିଲା। ପ୍ରାୟ ୩୦ରୁ ୩୫ ଜଣ କର୍ମଚାରୀ ତାଙ୍କ ସୁରକ୍ଷା ଦାୟିତ୍ୱରେ ରହୁଥିଲେ। ଏବେ ଶୁଭେନ୍ଦୁ ସରକାର ତାଙ୍କ ସୁରକ୍ଷା ବ୍ୟବସ୍ଥାକୁ ୱାଇ ସ୍ତରୀୟ କରି ଦେଇଛନ୍ତି। ଏହାର ଅର୍ଥ ମେ' ୨୦୨୩ ପୂର୍ବରୁ ଗାଙ୍ଗୁଲିଙ୍କୁ ଯେଉଁ ଭଳି ସୁରକ୍ଷା ବଳୟ ମିଳୁଥିଲା ଏବେ ଏହା ପୁଣି ଲାଗୁ ହେବ। ତାଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ଅତିରିକ୍ତ ଅଧିକାରୀଙ୍କୁ ହଟାଇ ଦିଆଯାଇଛି।

# ବଢ଼ିପାରେ ଖରାଛୁଟି



ଭୁବନେଶ୍ୱର, ୦୬/୦୬ (ଜେଏନ୍‌ଏସ୍) : ବଢ଼ିପାରେ ଖରାଛୁଟି । ଖରା ନକମିଲେ ବଢ଼ିପାରେ ଖରାଛୁଟି । ସୂଚନା ଦେଲେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ପିଲାଙ୍କ ସୁରକ୍ଷା ଶିକ୍ଷା ବିଭାଗର ପ୍ରାଥମିକତା ବୋଲି କହିଛନ୍ତି ମନ୍ତ୍ରୀ । ସେହି ସମୟରେ ପରିସ୍ଥିତିକୁ ଦେଖି ନିଷ୍ପତ୍ତି ନିଆଯିବ କହିଛନ୍ତି ମନ୍ତ୍ରୀ । ପୂର୍ବରୁ ୧୬ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ପକ୍ଷରୁ ଛୁଟି ଘୋଷଣା କରାଯାଇଥିଲା । ଗତଦୁଇ ମାସ ତଳେ ସୂଚନାଥିଲା କି, ଏପ୍ରିଲ ୨୭ ରୁ ଖରାଛୁଟି ନେଇ ବଡ଼ ସୂଚନା ଦେଇଥିଲେ ମନ୍ତ୍ରୀ । ରାଜ୍ୟରେ ଜାରି ରହିଥିବା ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସ୍କୁଲ ଖରାଛୁଟି ଘୋଷଣା ନେଇ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଥିଲେ । ପାଣିପାଗର ସ୍ଥିତିକୁ ବିଚାର କରି ଆସନ୍ତା ଏପ୍ରିଲ ୨୭ ତାରିଖରୁ ରାଜ୍ୟରେ ଖରାଛୁଟି ଆରମ୍ଭ ହୋଇପାରେ ବୋଲି ମନ୍ତ୍ରୀ କହିଥିଲେ। ଏ ସମ୍ପର୍କରେ ମନ୍ତ୍ରୀ ଗଣ୍ଡ ସୂଚନା ଦେଇ କହିଥିଲେ ଯେ, ଛୁଟିକୁ ଏନେଇ ଆଜି ଏସଆରସିଙ୍କ ସହ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଥିଲା ।

## ତିନି ଦିନ ବିଳମ୍ବରେ ଗୋଆରେ ପହଞ୍ଚିଲା ମୌସୁମୀ, ଓଡ଼ିଶା ଛୁଇଁବାକୁ ଆହୁରି ଲାଗିବ

ନୂଆଦିଲ୍ଲୀ, ୦୬/୦୬: ପ୍ରାୟ ତିନି ଦିନ ବିଳମ୍ବ ପରେ, ଶନିବାର ମୌସୁମୀ ବାୟୁ ଗତି ବୃଦ୍ଧି ପାଇଛି ଏବଂ ଏହା ଗୋଆରେ ପହଞ୍ଚିଛି। କେରଳରେ ଆଗାମୀ ୨୪ ଘଣ୍ଟା ପାଇଁ ବର୍ଷାକୁ ନେଇ 'ରେଡ ଆଲର୍ଟ' ଜାରି କରାଯାଇଛି। ୱାୟାନାଡ ଏବଂ କାସରଗୋଡର ସ୍କୁଲଗୁଡ଼ିକ ଆଜି ବନ୍ଦ ରହିବ। ପାଣିପାଗ ବିଭାଗ ଅନୁଯାୟୀ, ଆଗାମୀ ତିନି ଦିନ ମଧ୍ୟରେ ମୌସୁମୀ ଆସାମ, ମେଘାଳୟ, ତ୍ରିପୁରା, ମଣିପୁର, ନାଗାଲାଣ୍ଡ, ଅରୁଣାଚଳ ପ୍ରଦେଶ ଏବଂ ବଙ୍ଗଳାର କିଛି ଅଂଶରେ ପହଞ୍ଚିପାରେ। ପରବର୍ତ୍ତୀ ସମୟରେ, ଏହା ୧୦ ଦିନ ମଧ୍ୟରେ ବିହାର, ଝାଡ଼ଖଣ୍ଡ ଏବଂ ଓଡ଼ିଶାରେ ପହଞ୍ଚିପାରେ। ଗୁଜୁରାଟ ବ୍ୟତୀତ ସମସ୍ତ ରାଜ୍ୟରେ ପ୍ରାକ ମୌସୁମୀ କାର୍ଯ୍ୟକଳାପ ଚାଲିଛି। ରାଜସ୍ଥାନ, ମଧ୍ୟ ପ୍ରଦେଶ, ଉତ୍ତର ପ୍ରଦେଶ, ଦିଲ୍ଲୀ, ପଞ୍ଜାବ, ହରିୟାଣା ଏବଂ ଜମ୍ମୁ ଓ କଶ୍ମୀରରେ ବର୍ଷା ହେଉଛି, ଯେଉଁଠାରେ 'ଅରେଞ୍ଜ ଆଲର୍ଟ' ଜାରି କରାଯାଇଛି। ଆଇଏମଡି ଅନୁଯାୟୀ, ଜୁନ ଶେଷ ସପ୍ତାହ ସୁଦ୍ଧା ମୌସୁମୀ ଦିଲ୍ଲୀ, ନୋଏଡା, ଗୁରୁଗ୍ରାମ ଏବଂ ଗାଜିଆବାଦରେ ପହଞ୍ଚିପାରେ। ଏହି ସମୟ ମଧ୍ୟରେ, ଏହା ହରିୟାଣା, ପଞ୍ଜାବ ଏବଂ ଚଣ୍ଡିଗଡ଼ର କିଛି ଅଂଶକୁ ମଧ୍ୟ ଆଗକୁ ବଢ଼ିପାରେ। ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ଯେ ହିମାଚଳ ପ୍ରଦେଶ, ଜମ୍ମୁ ଓ କଶ୍ମୀର ଏବଂ ଲଦାଖର କିଛି ଅଞ୍ଚଳରେ ପ୍ରାୟ ସମାନ ସମୟରେ ବର୍ଷା କାର୍ଯ୍ୟକଳାପ ପରିଲକ୍ଷିତ ହୋଇପାରେ। ଶୁକ୍ରବାର ରାତିରେ କେରଳରେ ପ୍ରବଳ ବର୍ଷା ଯୋଗୁ ପାଣି ଜମି ରହିବା ସହିତ ଅନେକ ଅଞ୍ଚଳରେ ଗଛ ଉପୁଡ଼ି ପଡ଼ିଛି। ବର୍ଷା ସହିତ ସମ୍ଭାବ୍ୟ ଝଡ଼ ଆସିବା ନେଇ ସତର୍କ କରାଇ ଆଇଏମଡି କେରଳର ଆଠଟି ଜିଲା ପାଇଁ 'ଅରେଞ୍ଜ ଆଲର୍ଟ' ଜାରି କରିଛି।

## ଫିଫା ବିଶ୍ୱକପର ଖେଳିବେ ୪ ଭାରତୀୟ ବଂଶୋଦ୍ଭବ

ନ୍ୟୁୟର୍କ, ୦୬/୦୬: ଫୁଟବଲ ମହାକୁମ୍ଭ ଫିଫା ବିଶ୍ୱକପର ୨୩ତମ ସଂସ୍କରଣ-୨୦୨୬ ଚଳିତ ଜୁନ୍ ୧୧ରୁ ଜୁଲାଇ ୧୯ ପର୍ଯ୍ୟନ୍ତ ଆମେରିକା, ମେକ୍ସିକୋ ଓ କାନାଡାରେ ଖେଳାଯିବ। ଉକ୍ତ ବିଶ୍ୱକପ ଆଉ ୫ ଦିନ ରହିଥିବାବେଳେ ଫୁଟବଲପ୍ରେମୀଙ୍କ ଉତ୍ସାହ ଚରମସୀମାରେ ପହଞ୍ଚିଛି। ୪୮ ଦେଶକୁ ନେଇ ଆୟୋଜିତ ହେବାକୁ ଯାଉଥିବା ଉକ୍ତ ବିଶ୍ୱକପରେ ଭାରତ ଅଂଶଗ୍ରହଣ କରୁନଥିଲେ ମଧ୍ୟ ୪ ଭାରତୀୟ ବଂଶୋଦ୍ଭବ ବିଭିନ୍ନ ଦଳ ପକ୍ଷରୁ ଖେଳିବାର ସୁଯୋଗ ପାଇଛନ୍ତି। ସେମାନେ ହେଲେ ଶରପ୍ରୀତ ସିଂହ, ସାମୁଏଲ ମୋଟୁସ୍ୱାମୀ, ତାସିନ ଅହମ୍ମଦ ଓ ଡୋକନ୍‌ସ ନାଜୁନ। ମିଡ୍‌ଫିଲଡର ଶରପ୍ରୀତ ସିଂହ ନ୍ୟୁଜିଲାଣ୍ଡ ଦଳରେ ସ୍ଥାନ ପାଇଛନ୍ତି। ଅକ୍‌ଲାଣ୍ଡରେ ଜନ୍ମିତ ଶରପ୍ରୀତଙ୍କ ପିତାମାତା ପଞ୍ଜାବର ମୂଳ ବାସିନ୍ଦା। ଶରପ୍ରୀତ ଚଳିତ ବର୍ଷ ନ୍ୟୁଜିଲାଣ୍ଡ ସିନିୟର ଦଳ ପକ୍ଷରୁ ପଦାର୍ପଣ କରିବା ସହିତ ବିଶ୍ୱକପ ଦଳରେ ସ୍ଥାନ ପାଇଛନ୍ତି। ସାମୁଏଲ ମୋଟୁସ୍ୱାମୀ ଡି.ଆର କଙ୍ଗୋ ଦଳରେ ସ୍ଥାନ ପାଇଛନ୍ତି। ତାମିଲନାଡୁର ମୂଳ ବାସିନ୍ଦା ସାମୁଏଲ ମୋଟୁସ୍ୱାମୀ ୨୦୧୯ରୁ ଡି ଆର କଙ୍ଗୋ ପକ୍ଷରୁ ଖେଳି ଆସୁଛନ୍ତି।

# ଖଣି ଖନନ ଉପରେ ନିଷେଧାଦେଶ ଜାରି ପାଇଁ ପ୍ରସ୍ତାବ ଗୃହୀତ




କୋରାପୁଟ, ୦୬/୦୬: (ଶରତ ନାୟକ) : ଖଣି ଖନନ ଉପରେ ନିଷେଧାଦେଶ ଜାରି ପାଇଁ ବିଶ୍ୱ ପରିବେଶ ଦିବସରେ କୋରାପୁଟ ଜିଲ୍ଲା ପ୍ରାକୃତିକ ସମ୍ପଦ ସୁରକ୍ଷା ସମ୍ମିଳନୀ'ରେ ପ୍ରସ୍ତାବ ଗୃହୀତ ହୋଇଛି। ବିଶ୍ୱ ପରିବେଶ ଦିବସରେ କୋରାପୁଟିଆ ଜନସୁରକ୍ଷା ସଂଘ ଓ ସେଣ୍ଟର୍ ଫର୍ କ୍ଲାଇମେଟିକ ଜଷ୍ଟିସ୍ ତରଫରୁ 'କୋରାପୁଟ ଜିଲ୍ଲା ପ୍ରାକୃତିକ ସମ୍ପଦ ସୁରକ୍ଷା ସମ୍ମିଳନୀ' ଆୟୋଜିତ ହୋଇଯାଇଛି। ଏହି ସମ୍ମିଳନୀରେ ପୂର୍ବର ଓ ବର୍ତ୍ତମାନର ସରକାର ଅବିଚାରିତ ଭାବେ ଆଦିବାସୀ ସମାଜ ସମେତ ଜଙ୍ଗଲରେ ରହୁଥିବା ସମସ୍ତ ମୂଳବାସୀଙ୍କ ଜୀବନ ଜୀବିକାକୁ ବିପର୍ଯ୍ୟସ୍ତ କରି କର୍ପୋରେଟ ମାନଙ୍କ ହାତରେ ଖଣି ଲିଜ୍ ପ୍ରଦାନ କରିବା ସମ୍ବିଧାନ ବିରୋଧୀ ଏବଂ ରାଜ୍ୟକୁ ସମ୍ବଳ ହୀନ କରିବାକୁ ଅତି ନିନ୍ଦନୀୟ ବୋଲି କୁହାଯାଇଛି । କୋରାପୁଟ ମାଳି ପର୍ବତ ସମେତ ସମଗ୍ର ରାଜ୍ୟରେ ନୂଆ ବକ୍ସାଇଟ୍ ଖଣି ଖନନ ଉପରେ ନିଷେଧାଦେଶ ଜାରି କରିବାକୁ ସମ୍ମିଳନୀରେ ପ୍ରସ୍ତାବ ଗୃହିତ ହୋଇଛି । ଏଠାରେ ରାଜ୍ୟର ବିଭିନ୍ନ ଜନ ଆନ୍ଦୋଳନ ଯଥା ମାଳି ପର୍ବତ ସୁରକ୍ଷା ସମିତି, ନିୟମଗିରି ସୁରକ୍ଷା ସମିତି, ମା' ମାଟି ମାଳି ସୁରକ୍ଷା ମଞ୍ଚ, ସେରୁବନ୍ଧ ସୁରକ୍ଷା ସମିତି, ନାଗେଶ୍ୱରୀ ମାଳି ଡଙ୍ଗର ମହା ଗ୍ରାମସଭା, ଗନ୍ଧମାର୍ଦନ ସୁରକ୍ଷା ସମିତି ସମେତ ବହୁ ଆନ୍ଦୋଳନର ନେତୃତ୍ୱ ଓ ପ୍ରତିନିଧି ଯୋଗ ଦେଇଥିଲେ। ସେଣ୍ଟର୍ ଫର୍ କ୍ଲାଇମେଟ୍ ଜଷ୍ଟିସ୍ ର ସଂସ୍ଥାପକ ତଥା ବିଶିଷ୍ଟ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା କହିଥିଲେ ଯେ ସମଗ୍ର ଦେଶର ୬୦ ପ୍ରତିଶତ ବକ୍ସାଇଟ ଆମ ଓଡ଼ିଶାର, ମାତ୍ର ୫ ଟି ଜିଲ୍ଲା କୋରାପୁଟ, ରାୟଗଡ଼ା, କଳାହାଣ୍ଡି,ବଲାଙ୍ଗୀର ଓ ବରଗଡ଼ରେ ରହିଛି । ବର୍ତ୍ତମାନ ପଞ୍ଚପଟ ମାଳି ,କୋଡିଙ୍ଗାମାଳି ଓ ବାଫିଲିମାଳି ରେ ଖଣି ଖନନ ଚାଲିଛି। ଯଦ୍ୱାରା ପରିବେଶ , ଜଳ ଉତ୍ସ ଗୁଡ଼ିକ ନଷ୍ଟ ହେବା ସହ ପ୍ରଦୂଷଣ ବୃଦ୍ଧି ହେବାରେ ଲାଗିଛି। ଏପର୍ଯ୍ୟନ୍ତ ଖଣି ଖନନ ଦ୍ୱାରା ଜଳ, ଜମି ଓ ଜଙ୍ଗଲର ଯେଉଁ କ୍ଷୟ କ୍ଷତି ହୋଇଛି, ତା ଦ୍ୱାରା ପ୍ରଭାବିତ ତଥା ବିସ୍ଥାପିତ ମାନଙ୍କୁ ନ୍ୟାୟ ମିଳି ପାରିନାହିଁ କିମ୍ବା ଉଜୁଡ଼ା ପରିବେଶର ପୁନରୁଦ୍ଧାର ହୋଇ ପାରିନାହିଁ। କିମ୍ବା ସରକାର ଏ ନେଇ ଚିନ୍ତା କରି ନାହାନ୍ତି। ବକ୍ସାଇଟର ଜଳଧାରଣ ଶକ୍ତି ଅଦ୍ୱିତୀୟ । ଗନ୍ଧମାର୍ଦ୍ଦନରୁ ନିୟମଗିରି,କର୍ଲାପାଟ, ଖଣ୍ଡୁଆଳମାଳି, ମାଂଝିଂମାଳି, ସିଜିମାଳି, କୁଟ୍ରୁମାଳି ,ଶାଶୁବୋହୁ ମାଳି,ବାସଂଗମାଳି , ଟିକିରି ମାଳି, କୋଡିଙ୍ଗା ମାଳି ,ମାଳିପର୍ବତ, ନାଗେଶ୍ୱରୀ ପାହାଡ, କର୍ଣ୍ଣକୋଣ୍ଡା, ପଞ୍ଚପଟମାଳୀ , ସେରୁବନ୍ଧ ଓ ଦେଓମାଳି ପର୍ଯ୍ୟନ୍ତ ଓଡ଼ିଶାର ନିରନ୍ତର ଜଳ ଧାରଣ କରୁଥିବା ଜଳଧାରାର ଗନ୍ତାଘର। ଏହି ବକ୍ସାଇଟ ପର୍ବତମାଳା କାହାର ଉପଭୋଗ୍ୟ ସାମଗ୍ରୀ କିମ୍ବା ଯୁଦ୍ଧ ତଥା ଧ୍ୱଂସ ପାଇଁ ବୋମା ପ୍ରସ୍ତୁତ କରିବାକୁ ପ୍ରକୃତି ଦେଇନାହିଁ। ଏହାର ପ୍ରଥମ କାମ ଜୀବଜଗତ ପାଇଁ ଜୀବନର ମୂଳ ଆବଶ୍ୟକତା ପାଣି ଓ ଏହାସହ ଥିବା ଜଙ୍ଗଲ ଅମ୍ଳଜାନ ପାଇଁ ଉଦ୍ଦିଷ୍ଟ। ଏଥିମଧ୍ୟରୁ ୨୦୨୧ ରୁ ଗୋଟାଏ ପରେ ଗୋଟେ ପାହାଡ଼ ପର୍ବତ ଖୋଳି ଶେଷ କରିଦେବାକୁ କଂପାନୀ ମାନଙ୍କୁ ସମସ୍ତ ଆଇନ,ସମ୍ବିଧାନର ନିର୍ଦ୍ଦେଶ ଓ ସାମ୍ବିଧାନିକ ଅଧିକାର କୁ ଉଲଂଘନ ଟେକି ଦିଆଯାଇଛି । ସମ୍ବିଧାନର ପଞ୍ଚମ ଅନୁଚ୍ଛେଦ ଅନୁଯାୟୀ ଆଦିବାସୀ ସମାଜ ପ୍ରାକୃତିକ ସମ୍ପଦର ମାଲିକ । ରାଷ୍ଟ୍ରର ନିର୍ଦ୍ଦେଶିକା ନୀତି ନିୟମାବଳୀର ଧାରା ୩୯ (ସି) ଅନୁଯାୟୀ କୌଣସି ବ୍ୟକ୍ତି ,ସଂସ୍ଥା ବା କମ୍ପାନୀ ହାତରେ ରାଷ୍ଟ୍ରର ସମ୍ବଳ ଠୁଳ କରା ଯିବନାହିଁ। କିନ୍ତୁ ଏହାର ସମ୍ପୂର୍ଣ୍ଣ ଉଲଂଘନ କରାଯାଇ ସ୍ଥାନୀୟ ଆଦିବାସୀ ଓ ପାରମ୍ପରିକ ଜଙ୍ଗଲ ବାସୀଙ୍କ ବିନା ସମ୍ମତିରେ ଜବରଦସ୍ତ ଖଣି ଖନନ କରିବାକୁ ସରକାରଙ୍କ ଆଇନ ବିରୋଧୀ ସମ୍ବିଧାନ ବିରୋଧୀ ପଦକ୍ଷେପ ନେଉଛନ୍ତି ବୋଲି ସମ୍ମିଳନୀରେ ଅଭିଯୋଗ ଉଠିଥିଲା । ଏହି ଜନବିରୋଧୀ ପଦକ୍ଷେପ ତଥା ବିକାଶ ନାମରେ ବିନାଶ ନୀତିକୁ ବିରୋଧ କରିବା ସହ ରାଜ୍ୟରେ ନୂଆ ବକ୍ସାଇଟ୍ ଖଣି ଖନନକୁ ନିଷେଧ କରିବାକୁ ଶ୍ରୀ ସାମନ୍ତରା ଏକ ପ୍ରସ୍ତାବ ଆଗତ କରିଥିଲେ । ଉକ୍ତ ପ୍ରସ୍ତାବକୁ କୋରାପୁଟିଆ ଜନ ସୁରକ୍ଷା ସଂଘର ସଭାପତି ଦାସୀ ନନ୍ଦିବାଲି ସମର୍ଥନ କରିବାପରେ ସର୍ବସମ୍ମତି କ୍ରମେ ଏହି ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ସମ୍ମିଳନୀ ମାଧ୍ୟମରେ ବିଭିନ୍ନ ବକ୍ତା ଦାବି କରିଥିଲେ ଯେ କୋରାପୁଟର ମାଳି ପର୍ବତ ସମେତ ୨୦୨୧ ରୁ ଆଜି ପର୍ଯ୍ୟନ୍ତ ଦିଆ ଯାଇଥିବା ସମସ୍ତ ବକ୍ସାଇଟ ଖଣି ଲିଜ ଗୁଡିକୁ ପ୍ରତ୍ୟାହାର କରାଯାଉ। ପ୍ରାକୃତିକ ସମ୍ପଦ ସୁରକ୍ଷା ପାଇଁ ଚାଲିଥିବା ଜନ ଆନ୍ଦୋଳନ କର୍ମୀ ଓ ନେତା ମାନଙ୍କ ଉପରେ ହେଉଥିବା ଦମନ ବନ୍ଦ କରି ପୋଲିସ୍ ପକ୍ଷରୁ ଦାୟର କରାଯାଇଥିବା ସମସ୍ତ ମିଥ୍ୟା ମାମଲା ଗୁଡିକୁ ପ୍ରତ୍ୟାହାର କରାଯାଉ। ମାଳି ପର୍ବତ ସୁରକ୍ଷା ସମିତିର ନେତା ନିରଞ୍ଜନ ଖିଲଙ୍କ ସଂଯୋଜନାରେ ଏହି ସଭାରେ ରାଜ୍ୟର ଜନ ଆନ୍ଦୋଳନ ମାନଙ୍କର ନେତୃ ମଣ୍ଡଳୀ ଯଥା ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟର ଆବାହକ ଲିଙ୍ଗରାଜ,ଜନ ଆନ୍ଦୋଳନ ମାନଙ୍କର ରାଷ୍ଟ୍ରୀୟ ସମନ୍ୱୟ (ଏନ୍.ଏ.ପି.ଏମ୍)ର ରାଜ୍ୟ ଆବାହକ ନରେନ୍ଦ୍ର ମହାନ୍ତି, ଏ.ଆଇ.କେ.ଏମ୍.ଏସ୍ ର ଭାଲଚନ୍ଦ୍ର ଷଡ଼ଙ୍ଗୀ ,ଆଡଭୋକେଟ୍ ଗୁପ୍ତେଶ୍ୱର ପାଣିଗ୍ରାହୀ , ବିଭିନ୍ନ ଜନ ଆନ୍ଦୋଳନର ନାରଙ୍ଗୀଦେଇ ମାଝୀ, ଲକ୍ଷ୍ମୀ ସୀସା, ବିଜୟ ଖିଲ, ଅଜୟ ମୁଦୁଲି, ଆଲମା ଫୁଲ, ସୁବାସ ଧରୁଆ, ରାଜକୁମାର ସେଠ, ତ୍ରିଲୋଚନ ପୁଞ୍ଜି, ନାଚିକା ଲିଙ୍ଗା, ଟିକାଇ ଗେମେଲ୍, ମଧୁସୂଦନ ଦାଡିଆ, ତ୍ରିଲୋଚନ ମୁଦୁଲି, ଧନପତି ତିଡିଙ୍ଗ୍, ସୋମନାଥ ଗୁଣ୍ଟା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ଖଣି ଖନନ ବିରୋଧରେ ପ୍ରତିରୋଧ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଘୋଷଣା କରିଥିଲେ। ଏହି ସମ୍ମିଳନୀରେ ଅତିଥି ରୂପେ ଯୋଗଦେଇ ବରିଷ୍ଠ ସାମ୍ବାଦିକ ସତ୍ୟପ୍ରକାଶ ନାୟକ ଉଦବୋଧନ ଦେଇ ରାଜ୍ୟର ପ୍ରାକୃତିକ ସମ୍ପଦ ଲୁଟ କୁ ବନ୍ଦ କରିବାପାଇଁ ଜନ ଆନ୍ଦୋଳନକୁ ଜୋରଦାର କରାଯିବାର ଆବଶ୍ୟକତା ଅଛି ବୋଲି ମତବ୍ୟକ୍ତ କରିଥିଲେ।

## ନରୱେ ଚେସ୍ ଚାମ୍ପିଅନ ଜିତିଥିବା ପ୍ରଥମ ଭାରତୀୟ ଆର. ପ୍ରଜ୍ଞାନନ୍ଦା




ଭାରତର ଗ୍ରାଣ୍ଡମାଷ୍ଟର ଆର. ପ୍ରଜ୍ଞାନନ୍ଦା ଇତିହାସ ରଚିଛନ୍ତି । ଚଳିତ ନରୱେ ଚେସ୍-୨୦୨୬ର ଟାଇଟଲ ଜିତିଛନ୍ତି । ଫାଇନାଲ ରାଉଣ୍ଡରେ ପ୍ରଜ୍ଞାନନ୍ଦା ଜର୍ମାନୀର ଭିନସେଣ୍ଟ କିମରଙ୍କୁ ହରାଇଛନ୍ତି । ଶେଷ ରାଉଣ୍ଡରେ କିମରଙ୍କୁ ହରାଇ ୩ ପଏଣ୍ଟ ସହିତ ୧୮ ପଏଣ୍ଟ ହାସଲ କରି ନରୱେ ଚେସ୍ ଚାମ୍ପିଅନ ହୋଇଛନ୍ତି । ଜିତିବା ପରେ ପ୍ରଜ୍ଞାନନ୍ଦ କହିଛନ୍ତି, ଜିତିବା ବେଳେ ମୋତେ ବହୁତ ଟେନସନ ଲାଗିଥିଲା । ମୁଁ ଏବେ ବି ସେହି ଜୋନରେ ରହିଛି । ୪ଟି କ୍ଲାସିକାଲ ଗେମ୍ ଜିତିବା ଏହି ଟୁର୍ଣ୍ଣାମେଣ୍ଟ ଜିତିବା ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ । ପ୍ରଜ୍ଞାନନ୍ଦ ଟୁର୍ଣ୍ଣାମେଣ୍ଟରେ ୪ଟି ଲଗାତାର ଜିତିବା ପରେ ଦୁଇଟି ମ୍ୟାଚ ଡ୍ର କରିଥିଲେ । ଆଉ ୧୮ ପଏଣ୍ଟ ସହିତ ସବୁଠାରୁ ଆଗରେ ରହି ଚାମ୍ପିଅନ ହୋଇଛନ୍ତି । ନବମ ରାଉଣ୍ଡ ଶେଷ ସୁଦ୍ଧା ଆମେରିକାର ୱେସଲି ସୋ (୧୫.୫),ଭାରତର ଆର୍. ପ୍ରଜ୍ଞାନନ୍ଦା (୧୫) ଓ ଫ୍ରାନ୍ସର ଅଲିରେଜା ଫିରୌଜା (୧୪.୪) ଟାଇଟଲ୍ ଦୌଡ଼ରେ ଆଗୁଆ ରହିଥିଲେ । ନବମ ରାଉଣ୍ଡରେ ପ୍ରଜ୍ଞାନନ୍ଦା ବିଶ୍ୱ ଚାମ୍ପିଅନ୍ ଭାରତୀୟ ଗ୍ରାଣ୍ଡମାଷ୍ଟର ଡି. ଗୁକେଶଙ୍କୁ ହରାଇ ପଏଣ୍ଟ ତାଲିକାରେ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଥିଲେ । ସୋ ଓ ଅଲିରେଜା କ୍ଲାସିକାଲ ଗେମରେ ନରୱେର ମାଗନସ୍ କାର୍ଲସେନ ଓ ଜର୍ମାନୀର ଭିନସେଣ୍ଟ କିମରଙ୍କ ସହ ପଏଣ୍ଟ ଭାଗ କରିଥିଲେ । ଏହାପରେ ଉଭୟ ଆର୍ମାଗେଡନରେ ବିଜୟ ହାସଲ କରିଥିଲେ । ଦଶମ ରାଉଣ୍ଡରେ ପ୍ରଜ୍ଞାନନ୍ଦା-କିମର, ଗୁକେଶ -କାର୍ଲସେନ, ସୋ-ଫିରୋଜା ସାମ୍ନାସାମ୍ନି ହୋଇଥିଲେ । ମହିଳା ବର୍ଗରେ ବିବିସାରା ଆସାଉବାୟେଭା ସର୍ବାଧିକ ୧୬.୫ପଏଣ୍ଟ ସହ ଶୀର୍ଷ ସ୍ଥାନ ବଜାୟ ରଖୁଥିବାବେଳେ ଟାଇଟଲ୍ ନିଶ୍ଚିତ କରିଛନ୍ତି ।

## କଥା ସ୍ୱାଭିମାନର ବିଚାର ଆପଣଙ୍କର..



ଶାରଦା ପ୍ରସନ୍ନ ସ୍ୱାଇଁ

# ଯୁବ ପ୍ରେରଣାର ଉତ୍ସ ଡକ୍ଟର ଅବଦୁଲ୍ କଲାମ୍



ଭାରତର ପୂର୍ବତନ ରାଷ୍ଟ୍ରପତି, ପ୍ରସିଦ୍ଧ ବୈଜ୍ଞାନିକ ତଥା 'ମିସାଇଲ୍ ମ୍ୟାନ୍' ଡକ୍ଟର ଏ. ପି. ଜେ. ଅବଦୁଲ୍ କଲାମ୍ ତାଙ୍କର ଅସାଧାରଣ ସରଳତା, ନିଷ୍ଠା ଓ ମହାନତା ପାଇଁ ଆଜି ବି ସେ କୋଟି କୋଟି ଜନତାଙ୍କ ହୃଦୟରେ ଅମର। ସେ ଜଣେ ବିଶ୍ୱସ୍ତରୀୟ ବୈଜ୍ଞାନିକ ଓ ଦେଶର ପ୍ରଥମ ନାଗରିକ ହୋଇ ମଧ୍ୟ ଅତ୍ୟନ୍ତ ସରଳ ଜୀବନଯାପନ କରୁଥିଲେ। ତାଙ୍କର ସେହି ମହାନ ସରଳତା ପ୍ରତି ସମ୍ମାନ ଜଣାଇ ଆସନ୍ତୁ ଜାଣିବା ତାଙ୍କ ବିଷୟରେ କିଛି ରୋଚକ କଥା ।

ଯେବେ ଶିଲଂରେ ଡକ୍ଟର ଅବଦୁଲ କଲାମ ସାହାବଙ୍କ ମୃତ୍ୟୁ ହେଲା, ସେତେବେଳେ ସାରା ଦୁନିଆ କାନ୍ଦିଥିଲା। କିନ୍ତୁ ପ୍ରକୃତ କଥା ତ ପରଦିନ ଦିଲ୍ଲୀରେ ଜଣାପଡ଼ିଲା । ଲୋକମାନେ ତାଙ୍କ ରୁମ୍‌ର ତାଲା ଖୋଲିବାକୁ ପହଞ୍ଚିଗଲେ, ସମସ୍ତେ ଦେଖିବାକୁ ଚାହୁଁଥିଲେ ଯେ ଏତେ ବଡ଼ ଜଣେ ବୈଜ୍ଞାନିକ, ଯିଏ ୪୦ ବର୍ଷ ଧରି ସରକାରଙ୍କ ବଡ଼ ବଡ଼ ପଦବୀରେ ରହିଲେ ଏବଂ ୫ ବର୍ଷ ପର୍ଯ୍ୟନ୍ତ 'ରାଇସିନା ହିଲ୍ସ' (ରାଷ୍ଟ୍ରପତି ଭବନ)ର ରାଜା ହୋଇ ରହିଲେ, ସେ ଶେଷରେ କେତେ ସମ୍ପତ୍ତି ଛାଡ଼ି ଯାଇଛନ୍ତି । କିନ୍ତୁ ଯେତେବେଳେ ରୁମ୍ ଖୋଲିଲା, ସେଠାରେ ନିରବତା ଖେଳିଗଲା। ସେଠାରେ କୌଣସି ତିଜୋରି ନଥିଲା, କୌଣସି ବିଳାସପୂର୍ଣ୍ଣ କାର୍‌ର ଚାବି ନଥିଲା କି କୌଣସି ବିଦେଶୀ ବ୍ୟାଙ୍କର ପାସ୍‌ବୁକ୍ ନଥିଲା ।

ସେହି ରୁମ୍‌ର ଗୋଟିଏ କୋଣରେ ପଡ଼ିଥିବା ଏକ ଛୋଟ ସିନ୍ଦୁକରୁ କେବଳ ଏତିକି ମିଳିଥିଲା । ୬ଟି ପୁରୁଣା ସାର୍ଟ ଏବଂ ୪ଟି ଟ୍ରାଉଜର (ଯାହାକୁ ସେ ନିଜେ ଧୋଉଥିଲେ)। ୩ଟି ପୁରୁଣା ସୁଟ୍ (ଗୋଟିଏ ତ ରାଷ୍ଟ୍ରପତି ହେବା ସମୟରେ ସିଲେଇ ହୋଇଥିଲା, ଯାହାକୁ ସେ ୫ ବର୍ଷ ପର୍ଯ୍ୟନ୍ତ ପିନ୍ଧିଥିଲେ) । ଗୋଟିଏ ହାତ ଘଣ୍ଟା ,ଯାହା ସେ ସମୟର ପାବନ୍ଦ ଥିଲା, କିନ୍ତୁ ଦେଖାଣିଆ ପଣଠାରୁ ବହୁ ଦୂରରେ ଥିଲା। ଗୋଟେ ପୁରୁଣା ଲ୍ୟାପଟପ୍ ଏବଂ ଗୋଟେ ବୀଣା। ଏବଂ ସବୁଠାରୁ ମୂଲ୍ୟବାନ ଜିନିଷ ୨,୫୦୦ଟି ବହି, ବାସ୍ ! ଏତିକି ହିଁ ଥିଲା। ସେହି ବ୍ୟକ୍ତିଙ୍କ ସମୁଦାୟ ପୁଞ୍ଜି, ଯିଏ ଭାରତକୁ ପରମାଣୁ ଶକ୍ତି ସମ୍ପନ୍ନ କରିଥିଲେ।

ଆଶ୍ଚର୍ଯ୍ୟର କଥା ଜାଣିଛନ୍ତି କ'ଣ? ଅବଦୁଲ କଲାମ ନିଜ ସାରା ଜୀବନର ଦରମା ଏବଂ ପେନସନ୍ ମଧ୍ୟ 'ଚଟଜଇ' ନାମକ ଏକ ସଂସ୍ଥାକୁ ଚୁପଚାପ୍ ଦାନ କରି ଦେଇଥିଲେ। ଯେଉଁ ମଣିଷଙ୍କ ଗୋଟିଏ ଦସ୍ତଖତରେ ଦେଶର କୋଟି କୋଟି ଟଙ୍କାର ବଜେଟ୍ ସ୍ଥିର ହେଉଥିଲା, ସେ ନିଜ ପାଇଁ ଇଞ୍ଚେ ଜାଗା ମଧ୍ୟ କିଣି ନଥିଲେ।

ଆଜି ଆମେ ୨ହଜାର ଟଙ୍କାର ଜୋତା ଏବଂ ୫ହଜାର ଟଙ୍କାର ଚଷମା ପିନ୍ଧି ନିଜକୁ ଧନୀ ବୋଲି ଭାବୁଛୁ। କିନ୍ତୁ ସେହି 'ମହାପୁରୁଷ' କୌଣସି ବ୍ରାଣ୍ଡ ବିନା ସାରା ଦୁନିଆକୁ ନିଜର ପ୍ରଶଂସକ ବନାଇ ଦେଇଥିଲେ।

କଲାମ ସାହାବ ମରି ମରି ମଧ୍ୟ ଆମ ସମସ୍ତଙ୍କୁ ଏକ ଆଇନା ଦେଖାଇ ଦେଇଛନ୍ତି ଯେ, 'ମଣିଷ ନିଜ ସମ୍ପତ୍ତିରୁ ନୁହେଁ, ବରଂ ନିଜର ବ୍ୟକ୍ତିତ୍ୱ ଓ ବିଚାରରୁ ବଡ଼ ହୋଇଥାଏ'

ଯଦି ଆଜି ଆପଣଙ୍କ ପାଖରେ ରହିବା ପାଇଁ ଛାତ ଏବଂ ପିନ୍ଧିବା ପାଇଁ କପଡ଼ା ଅଛି, ତେବେ ଆପଣ ସେହି ସମୟର ରାଷ୍ଟ୍ରପତିଙ୍କଠାରୁ ମଧ୍ୟ ଅଧିକ 'ଧନୀ'। କିନ୍ତୁ କ'ଣ ଆପଣଙ୍କ ପାଖରେ ତାଙ୍କ ଭଳି 'ହୃଦୟ'ଟିଏ ଅଛି ?

ରାଷ୍ଟ୍ରପତି ହେବା ସମୟରେ ସେ ମାତ୍ର ଦୁଇଟି ସୁଟକେସ୍ ନେଇ ରାଷ୍ଟ୍ରପତି ଭବନକୁ ଯାଇଥିଲେ। ସେଥିରେ କେବଳ କିଛି ବହି ଏବଂ ତାଙ୍କର ସାଧାରଣ ପୋଷାକ ଥିଲା। କାର୍ଯ୍ୟକାଳ ଶେଷ ହେବା ପରେ ମଧ୍ୟ ସେ ସେତିକି ଜିନିଷ ଧରି ଫେରିଥିଲେ। ସେ କେବେ ମଧ୍ୟ ଭୋଗ ବିଳାସ କିମ୍ବା ଆଡ଼ମ୍ବରପୂର୍ଣ୍ଣ ଜୀବନକୁ ପସନ୍ଦ କରୁନଥିଲେ। ନିଜର ବ୍ୟକ୍ତିଗତ ଖର୍ଚ୍ଚ ସେ ନିଜ ଦରମାରୁ ହିଁ କରୁଥିଲେ। ରାଷ୍ଟ୍ରପତି ଭବନକୁ ଆସିଥିବା ତାଙ୍କ ସ୍ୱାଧୀନ ପରିବାରର ସଦସ୍ୟଙ୍କ ରହଣି ଓ ଖାଦ୍ୟ ଖର୍ଚ୍ଚ ମଧ୍ୟ ସେ ନିଜ ପକେଟରୁ ଦେଇଥିଲେ। ପିଲାମାନଙ୍କ ପ୍ରତି ଅନାବିଳ ଭଲ ପାଇବା ।

ସେ ନିଜକୁ ସବୁବେଳେ ଜଣେ ଶିକ୍ଷକ ବୋଲି ଭାବୁଥିଲେ। ପ୍ରୋଟୋକଲ୍ ବା ସୁରକ୍ଷା ବ୍ୟବସ୍ଥାକୁ ପଛରେ ପକାଇ ସେ ସାଧାରଣ ପିଲାମାନଙ୍କ ସହ ମିଶି ଯାଉଥିଲେ। ଯୁବପିଢ଼ିଙ୍କୁ ସେ ସବୁବେଳେ ବଡ଼ ସ୍ୱପ୍ନ ଦେଖିବାକୁ ଏବଂ ତାହାକୁ ସାକାର କରିବାକୁ ପ୍ରେରଣା ଦେଉଥିଲେ। ସମ୍ପତ୍ତି ପ୍ରତି ମୋହ ନଥିଲା । ଦେଶର ସର୍ବୋଚ୍ଚ ପଦବୀରେ ରହି ମଧ୍ୟ ସେ ନିଜ ପାଇଁ କୌଣସି ବ୍ୟକ୍ତିଗତ ସମ୍ପତ୍ତି ବା ଘର କରି ନଥିଲେ। ତାଙ୍କର ପ୍ରକୃତ ସମ୍ପତ୍ତି ଥିଲା ତାଙ୍କର ହଜାର ହଜାର ବହି ଏବଂ ଦେଶବାସୀଙ୍କ ଭଲ ପାଇବା। ଡକ୍ଟର କଲାମ୍‌ଙ୍କ ସରଳତା ହିଁ ତାଙ୍କୁ ଜଣେ ଜନସାଧାରଣଙ୍କ ରାଷ୍ଟ୍ରପତି' ପିପୁଲ୍‌ସ ପ୍ରେସିଡେଣ୍ଟ୍ ଭାବେ ଗଢ଼ି ତୋଳିଥିଲା। ତାଙ୍କର ଏହି ନିଷ୍ଠାପର ଜୀବନ ଆମ ସମସ୍ତଙ୍କ ପାଇଁ ଏକ ବଡ଼ ପ୍ରେରଣା। ଏହି ମହାପୁରୁଷଙ୍କ ସରଳତା ପ୍ରତି ସମ୍ମାନ ଓ କୋଟି କୋଟି ପ୍ରଣାମ ।

ଆସନ୍ତୁ ଯୁବ ଶକ୍ତି ଏକାଠି ହେବା ଏକ ବୈପ୍ଳବିକ ପରିବର୍ତ୍ତନ ଆହ୍ୱାନ ଦେବା ଓ ବିପ୍ଳବ ଆଣିବା-ବିକଳ୍ପ ବାଛିବା-ବିକାଶ କରିବା ।

**ସାଧାରଣ ସଂପାଦକ**
**ଜନ ଜାଗରଣ**

Published by Sarada Prasanna Swain, at Aitalanga, Athantar, Near Narayani Temple, Bbsr, Khordha, Odisha-752102 and Owned by Sri Bijay Kumar Patnaik at Plot No-492, K1, Kalinga Nagar, Ghatikia, Bhubaneswar,Khordha,Odisha 751003, and Printed by Lalat Kishore Bhanj ,Mayur Printers, Plot No-D1/1, section-A, Zone-D,Mancheswar Industrial Estate, Khordha, Odhisha, 752102, Mobile Number-0674-3573358, Email-janabartadigital@gmail.com
ସମ୍ପାଦକ: ଶୁଭେନ୍ଦୁ ରାୟ ମହାପାତ୍ର
Editor: Suvendu Ray Mohapatra